

Digitized by PPRACHIN, SOA

# ପରିବାର କଲ୍ୟାଣ ଆପଣଙ୍କ ପାଇଁ

'ପରିବାର କଲ୍ୟାଣ' ଏକ ବହୁମୁଖୀ କାର୍ଯ୍ୟକ୍ରମ । ମା' ଓ ଶିଶୁ ସ୍ୱାସ୍ଥ୍ୟର ଅଭିବୃଦ୍ଧି ଏବଂ ପାରିବାରିକ ସମୃଦ୍ଧି ଏହାର ମୂଳମନ୍ତ୍ର ।

ପରିବାରକୁ ସୀମିତ କରିବା ପାଇଁ ନାରୀ ଓ ପୁରୁଷର ଅସ୍ତ୍ରୋପଚାର, ସନ୍ତାନ ଜନ୍ମରେ ବ୍ୟବଧାନ ରକ୍ଷା କରିବା ପାଇଁ ଲୁପ୍ ଏବଂ ନିରୋଧର ବ୍ୟବହାର--ଏ ସମସ୍ତ ସୁବିଧା ଆପଣ ବିନା ଖର୍ଚ୍ଚରେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ ପାଇ ପାରିବେ ।

ନିଜ ପରିବାରକୁ ସୀମିତ କରି ନିଜର ତଥା ଦେଶର ଅର୍ଥନୀତିକ ଅଗ୍ରଗତିରେ ସହାୟକ ହୁଅନ୍ତୁ ।

ରାଜ୍ୟ ପରିବାର କଲ୍ୟାଣ ସଂସ୍ଥା,
ଭୁବନେଶ୍ୱର

Digitized by PPRACHIN, SOA

# ବାଣୀଚିତ୍ର

BANICHITRA

ଚଳଚ୍ଚିତ୍ର କଳା, ସାହିତ୍ୟ ଓ ସଂସ୍କୃତିର
ମାସିକ ପତ୍ରିକା
ଭୁବନେଶ୍ୱର-୧

ଅଷ୍ଟମ ବର୍ଷ—୨ୟ ସଂଖ୍ୟା

ମୁଖ୍ୟ ସମ୍ପାଦକ
**ଶ୍ରୀ ପରୀକ୍ଷିତ ଜେନା**

ସମ୍ପାଦକ
**ଶ୍ରୀ ଭାସ୍କର ଚନ୍ଦ୍ର ଜେନା**

ଯୁଗ୍ମ ସମ୍ପାଦକ
**ଶ୍ରୀ ନବଘନ ଦାସ**

ସହ ସମ୍ପାଦକ
**ଶ୍ରୀ ଅଭିରାମ ସାମଲ**

ସଂଯୋଜକ
**ଶ୍ରୀ ଗିରୀଶ ଚନ୍ଦ୍ର ନାୟକ**

ଦିଗ୍‌ଦର୍ଶକ
**ଶ୍ରୀ ସଚ୍ଚିଦାନନ୍ଦ ରାଉତ**

ବିଶେଷ ସହଯୋଗ :
ଶ୍ରୀ ଗଙ୍ଗା ନାରାୟଣ ରଥ
ଶ୍ରୀ ସୁଧୀର ପଟ୍ଟନାୟକ

**ସୁନା ସଂସାର ଓ ଉଆପୋଇ ବିଶେଷାଙ୍କ**

**ମୂଲ୍ୟ : ତିନି ଟଙ୍କା.**

## ସମ୍ପାଦକୀୟ—

ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ଆଜି ବଳିଷ୍ଠ ରୂପ ନେବାକୁ ଯାଉଛି । ଏହି ଅବସରରେ ସମଗ୍ର ଓଡ଼ିଶାର ଜନସାଧାରଣଙ୍କର ସହଯୋଗ ସଙ୍ଗେ ସଙ୍ଗେ ଆମର ଶିଳ୍ପୀ, କଳାକାର, ଶିଳ୍ପପତି ଓ ସର୍ବୋପରି ଆମ ରାଜ୍ୟ ସରକାରଙ୍କର ସହଯୋଗ ଏକାନ୍ତ ଆବଶ୍ୟକ । ଦର୍ଶକର ରୁଚି ବଦଳିଛି, ଓଡ଼ିଆ ଚିତ୍ର ଦେଖିବାର ମନୋବୃତ୍ତି ମଧ୍ୟ ବଦଳିଛି । ତେଣୁ ଯେଉଁସବୁ ତରୁଣ ଓ ପ୍ରବୀଣ ଚିତ୍ର ପ୍ରଯୋଜକମାନେ ଚିତ୍ର ପ୍ରଯୋଜନା କରୁଛନ୍ତି, ସେମାନେ ଉନ୍ନତ ମାନର [illegible]ୀୟ ଚିତ୍ର ନିର୍ମାଣରେ ମନ ଦିଅନ୍ତୁ । ପ୍ରଦେ[illegible]କ ମାନେ ଉଭୟଙ୍କ ମଧ୍ୟରେ ଠିକ୍ ବୁଝାମଣା ରଖି ଚିତ୍ର ପ୍ରଦର୍ଶନ କରିବା ଆବଶ୍ୟକ ଏବଂ ପ୍ରତ୍ୟେକ କଳାକାର ଶିଳ୍ପୀମାନେ ପ୍ରଯୋଜନା ଗୋଷ୍ଠୀ ସହ ସମ୍ପର୍କ ସ୍ଥାପନ କରି ସହଯୋଗ କରିବା ଆବଶ୍ୟକ । ଗଲିତ ଦଶକରେ ଓଡ଼ିଆ ଚିତ୍ର ଶିଳ୍ପର ଅଗ୍ରଗତି ଦେଖିଲେ ବାସ୍ତବିକ ଆମର ଛାତି କୁଣ୍ଢେମୋଟ ହୋଇଉଠେ ।

ଗଲିତ ଦଶକରେ ଆମେ ରଙ୍ଗୀନ ଚିତ୍ର ଦେଖିବାକୁ ସକ୍ଷମ ହୋଇଛୁ । ଓଡ଼ିଆ ଚିତ୍ରକୁ ଆନ୍ତର୍ଜାତୀୟ ସ୍ତରକୁ ଆଣିବାକୁ ଅଗ୍ରଣୀ ହୋଇଛୁ । ଗଭୀରଧର୍ମୀ ଚିତ୍ର, ବହୁ ପରୀକ୍ଷାମୂଳକ ଚିତ୍ର ଓ ପୌରାଣିକ ଚିତ୍ରମାନ ନିର୍ମାଣ କରି ଏହି ଚିତ୍ର ଶିଳ୍ପକୁ ଆଗେଇ ନେବାକୁ ଅଣ୍ଟା ଭିଡ଼ିଛୁ । ଏହା ବାସ୍ତବିକ ଗୌରବର ବିଷୟ । ସଂପ୍ରତି ଆମ ଚିତ୍ର ଶିଳ୍ପର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରତିଷ୍ଠିତ ଚଳଚ୍ଚିତ୍ର ଅଭିନେତା ପ୍ରଯୋଜକ ଶ୍ରୀ ଧୀର ବିଶ୍ୱାଳ ଯେଉଁ

Digitized by PPRACHIN, SOA

'ଓଡ଼ିଆ ଚଳଚ୍ଚିତ୍ର ପରିଷଦ' ଗଠନର ଆୟୋଜନ କରିଛନ୍ତି ତାହା ବାସ୍ତବିକ ସ୍ୱାଗତଯୋଗ୍ୟ । ଏଥିପାଇଁ ଚଳଚ୍ଚିତ୍ର ସହ ସଂପୃକ୍ତ ବ୍ୟକ୍ତିବିଶେଷ ସହଯୋଗ କରିବା ଆବଶ୍ୟକ ।

ଶେଷରେ ବାଣୀଚିତ୍ରର ବିଶେଷ ସଂଖ୍ୟା ପ୍ରକାଶନ ସମ୍ପର୍କୀୟ କିଛି ସୂଚନା ଦେବାକୁ ଉଚିତ ମନେ କରୁଛି । ଚଳଚ୍ଚିତ୍ର ନିର୍ମାଣ ସହ ସଂପୃକ୍ତ ବ୍ୟକ୍ତି ବିଶେଷ ଓ ଅନ୍ତରାଳରେ ରହି ଯାଉଥିବା କୁଶଳୀ ଶିଳ୍ପୀଙ୍କ ସମ୍ପର୍କରେ କିଛିଟା ଦୃଷ୍ଟିପାତ କରିବା ସଙ୍ଗେ ସଙ୍ଗେ ଚଳଚ୍ଚିତ୍ରରେ ଅଭିନୟ କରିଥିବା କଳାକାରମାନଙ୍କର ଅଙ୍ଗେ ନିଭେଇବା କଥାକୁ ଚିତ୍ରଚିତ୍ର ବିଶେଷ ସଂଖ୍ୟାରେ ପ୍ରକାଶକରିବା ଆମର ଲକ୍ଷ୍ୟ । ଯେତେ ସଂଖ୍ୟାରେ ଆଗାମୀ ଚିତ୍ରସବୁ ନିର୍ମାଣ ହେଉଛି ସବୁର ବିଶେଷ ସଂଖ୍ୟା ପ୍ରକାଶନ ଆମ ପକ୍ଷେ ସମ୍ଭବ ହେଉନାହିଁ । ତେଣୁ କୌଣସି ଗୋଟିଏ ଚିତ୍ରର ବିଶେଷ ସଂଖ୍ୟା ପ୍ରକାଶନ ସଙ୍ଗେ ସଙ୍ଗେ ଅନ୍ୟ ସମସ୍ତ ନୂତନ ଭାବେ ମୁକ୍ତିଲାଭ କରିଥିବା ଚିତ୍ରର ବିବରଣୀ ପ୍ରକାଶ କରିବାରେ ଚେଷ୍ଟା କରିବୁ । ପ୍ରଯୋଜକମାନେ ଏ ଦିଗରେ ଆମକୁ ବାଧ୍ୟ-ବାଧକତା ନ କରିବାକୁ ଅନୁରୋଧ

ଏହି ବିଶେଷ ସଂଖ୍ୟା ପ୍ରକାଶନରେ ଆମର କେତେକ ଚିତ୍ର ପତ୍ରିକାର ସମ୍ପାଦକ ମାନଙ୍କ [illegible] ତୀବ୍ର ପ୍ରତିକ୍ରିୟା ଦୃଷ୍ଟି ହୋଇଥିବାର ଲକ୍ଷ୍ୟ କରିଛୁ । ଆମ ମତରେ ସେମାନଙ୍କର ଦୃଷ୍ଟିଭଙ୍ଗୀ ବଦଳିବା ଦରକାର । ଓଡ଼ିଶାର କଳା ସାହିତ୍ୟ, ସଂସ୍କୃତିର ସୁରକ୍ଷା ଓ ବିକାଶ ପାଇଁ ପ୍ରତ୍ୟେକ ଚିତ୍ର ପତ୍ରିକାର ଅବଦାନ ପ୍ରାୟ ସମାନ ବୋଲି ଆମର ହୃଦ୍‌ବୋଧ ହୁଏ ।

ଆମର ଚିତ୍ର ପ୍ରଯୋଜକମାନେ ମାସିକ ଚଳଚ୍ଚିତ୍ର ପତ୍ରିକାମାନଙ୍କୁ ଠିକ୍ ସମୟରେ ସମ୍ବାଦ, ସ୍ଥିରଚିତ୍ର ଓ ବିଜ୍ଞାପନ ଦେବାକୁ ଆଗ୍ରହୀ ହେଲେ ଆମେ ଖୁସି ହେବୁ । କାରଣ ଚଳଚ୍ଚିତ୍ର ପତ୍ରିକା ଗୁଡ଼ିକର ଚଳଚ୍ଚିତ୍ରର ପ୍ରସାର ଦିଗରେ ଯଥେଷ୍ଟ ଭୂମିକା ରହିଛି ବୋଲି ଆମେ ଅନୁଭବ କରୁଁ ।

—ସଂପାଦକ

# ଆମର ସହଯୋଗୀ

ଶ୍ରୀ ମହେଶ୍ୱର ନାୟକ, ଶ୍ରୀ ନିତ୍ୟାନନ୍ଦ ସାମନ୍ତରାୟ, ଶ୍ରୀ ହରପ୍ରସନ୍ନ ଦାସ, ଶ୍ରୀ ଆଦିକନ୍ଦ ରାଉତ ।

କେତେକ ଅନିବାର୍ଯ୍ୟ କାରଣ ବଶତଃ ଏହି ବିଶେଷ ସଂଖ୍ୟାଟିର ପ୍ରକାଶନ ବିଳମ୍ବ ହୋଇଥିବାରୁ ଆମେ ଆମର ପ୍ରିୟ ପାଠକ ପାଠିକା, ଏଜେଣ୍ଟ ଏବଂ ସୁନା ସଂସାର ଓ ତଅପୋଇ ଚିତ୍ରର ପ୍ରଯୋଜକଙ୍କ ନିକଟରେ ଦୁଃଖିତ ।

ସମ୍ପାଦକ—ବାଣୀଚିତ୍ର

Digitized by PPRACHIN, SOA

PHONE-444906

# Merlin International

MERLIN HOUSE

NO. 3, MUTHU KRISHNAN STREET
**PONDY BAZAR,**
MADRAS-600017

AUTHORISED DISTRIBUTOR FOR

BINNY

MERLIN HOUSE FOR :

- Halmark in quality
- Fresh and Cool Collection of textile fabrics
- Latest in designs
  for
  Shirtings, Suitings & Sarees

Will You ?
Yes !
Make friends with

merlin
International

Digitized by PPRACHIN, SOA

ବନ୍ଧୁ ମହାନ୍ତି ଚିତ୍ର ପରେ ଓଡ଼ିଶାର ଚିତ୍ରପ୍ରେମୀଙ୍କ ପାଇଁ

## ପ୍ରିୟଦର୍ଶିନୀ ଫିଲ୍ମସ୍‌ର

ପରବର୍ତ୍ତୀ ଅବଦାନ

ଡାକ୍ତର ବରେନ୍ ଚନ୍ଦ୍ର ପଟ୍ଟନାୟକଙ୍କର ବଳିଷ୍ଠ କାହାଣୀ
ଉପରେ ଆଧାରିତ ପାରିବାରିକ କଥାଚିତ୍ର

# ସ୍ୱାମୀ-ସ୍ତ୍ରୀ

ପ୍ରଯୋଜନା-ନିର୍ଦ୍ଦେଶନା :

ଶ୍ରୀ ଧୀରେନ୍ ପଟ୍ଟନାୟକ

ସଙ୍ଗୀତ :

ଶ୍ରୀ ଅକ୍ଷୟ ମହାନ୍ତି


## ପ୍ରିୟଦର୍ଶିନୀ ଫିଲ୍ମସ୍

ଶ୍ରୀ ଅରବିନ୍ଦ ହାଉସ, କଳ୍ପନା ଛକ
ଭୁବନେଶ୍ୱର-୧୪
Phone—53892


Digitized by PPRACHIN, SOA

ଚଳଚ୍ଚିତ୍ର, କଳା, ସାହିତ୍ୟ
ଓ ସଂସ୍କୃତିର ମାସିକ
ପତ୍ରିକା

ବାଣୀଚିତ୍ର କାର୍ଯ୍ୟାଳୟ
ଭୁବନେଶ୍ୱର-୧

ଓଡ଼ିଆ ଚଳଚ୍ଚିତ୍ର, 'ତ ଅପୋଇ'ର ଶୁଭମୁକ୍ତି ଅବସରରେ ପ୍ରଯୋଜକ, ଶିଳ୍ପୀ, କଳାକାର ଓ 'ବାଣୀଚିତ୍ର'ର ପାଠକ ପାଠିକାମାନଙ୍କୁ ଆମର ହାର୍ଦ୍ଦିକ ଅଭିନନ୍ଦନ ।

[illegible]

ମୁଖ୍ୟ ସଂପାଦକ
ବାଣୀଚିତ୍ର

Digitized by PPRACHIN, SOA

# ଏ-ସଂଖ୍ୟା ବାଣୀଚିତ୍ର ପୃଷ୍ଠାରେ

**"ତଅପୋଇ"** ଚିତ୍ରର ସମସ୍ତ ବିବରଣୀ, କଳାକାର, ଶିଳ୍ପୀମାନଙ୍କର ପରିଚୟ ଓ ପ୍ରଯୋଜକ, ନିର୍ଦ୍ଦେଶକ, ସଙ୍ଗୀତ ନିର୍ଦ୍ଦେଶକଙ୍କ ସହ ସାକ୍ଷାତକାର, ଅଭିନେତା ଅଭିନେତ୍ରୀମାନଙ୍କର ନିଜ ଭାଷାରେ ଲେଖା ଲେଖିଛନ୍ତି । ନାୟିକା କ୍ଷଣପ୍ରଭା, ନାୟକ ବିଜୟ, ଅଭିନେତ୍ରୀ ସରସ୍ୱତୀ, ନମ୍ରତା, ରାଧା ପଣ୍ଡା, ସଙ୍କି ଦାସ, ରମେଶ ମହାନ୍ତି ପ୍ରମୁଖ କଳାକାରଗଣ ● ତଅପୋଇର କିମ୍ବଦନ୍ତୀ ସଂପର୍କୀୟ ପ୍ରବନ୍ଧ ଲେଖିଛନ୍ତି ନୀଳମଣି ମିଶ୍ର, ବିଶ୍ୱ ବିଖ୍ୟାତ ସନ୍ତରଣକାରୀ ମିହିର ସେନ୍‌ଙ୍କର ଅତୀତ ଉତ୍କଳର ବୋଇତ ଯାତ୍ରା ସମ୍ପର୍କୀୟ ସୂଚନା, ତଅପୋଇ ଚିତ୍ରର ଶୁଭ ଉଦ୍‌ଘାଟନ ଉତ୍ସବର ବିବରଣୀ ଓ ତଅପୋଇ ସମ୍ପର୍କୀୟ ଅନ୍ୟାନ୍ୟ ଲେଖା ।

**'ସୁନା ସଂସାର'** ଚିତ୍ରର ସମସ୍ତ ବିବରଣୀ ସହ କଳାକାର ଶିଳ୍ପୀମାନଙ୍କର ପରିଚୟ ଓ ପ୍ରଯୋଜକ, ନିର୍ଦ୍ଦେଶକ, କଥାକାରମାନେ ନିଜ ଭାଷାରେ ଲେଖା ଲେଖିଛନ୍ତି । ଡ: ମନ୍ମଥନାଥ ଦାସ, ଶିଶିର ମିଶ୍ର, ସୁନା ସଂସାରର ପ୍ରଯୋଜକବୃନ୍ଦ, ନିଶାକର ବେହେରା, ନିହାରୀକା ନାୟକ, ଅଦିତ୍ୟ ମିଶ୍ର, ସ୍ୱରୂପ ନାୟକ, ସାମୁଏଲ ସାହୁ (ବାବି)ଙ୍କ ସହ ଏକ ମନୋଜ୍ଞ ସାକ୍ଷାତକାର ଓ ଅନ୍ୟାନ୍ୟ ତଥ୍ୟ ।

**ବିଶେଷ ଆକର୍ଷଣ**—ସୁନା ସଂସାର ଚିତ୍ରର ଶୁଭ ପ୍ରଦର୍ଶନ ଉତ୍ସବରେ ସମ୍ମାନିତ ଅତିଥି ମାନ୍ୟବର ଓଡ଼ିଶାର ରାଜ୍ୟପାଳ ଶ୍ରୀଯୁକ୍ତ ଭଗବତ ଦୟାଲ ଶର୍ମାଙ୍କର ଓଡ଼ିଆ ଚିତ୍ର ଉପରେ ଏକ ସାରଗର୍ଭକ ଭାଷଣର ବିବରଣୀ ଓ ବରେଣ୍ୟ ସାମ୍ବାଦିକ ସାହିତ୍ୟିକ ଶ୍ରୀଯୁକ୍ତ ରାଧାନାଥ ରଥଙ୍କ ଭାଷଣର ବିବରଣୀ ।

**ଆଲୋଚନା**—ରଣଧୀର ଦାସ, ଗୁଣନିଧି ମହାନ୍ତି ।

**ସାହିତ୍ୟ ବିଭାଗରେ**—ଦୁଇଟି ବଡ଼ ଗଳ୍ପ ଲେଖିଛନ୍ତି ଶ୍ରୀମତୀ ପ୍ରତିଭା ରାୟ, ଶ୍ରୀ ସୁବୋଧ ଦାସ, ଓ କେତୋଟି କବିତା ।

**ନିୟମିତ ବିଭାଗରେ**—ଆପଣ ଯାହା ପଢ଼ିଥିଲେ, ହିନ୍ଦି ଚିତ୍ର ସମ୍ବାଦ, ଓଡ଼ିଆ ଚିତ୍ର ସମ୍ବାଦ, ମଞ୍ଚ ବିଚିତ୍ରା, କଲମ ସାଥୀ, ବ୍ୟଙ୍ଗ ବିଚିତ୍ରା, ପରିଚୟ ପରିକ୍ରମା, ଚିତ୍ର ସମାଲୋଚନା ତିନୋଟି ଚିତ୍ରର—ନାଗଫାଶ, ସୁନା ସଂସାର ଓ ରକ୍ତ ଗୋଲାପ, ହିନ୍ଦୀ ଓ ଓଡ଼ିଆ ଚିତ୍ର ଜଗତର ତଥ୍ୟ ଓ ସତ୍ୟ ଉପରେ ଆଧାରିତ ସମ୍ବାଦମାନ ସ୍ଥାନ ପାଇଛି । ●

Digitized by PPRACHIN, SOA

ଗୌରୀ ଫିଲ୍ମସ୍‌ର

ସଂପୂର୍ଣ୍ଣ ରଙ୍ଗୀନ୍ କଥାଚିତ୍ର

# 'ଭଅପୋଇ'

ର

ଶୁ

ଭ

ମୁ

କ୍ତି

ଗୌରୀ ଫିଲ୍ମସ୍ ନିବେଦିତ
ପ୍ରଥମ ଓଡ଼ିଆ ରଂଗୀନ୍ ଚିତ୍ର
ଭଅପୋଇ ର
ଶୁଭମୁକ୍ତି ଅବସରରେ
ଶିଳ୍ପୀ, କଳାକାର, ଦର୍ଶକ-
ବୃନ୍ଦ ଓ ବାଣୀଚିତ୍ରର ପାଠକ
ପାଠିକାମାନଙ୍କୁ ଗୌରୀ
ଫିଲ୍ମସ୍ ତରଫରୁ ଆମର
ହାର୍ଦ୍ଦିକ ଅଭିନନ୍ଦନ ।

ଶ୍ରୀ ସୁବୋଧ ସାମଲ

ପ୍ରଯୋଜକ-'ଭଅପୋଇ'
ଗୌରୀ ଫିଲ୍ମସ୍
ଖଜାବଗିଚ୍ଚ, କଟକ-୯

Digitized by PPRACHIN, SOA

# ଗୌରୀ ଫିଲ୍ମସ୍ ନିବେଦିତ ଚିତ୍ର 'ଉଅପୋଇ'ର

## ସୂଚନା

| | |
|---|---|
| ପ୍ରଯୋଜନା | : ସୁବୋଧ ସାମଲ |
| ନିର୍ଦ୍ଦେଶନା | : ଶରତ୍ ପୂଜାରୀ |
| ସଙ୍ଗୀତ | ଅକ୍ଷୟ ମହାନ୍ତି |
| ଚିତ୍ର ଗ୍ରହଣ | ସୁରେନ୍ଦ୍ର ସାହୁ |
| ସମ୍ପାଦନା | ଜାଗ୍ରୁତ କାମଲେ (ବମ୍ବେ) |
| ମୁଖ୍ୟ ବ୍ୟବସ୍ଥାପକ | ଶୈଳେନ୍ଦ୍ର ବାରିକ |
| ସଂଳାପ | ବିଜୟ ମିଶ୍ର |
| ନିର୍ଦ୍ଦେଶନା ସହକାରୀ | ରମେଶ ମହାନ୍ତି, ସର୍ଜି ଦାସ ଓ ଶ୍ୟାମଲ ମୁଖାର୍ଜୀ |
| ଶବ୍ଦ ଗ୍ରହଣ | : ପ୍ରାଣ ମିଶ୍ର |
| ଚିତ୍ର ଗ୍ରହଣ ସହକାରୀ | ଅରୁଣ ମିଶ୍ର, କେ. କେ. ଜୟ ସୁଆଲ୍ |
| କଳା ନିର୍ଦ୍ଦେଶ | ଅସୀମ ବସୁ |
| ଗୀତ ରଚନା | ବିନୋଦିନୀ ଦେବୀ, ଅକ୍ଷୟ ମହାନ୍ତି |
| ନୃତ୍ୟ ନିର୍ଦ୍ଦେଶ | କେଳୁ ଚରଣ ମହାପାତ୍ର |
| ପ୍ରସେସିଂ | ଋମନର୍ଡ ବିସାର୍ଚ୍ଚ ଲାବରେଟେରୀ (ବମ୍ବେ) |
| ଲକ୍ଷନ୍ | ଭାରତୀ ଚିତ୍ରାଳୟ |

ନୃତ୍ୟାଂଶେ :—ପ୍ରଭାତୀ, ବୀନତୀ, ପ୍ରକତୀ, ବାଯନ୍ତୀ, ଅନୀତା, ମମତା, ରୂପଲେଖା ପ୍ରମୁଖ

କଣ୍ଠଦାନ :—ତୃପ୍ତି, ଗୀତା, ଶ୍ରୀକାନ୍ତ, ସୁଜିତ୍ ଓ ଅକ୍ଷୟ ମହାନ୍ତି

## ଭୂମିକାରେ

ପୁରୁଷ ଚରିତ୍ରରେ—ବାବି, ପୀର, ପ୍ରଶାନ୍ତ ନନ୍ଦ, ଅଜିତ୍ ଜଚ, ଭବାନୀ ପଣ୍ଡା, ବିଜନ୍, ଚିଦାନନ୍ଦ, ଶର୍ଦ୍ଦିଦାନନ୍ଦ, ରବି ରଥ, ସନ୍ତୋଷ, ପ୍ରଶାନ୍ତ, ବିଜୟ, ପୀତାମ୍ବର, ବୃନ୍ଦାବନ, ରବି ନାୟକ, ରବି ଦାସ, ବନମାଳୀ, ସଂଗ୍ରାମ, ପର୍ଶୁ, ଭୋଳା, କୁଞ୍ଜ, କାଳୀ, ଶ୍ୟାମଳେନ୍ଦୁ, ସୁଧା ପଣ୍ଡା ।

ନାରୀ ଚରିତ୍ରରେ—କଣପ୍ରଭା, ଅନୀତା, ନମିତା, ସରସ୍ୱତୀ, ଅହ୍ଲାଦିନୀ, ଋକ୍ମଣୀ, କନକ, ମୀସ, ଭମା, ସନ୍ଧ୍ୟା, ଗୋରିଆ ଓ କୁଞ୍ଜଲତା ।

## ସ୍ୱତ୍ୱ ପରିବେଷକ

# ଗୌରୀ ଫିଲ୍ମସ୍

ରଜାବଗିଚ୍ଚ କଟକ — ୭୫୩୦୦୯
Phone No. 20962

Digitized by PPRACHIN, SOA

# 'ତଅପୋଇ' ଚଳଚିତ୍ରର ଶୁଭ ପ୍ରଦର୍ଶନ ଉତ୍ସବ

ଓଡ଼ିଆ ଚଳଚିତ୍ର ନିର୍ମାଣ କ୍ଷେତ୍ରରେ 'ତଅପୋଇ' ତୃତୀୟ ସମ୍ପୂର୍ଣ୍ଣ ରଙ୍ଗୀନ୍ ଚିତ୍ର ଓ ଚଳିତ ବର୍ଷ ନୂତନ ଚିତ୍ର ଭାବେ ପ୍ରଦର୍ଶିତ ୨ୟ ଚିତ୍ର। ଏଇ 'ତଅପୋଇ'ର ଶୁଭ ପ୍ରଦର୍ଶନ ଉତ୍ସବ ଗତ ତା ୨୭।୧।୭୮ ରିଖ ରାତି ୯ଟାରେ କଟକର ଗ୍ରାଣ୍ଡ ସିନେମା ହଲରେ ଅନୁଷ୍ଠିତ ହୋଇଥିଲା। ଏଇ ଅବସରରେ ତଅପୋଇ ଚିତ୍ରର କଳାକାର, ଶିଳ୍ପୀବୃନ୍ଦ ଓ କଟକ ସହର ତଥା ଅନ୍ୟାନ୍ୟ ସ୍ଥାନରୁ ବହୁ ନିମନ୍ତ୍ରିତ କଳାକାରପ୍ରେମୀ, ଶୁଭେଚ୍ଛୁ, ପ୍ରଯୋଜକ, ଚିତ୍ର ପ୍ରଦର୍ଶକ ମାନଙ୍କର ସମାଗମ ସେ ଦିନର ପରିବେଶକୁ



(ତଅପୋଇ ଚିତ୍ରର ଶୁଭ ଉଦ୍ଘାଟନ ଦିବସରେ ବାମରୁ ଡାହାଣକୁ ନିତ୍ୟାନନ୍ଦ ସାମନ୍ତରାୟ, ନାଗପୁରର ବାବା କରମଡ ସାହା, ଶ୍ରୀଯୁକ୍ତ ସୁକାନ୍ତ କିଶୋର ରାୟ ଓ ପ୍ରଯୋଜକ ସୁବୋଧ ସାମଲ)

ବେଶ ମୁଖରିତ କରିଥିଲା। ସାଧାରଣ ଦର୍ଶକମାନଙ୍କ ମଧ୍ୟରେ ନୂତନ ଚିତ୍ର ଦେଖିବା ଓ ଚିତ୍ରଟିର ଶିଳ୍ପୀ କଳାକାରମାନଙ୍କୁ ସମ୍ମୁଖରେ ଦେଖିବା ପାଇଁ ପ୍ରବଳ ଭିଡ଼ ମଧ୍ୟ ହୋଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ଉଚ୍ଚ କର୍ତ୍ତୃପକ୍ଷଙ୍କ ଉପରେ ଦାୟିତ୍ୱ ଥିଲା। ସେଦିନର ଉତ୍ସବର ଉଦ୍ଘାଟକ ଭାବେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟଙ୍କର ଯୋଗ ଦେବାର ଥିଲା; କିନ୍ତୁ ସେ ସରକାରୀ ଦପ୍ତରରେ କେତେକ ଜରୁରୀ କାର୍ଯ୍ୟରେ ବ୍ୟସ୍ତ ରହି ଆସିପାରି ନ ଥିଲେ। ଓଡିଶା ହାଇକୋର୍ଟର ପ୍ରଧାନ ବିଚାରପତି ଶ୍ରୀଯୁକ୍ତ ସୁକାନ୍ତ କିଶୋର ରାୟଙ୍କ ଦ୍ୱାରା ଚିତ୍ରଟି ଉଦ୍ଘାଟିତ ହୋଇଥିଲା।

Digitized by PPRACHIN, SOA

ଉତ୍ସବର ଆରମ୍ଭରେ ଶ୍ରୀଯୁକ୍ତ ନିତ୍ୟାନନ୍ଦ ସାମନ୍ତରାୟ ତାଙ୍କ ସ୍ୱାଗତ ଭାଷଣରେ ଆଜିର ଓଡ଼ିଆ ଚଳଚିତ୍ର ଶିଳ୍ପର ଦ୍ରୁତ ବିକାଶ ଉପରେ ଦୃଷ୍ଟିପାତ କରିଥିଲେ । ଉଦ୍‌ଘାଟକ ଶ୍ରୀଯୁକ୍ତ ରାୟ ତାଙ୍କ ଭାଷଣରେ କହିଲେ ଯେ ଉଦ୍‌ଘାଟକ ଭାବେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ରାଉତରାୟଙ୍କ ଅନୁପସ୍ଥିତ ସ୍ଥଳେ ତାଙ୍କୁ ଆସନ ଗ୍ରହଣ କରିବାକୁ ପଡ଼ିଲା । ଓଡ଼ିଶା ଚଳଚିତ୍ର ଶିଳ୍ପ ଓ ତଅପୋଇ ନିର୍ମାତା ଗୋଷ୍ଠୀ ଓ ଓଡ଼ିଶାର ଚଳଚିତ୍ରପ୍ରେମୀ ଦର୍ଶକମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଥିଲେ । ଶେଷରେ ତଅପୋଇ ଚିତ୍ରର ପ୍ରଯୋଜକ ଶ୍ରୀ ସୁବୋଧ ସାମଲ ନିମନ୍ତ୍ରିତ ଭଦ୍ରବ୍ୟକ୍ତି ଓ ଦର୍ଶକମାନଙ୍କୁ ଗୌରୀ ଫିଲ୍ମସ୍ ତରଫରୁ ଧନ୍ୟବାଦ ଅର୍ପଣ କରିଥିଲେ । ଚିତ୍ର ପ୍ରଦର୍ଶନ ଆରମ୍ଭ ହୋଇଥିଲା ।

ଚିତ୍ର ପ୍ରଦର୍ଶନ ଶେଷରେ ଏକ ସାମ୍ବାଦିକ ସମ୍ମିଳନୀ ଓ ବନ୍ଧୁମିଳନୀ ଶ୍ରୀଯୁକ୍ତ ଆଦିକନ୍ଦ ସାମନ୍ତରାୟ, ଶ୍ରୀଯୁକ୍ତ ନିତ୍ୟାନନ୍ଦ ସାମନ୍ତରାୟ ଓ ପ୍ରଯୋଜକ ଶ୍ରୀ ସୁବୋଧ ସାମଲଙ୍କ ଦ୍ୱାରା ଆୟୋଜିତ ହୋଇଥିଲା । ଏଥିରେ ସାମ୍ବାଦିକ ଶ୍ରୀ ସାରଦା ନନ୍ଦ, ଶ୍ରୀ ଦୁଲାଲ ମିଶ୍ର, ଶ୍ରୀ ମାନସ ଲେଙ୍କା, କାନନ ଦାସ, ପ୍ରଯୋଜକ ଶ୍ରୀ ବସନ୍ତ ନାୟକ, ଗୋପାଳ ଘୋଷ, ସଙ୍ଗୀତ ନିର୍ଦ୍ଦେଶକ ଶ୍ରୀ ଅକ୍ଷୟ ମହାନ୍ତି, ନିର୍ଦ୍ଦେଶକ ଶରତ୍ ପୂଜାରୀ, ବାଣୀଚିତ୍ରର ସମ୍ପାଦକ ଶ୍ରୀ ପରୀକ୍ଷିତ ଜେନା, ଚିତ୍ରପୁରୀର ସମ୍ପାଦକ ଶ୍ରୀ ବସନ୍ତ ପଟ୍ଟନାୟକ ଓ ଅନ୍ୟାନ୍ୟ ଚିତ୍ର ବିତରକ ସଂସ୍ଥା/ପ୍ରଯୋଜନା ପ୍ରଦର୍ଶନ ସଂସ୍ଥା ତରଫରୁ ସର୍ବଶ୍ରୀ ଶିରୀଶ୍ ଗାନ୍ଧି, ମି: ରମଣ ରାଓ, କାହ୍ନୁ ମିତ୍ର, ଦେବରୂପ ଦାସ, ଶଶିକାନ୍ତ ଜେନା, ପ୍ରାଣ ମିଶ୍ର, ବାଜିଲ ଲେଙ୍କା, ଗୋପାଳ ରାଉତରାଏ, ଡାକ୍ତର ପ୍ରଦୀପ ରାଓ ପ୍ରମୁଖ ବହୁ ଭଦ୍ରବ୍ୟକ୍ତିମାନେ ଯୋଗ ଦେଇ ଏହି ମିଳନୀଟିକୁ ଆନନ୍ଦ ମୁଖରିତ କରିଥିଲେ । ମିଳନୀର ଶେଷରେ ଶ୍ରୀଯୁକ୍ତ ନିତ୍ୟାନନ୍ଦ ସାମନ୍ତରାୟ ଉପସ୍ଥିତ ଭଦ୍ରବ୍ୟକ୍ତିମାନଙ୍କୁ ଗୌରୀ ଫିଲ୍ମସ୍ ତରଫରୁ ଧନ୍ୟବାଦ ଜଣାଇଥିଲେ ।

●

For best photograph ;

Contact

**STUDIO STYLE**

Room No 1, New Market Building, Near ALKA,
Bhubaneswar

Photographer of Oriya Films.

**Prop : Sri Pratap Chandra Jena.**

Digitized by PPRACHIN, SOA

ତଅପୋଇ ଚିତ୍ରର ପ୍ରଯୋଜିକା ଶ୍ରୀମତୀ ପୁଷ୍ପା ସାମଲ

ତଅପୋଇ ଚିତ୍ରର ଅନ୍ତରାଳେ ଯେଉଁମାନେ ଅଛନ୍ତି—ବାମରୁ ଡାହାଣକୁ
ପୁଷ୍ପା ସାମଲ, ସୁରେନ୍ଦ୍ର ସାହୁ, ଶରତ ପୂଜାରୀ, ଶୈଳେନ୍ଦ୍ର ବାରିକ,
ସୁବୋଧ ସାମଲ, ପ୍ରାଣ ମିଶ୍ର ଓ ଶୁଭ୍ରାଂଶୁ ସାମନ୍ତରାୟ

Digitized by PPRACHIN, SOA

ଗୌରୀ ଫିଲ୍ମସ୍‌ର ପରବର୍ତ୍ତୀ

ଅବଦାନ

ପ୍ରଡକ୍‌ସନ୍ ନଂ ୨

ସଂପୂର୍ଣ୍ଣ ରଙ୍ଗୀନ

ଏକ ବଳିଷ୍ଠ ସାମାଜିକ କାହାଣୀ

ଉପରେ ଆଧାରିତ ଚିତ୍ର

? ? ? ? ?

ପ୍ରଯୋଜନା—ଶ୍ରୀ ସୁବୋଧ ସାମଲ

କ୍ୟାମେରା—ଶ୍ରୀ ସୁରେନ୍ଦ୍ର ସାହୁ

**GOURI FILMS**

RAJABAGICHA,

CUTTACK-9

PHONE 20962

Digitized by PPRACHIN, SOA

# 'ତଅପୋଇ'ର କଥାବସ୍ତୁ

ତଅପୋଇର କାହାଣୀ ସେତିକିବେଳର, ଯେତେବେଳେ କଳିଙ୍ଗର ନୌ-ବାଣିଜ୍ୟ ସୁଦୂର ପ୍ରାଚ୍ୟରେ ଏକ ଗୌରବମୟ ଐତିହ୍ୟ ସୃଷ୍ଟି କରିଥିଲା ଏବଂ କଳିଙ୍ଗର ସାଧବମାନେ ବୋଇତ ଯାତ୍ରାରେ ଅପାର ଦକ୍ଷତା ହାସଲ କରିଥିଲେ । ତତ୍କାଳୀନ ଏକ ଗାଁରେ ଧନେଶ୍ୱର ନାମକ ଏକ ଧନଶାଳୀ ସାଧବ ପୁଅ-ବୋହୂ ଗହଣରେ ବେଶ୍ ସୁଖରେ ସମୟ ଅତିବାହିତ କରୁଥିଲେ । ସାତ ପୁଅ ଆଉ ସାତଟି ବୋହୂ ସହିତ ସୁନ୍ଦରୀ ଯୁବତୀ ଝିଅ ତଅପୋଇ ଥିଲା ଭାଉଙ୍କ ସ୍ନେହ ଶରଧାର ଥିଲା ଲବଣୀ ପିତୁଳା ।

( କନିଷ୍ଠ ସୌଦାଗର ଭୂମିକାରେ ପ୍ରଶାନ୍ତ ନନ୍ଦ ଓ ସାନ ବୋହୂ ଭୂମିକାରେ ଅନୀତା ଦାସ । )

ସେଇ ଗାଁର ଅଧିବାସିନୀ ଏକ କୁଟିଳା ବିଧବା ବ୍ରାହ୍ମଣୀ ଚଞ୍ଚଳା ଧନେଶ୍ୱରଙ୍କ ପରିବାରର ଐଶ୍ୱର୍ଯ୍ୟ ପ୍ରତି କେବଳ ଯେ ଈର୍ଷା ଜର୍ଜରିତ ହୋଇଥିଲା ସେତିକି ନୁହେଁ, ତଅପୋଇ ପ୍ରତି ଭାଉଜମାନଙ୍କ ସ୍ନେହ ପ୍ରୀତି, ସେବା ଯତ୍ନରେ ସେ ଅତି ମାତ୍ରାରେ ହିଂସାପରାୟଣ ହୋଇ ଉଠିଲା; କିନ୍ତୁ କେହି ଜଣେ ହେଲେ ତାଙ୍କୁ ସୁଦୃଷ୍ଟିରେ ଦେଖୁ ନ ଥିଲେ ।

ସମୟ ଗଡ଼ି ଚାଲିବା ସଙ୍ଗେ ସଙ୍ଗେ ଦିନେ ତଅପୋଇର ବାପ ମା' ଇହଧାମରୁ ବିଦାୟ ନେଲେ ଏବଂ ଭାଇମାନେ ବାଣିଜ୍ୟ ପାଇଁ ବୋଇତ ଯାତ୍ରା କଲେ । ତା' ସତ୍ତ୍ୱେ ଭାଉଜମାନେ ତା'ର ସ୍ନେହ ଯତ୍ନରେ ଅବହେଳା କରୁ ନ ଥାନ୍ତି; କିନ୍ତୁ ତଅପୋଇ ଦିନେ ଚଞ୍ଚଳା ପ୍ରତି ରୁକ୍ଷ ବ୍ୟବହାର କରିବା ଘଟଣାରୁ କୁଟିଳା ବୃଦ୍ଧା ତଅପୋଇ ବିରୁଦ୍ଧରେ ଭାଉଜମାନଙ୍କ ମନରେ ବିଷ ଭରିଦେଇ ତାଙ୍କୁ ଉତ୍ତେଜିତ କରିଦେଲା ।

Digitized by PPRACHIN, SOA

କ୍ରମେ ଭ୍ରାତାମାନଙ୍କ ମଧ୍ୟରୁ ବଡ଼ ଛ'ଜଣ ଚଞ୍ଚଳା ପରାମର୍ଶରେ ବଡ଼ ଭାଉଜଙ୍କର ଛେଳିଟି ଜଙ୍ଗଲରେ ଚରେଇବାକୁ ଆଦେଶ ଦେଲେ । କେବଳ ସାନ ଭାଉଜ ନୀଳେନ୍ଦ୍ରୀ ତଅପୋଇ ପ୍ରତି ସହାନୁଭୂତିଶୀଳା ଥିଲା । ତଅପୋଇକୁ ଖାଦ୍ୟ ଦେବା ବି ବନ୍ଦ କରି ଦିଆଗଲା, ଯଦିଓ ଗୋପନରେ ନୀଳେନ୍ଦ୍ରୀ ଖାଇବାକୁ ଦେଉଥାଏ । ଦିନେ ତଅପୋଇ ଘର ଛାଡ଼ି ପଳେଇଲା ଏବଂ ଦୈବାତ୍ ମା' ମଙ୍ଗଳାଙ୍କର ଜଣେ ଏକନିଷ୍ଠ ସାଧିକାଙ୍କ ସାକ୍ଷାତ ପାଇ ଅନୁପ୍ରାଣିତ ହେଲା ଯେ ମା' ମଙ୍ଗଳାଙ୍କ ଉପରେ ବିଶ୍ୱାସ ରଖିଲେ ତା' ଭାଇମାନେ ନିରାପଦରେ ଫେରି ଆସିବେ । ଏହିପରି ପାଞ୍ଚ ସପ୍ତାହ ଅତୀତ ହେଲା । ଭାଇମାନଙ୍କୁ ଫେରିବା ନ ଦେଖି ସେ ଆତ୍ମହତ୍ୟା କରିବାକୁ ଆଗେଇ ଚାଲିଲା ।

ସାନ ଭାଇ ଭୂମିକାରେ ପ୍ରଶାନ୍ତ ଓ ତଅପୋଇ ଭୂମିକାରେ ଛଣପ୍ରଭା ।

ଆକସ୍ମିକ ଭାବେ ତଅପୋଇର ସାତ ଭାଇମାନେ ସମୁଦ୍ର କୂଳରେ ବୋଇତ ବାନ୍ଧିଥାନ୍ତି ଏବଂ ତଅପୋଇକୁ ଦୀନହୀନ ଜୀର୍ଣ୍ଣ ବସ୍ତ୍ରରେ କ୍ରନ୍ଦନ-ରତା ଅବସ୍ଥାରେ ଦେଖି ତାକୁ ଉଦ୍ଧାର କଲେ । ନୀଳେନ୍ଦ୍ରୀ ବ୍ୟତୀତ ସବୁ ଭାଉଜ ଓ କୁଚକ୍ରୀ ଚଞ୍ଚଳା ଶାସ୍ତି ଭୋଗ କଲେ; କିନ୍ତୁ ତଅପୋଇ ଉଦାର ମନରେ ଭାଉଜମାନଙ୍କ ଦୋଷ ମାର୍ଜନା କରି ସେମାନଙ୍କୁ ଗ୍ରହଣ କରିବାକୁ ଭାଇମାନଙ୍କୁ ଅନୁରୋଧ କଲା ।

ଏକ ସୁନ୍ଦର ଯୁବକ ସହିତ ତଅପୋଇର ବିବାହ ସଂପନ୍ନ ହେଲା ।

Digitized by PPRACHIN, SOA

## 'ଡଅପୋଇ' କଥାଚିତ୍ରର

## କେତୋଟି ମନ ଛୁଆଁ ସଂଗୀତ

### ଗୀତ ନଂ—୧

ଆ ବଉଳ ବୋହୂ ବୋହୂକା ଖେଳ ଖେଳିବା ।
ମିଛି ମିଛିକା ବାଡୁଅ ସୁତା ସଜ କରିବା ।
ଆ ବଉଳ..........

ନାଲି ନାଲି ଫୁଲି କୁଳେଇ ।
ବାହ୍ମା କଉଡ଼ି ନାଲି ଧାନ ଦେଲି ଚଳେଇ ।
ତୋ କୁଳେଇ ମୋ କୁଳେଇ ଅମାରେ ସାଇତି ଥିବା
ଝିଅ ବାହା କଲେ ପୁଅ ବାହା କଲେ ଯାନି ଯୌତୁକ ଦେବା
ଆ ବଉଳ..........

ଡାଥେଇ ଡାଥେଇ ଡାକ୍‌ଡାରି ଡାକ୍‌ଡାରି ।
ଏ ରାଧା କେଣିକି ଯାଉଛୁ ମନ ମାରି ତୁ ମନ ମାରି ।
ତୋର ମୋର ହେବା ଯେବେ ଭେଟ ।
ତୁ ପିନ୍ଧିବୁ ବସନ୍ତ ପଟନୀ ମୁଁ ବଉଳ ପାଟ ।
ତୋ' ଡଅଁର ମୋ ଡଅଁର ପେଡ଼ିରେ ସାଇତି ଦେବା
ଝିଅ ବାହା କଲେ ପୁଅ ବାହା କଲେ ଯାନି ଯୌତୁକ ଦେବା
ଆ ବଉଳ..........

ତୋର ମୋର ହେବା ଯେବେ ଭିନେ
ଝୁମ୍‌ ଝୁମୁକା ଝୁଣ୍ଟିଆ ନାଦ ବାଜିବ ମୋର କାନେ
ତୋ ଝୁଣ୍ଟିଆ ମୋ ଝୁଣ୍ଟିଆ ପେଢ଼ିରେ ସାଇତି ଦେବା
ଝିଅ ବାହା କଲେ ପୁଅ ବାହା କଲେ ଯାନି ଯୌତୁକ ଦେବା
ଆ ବଉଳ ବୋହୂ ବୋହୂକା ଖେଳିବା ।

ଗାଇଛନ୍ତି : ତୃପ୍ତି, ଟାଡା
ରଚନା ବିନୋଦିନୀ ଦେବୀ

*

Digitized by PPRACHIN, SOA

## ଗୀତ ନଂ—୨

ତଅପୋଇ—କଥାଟିଏ କହୁଁ, କଥାଟିଏ କହୁଁ ଭାଉଜ ରାଣୀ
ଓ, ଭାରି ସିଆଣି, ଆହ୍ଵା, ଅଛୁ କି ଜାଣି
ଭାଉଜ୍ - କିସ, ଆଗୋ କିସ, ଆଗୋ କିସ,
ତଅପୋଇ—ମୁଁ ନବନୀତା, କି ପଦୁଅଁ ଚିତା,
କି ଜଗତ ଜିତା

ଚାଲିବି କାଳେ ମୁଁ ପାହୁଲ ଗଣି, ମୁଁ କାଳେ
ମୁଁ କାଳେ, ମୁଁ କାଳେ ବଡ଼ ହେଲିଣି;
ବଡ଼ ହେଲିଣି

ଭାଉଜ—ଚପଳା ଚପଳାରେ ମଧୁମତୀ
ତଅପୋଇ—ମଧୁମତୀ ମୁଁ ମଧୁମତୀ
ଭାଉଜ—କଢ଼ି ତୁ ହେଲୁ ଏବେ ଫୁଲମତୀ
ତଅପୋଇ—ଫୁଲମତୀ ମୁଁ ଫୁଲମତୀ
ଭାଉଜ—ଅଜଣା ଅଳି କିଏ ତୋ ରେଣୁ ଲୁଟି ନେବ
କରିବ ଉଚ୍ଛୁଣିକା ଲାଜବତୀ—ଯାଃ
ତଅପୋଇ—କଥାଟିଏ କହୁଁ
ତଅପୋଇ—ମୁଁ ଫୁଲମତୀ, କି ଅଡ଼ୁଆ ପୋଥି,
କି ଦାର୍ଢ଼ିଆ କାଠି

ବଦଳିଲା କେବେ ସତେ ମୋ ଠାଣି
ମୁଁ କାଳେ.........
ଭାଉଜ—ଝରଣା ଝରଣାରେ ଝରଝର
ତଅପୋଇ—ଝରଝର ମୁଁ ଝରଝର
ଭାଉଜ—ଝର ତୁ ହେଲୁ ଏବେ ମହୁ ଝର
ତଅପୋଇ—ମହୁ ଝର ମୁଁ ମହୁ ଝର
ଭାଉଜ—ଅଜଣା କିଏ ଏବେ ମହୁଆ ମନ ନେଇ
ଆସିବ ତୋ ପାଇଁ ସାଜିରେ—ଯାଃ
ତଅପୋଇ—କଥାଟିଏ କହୁଁ..........
ତଅପୋଇ—ମୁଁ ମହୁ ଝର, କି ପାହାଡ଼ି ଧାର,
କି ମୁନିଆ ତୀର
ମୋ ଚାହାଣି କାଳେ କହେ କାହାଣୀ
ମୁଁ କାଳେ..........

ଭାଉଜ—ମାନିନୀ ମାନିନୀରେ ମାନମୟୀ
ତଅପୋଇ—ମାନମୟୀ ମୁଁ ମାନମୟୀ
ଭାଉଜ—ଚଇତି ଗଲେ ତୋର ଦେହ ଛୁଇଁ
ତଅପୋଇ—ଦେହ ଛୁଇଁ ମୋ ଦେହ ଛୁଇଁ

Digitized by PPRACHIN, SOA

ଉଦଜ—ଛାଡ଼ି ତୁ ଧୂଳି ଖେଳ ଯିବୁ ଲୋ ଶାଶୁ ଘର
ବର ସାଥେ ଦିନ ଯିବ ବହି—ଯାଃ

ଗାଇଛନ୍ତି—ତୃପ୍ତି, ଗୀତା
ରଚନା—ବିନୋଦିନୀ ଦେବୀ

✳

## ଗୀତ ନଂ—୩

ବାଇନ, ଚଇନ—ଏକାଦଶୀ ଦିନ ଏଗାର ବକତ
ଦୁଆଦଶୀ ଦିନ ଇଲିଗି
ତ୍ରୟୋଦଶୀ ଦିନ ତାମଡ଼ା ଶୁଖୁଆ
ମାତାଜୀ ହୋଇଛି ମାଉସୀ

ଚଞ୍ଚଳା—ତୁମକୁ ସାପ ଦଂଶୁବେ ଅକପେଇଶେ ।
ଆଲୋ ମାଉସୀ, ଆଲୋ ମାଉସୀ
ତୁ ମାତାଜୀ, ହଁା, ତୁ ମାତାଜୀ
ତୋର ବାବାଜୀ କାହିଁ ଲୋ,
ତୋର ବାବାଜୀ କାହିଁ ଲୋ ।
ତୁ ତ ସୁନାମୁଖୀ ଘରକୁ ଲୋ—
ବେଗୁନିଆ ତାଟି ଆହା ବେଗୁନିଆ ତାଟି
ଧନ୍ୟ ସ୍ୱାବାଜି ପାଟି ତୋର—
ମୂଷା ଲାଞ୍ଜ ଚୁଟି ଆହା ମୂଷା ଲାଞ୍ଜ ଚୁଟି
ତୁ ତ ସାତ ଖଣ୍ଡ ଗାଁରେ ଲୋ—
ଏକଇ ମଉସ ଆହା ଏକଇ ମଉସ
ତୁ ତ ମଣ୍ଡୁଆଉ ଧରି ତୋର—
କଳିର ପସର ଆହା କଳିର ପସର

ଚଞ୍ଚଳା—ଯାରେ ରଇଜକା ଛତର
ଆଲୋ ମାଉସୀ..........
ଆଲୋ ଝିଅ ତୋର ମାନ ହେଲେ—
ଗୋବର ବିଲେଇ ଆହା ଗୋବର ବିଲେଇ
ଆଲୋ କିସ ନିତି ଖାଉ କହ—
ଲୁଚେଇ ଚୋରେଇ ଆହା ଲୁଚେଇ ଚୋରେଇ
ତୋର ଦାନ୍ତ ନୁହେଁ ଶାଣ ଦିଅ—
ଜିଭଟା ଦାଢୁଆ ହେଲେ ଜିଭଟା ଦାଢୁଆ
ତୁ ତ ଆମ ଗାଁ ଗଙ୍ଗା ମାତା—
ଗୋବର ଗାଡ଼ିଆ ଆହା ଗୋବର ଗାଡ଼ିଆ

Digitized by PPRACHIN, SOA

ଚଞ୍ଚଳା—ଯାରେ ଗାଡ ପଶା ମାଙ୍କୁଆ ।
ଆଲୋ ମାଉସୀ, ଆଲୋ ମାଉସୀ
ତୁ ମାତାଜୀ, ହାଁ ତୁ ମାତାଜୀ
ତୋର ବାବାଜୀ କାହିଁ ଲୋ
ତୋର ବାବାଜୀ କାହିଁ ଲୋ ।

ରଚନା—ଅକ୍ଷୟ ମହାନ୍ତି
ଗାଇଛନ୍ତି—ଅକ୍ଷୟ, ସୁଜିତ

●

## ଗୀତ ନଂ—୪

ଭିଣୋଇ ବାବୁ ଭିଣୋଇ ବାବୁ
ପଇଡ଼ରେ ପାଣି ଟାବୁ ଟାବୁ
ଯାତରା ଦେଖାଇ ସାଙ୍ଗରେ ନବୁ
ଖଇ ଉଖୁଡ଼ା କାନିରେ ଦବୁ ।

ସୁନ୍ଦେରୀ ଶାଳି ସୁନ୍ଦେରୀ ଶାଳି
ଗୁଣ୍ଡୁଣୀ ହାତୀ, ତୋର ଗୁଳି
କେମିତି ଏକେଲା ସାଙ୍ଗରେ ଯିବୁ
ଯାତରାରେ ଲୋକ ହାବୁ ଯାବୁ ।

ଭିଣୋଇ ବାବୁ.........
କହିଲ ମତେ ଦେଖାଇ ନେବ ପୁରୁଷୋତ୍ତମ ରଥ ଯାତରା
ଉଣ୍ଡେଇ ଦେଲ ହାତରେ ଦେଇ ଖଣ୍ଡପଡ଼ା ଛେନା କାକରା
ଅପାକୁ କେତେ ଦରବ ଦେଲ କରିବାକୁ ଘର କରଣା
ମୋ ବେଳକୁ ହଜାରେ ମିଛ ସୁହାଗ ତୁମ ଅଲଣା
ଗେହ୍ଲେଇ ରାଣୀ, ଗେହ୍ଲେଇ ରାଣୀ,
ବାଟରେ କରୁଛୁ ରାହାଜାନି
ମୋହର ଯାହା ତୋହର ସବୁ
କହ ତୁ କିସ ସାଙ୍ଗରେ ନବୁ ।

ଭିଣୋଇ ବାବୁ..........
ବଣିଜ କରି ଗଲି ମୁଁ ଯେବେ ଗଲି ପୁଣି ସୁତାନଟୀ
ଆଣିଲି ସଙ୍ଗେ ହୀରା ଜଡ଼ଉ କଙ୍କଣ ଦଶପଟି
ଗଣ୍ଡାଏ ଗଲା ବାଟରେ ହଜି ଛ'ପଟ ଥିଲା ତ ଅଧିଆ
ଧରିଅଛି ମହିଁ ଲେଉଟାଣିରେ ଲୁଚି ନେଲେ ବୋହ୍ମାଟିଆ

Digitized by PPRACHIN, SOA

ମିଠୁଆ ବାବୁ, ହଟିଆ ବାବୁ
ଉଆଉ ଗଳ୍ପ ଆବୁ ଅବୁ
ମିଛ କଥା ତୁ କହୁଥିବୁ
ଶେଷକୁ ହେଙ୍କୁ ଶୁଙ୍ଘାଇ ଦବୁ ।
ଭିଣୋଇ ବାବୁ ଭିଣୋଇ ବାବୁ ।

ରଚନା—ଅକ୍ଷୟ ମହାନ୍ତି
ଗାଇଛନ୍ତି—ଗୀତା, ଅକ୍ଷୟ

*

## ଗୀତ ନଂ—୫

ସାତ ଦରିଆ ପାରିରେ
ସାତ ଦରିଆ ପାରିରେ ବୋଇତ ଭସି ଯା
ଗୋରଫ ଗଡ଼ି ଯା
ବୋଇତ ଭସି ଯା
ଠାକୁର ଭରସା ତୋର ମଙ୍ଗଳା ଭରସା
ଗୋରଫ ଗଡ଼ି ଯା
ବୋଇତ ଭସି ଯା
ସିମିଳି ଦ୍ୱୀପରୁ ଦୂର ଲଙ୍କା ଯବ ଦ୍ୱୀପ
ଲହରି ଲହରି ଭର ସାଗର ଅମାପ
ଶଙ୍କା ନାହିଁ ଦକା ନାହିଁ ଆମେ ତ ସାଧବ
ବୋଇତେ ଆଣିବୁ ଭରି ବଣିଜ ଦରବ
ଓଡ଼ିଆ ପୁଅକୁ ସାହା କାଳିଆ ଭରସା
ବୋଇତ ଭସି ଯା
ଗୋରଫ ଗଡ଼ି ଯା
ସାତ ଦରିଆ ପାରିରେ..........
ବୋଇତରେ ତୋର କୋଳେ ସୁହାଗ ସିନ୍ଦୂର
ଟଙ୍କାମାଡ଼ା ଶୁଭ ହେଉ ବଣିଜ ବେପାର
ଦରିଆରେ ବୁଡ଼ି ବୁଡ଼ି ରହିଛି ପାହାଡ଼
ତୋଫାନ କି ଅଛି ପୁଣି ବୋହ୍ଲାଟିଆ ଝଡ଼ ।
ସାଧବ ପୁଅକୁ ସାହା ମଙ୍ଗଳା ଭରସା
ବୋଇତ ଭସି ଯା
ଗୋରଫ ଗଡ଼ି ଯା
ସାତ ଦରିଆ ପାରିରେ... ......

ଗାଇଛନ୍ତି—ଅକ୍ଷୟ ମହାନ୍ତି ଓ ଅନ୍ୟମାନେ
ରଚନା—ଅକ୍ଷୟ ମହାନ୍ତି

Digitized by PPRACHIN, SOA

## ଗୀତ ନଂ—୬

ଜୟ ମା ମଙ୍ଗଳା, ବିପଦ ଭଞ୍ଜନୀ,
ଆରତ ନାଶିନୀ ଦୟାମୟୀ
ଶକ୍ତି ପ୍ରଦାୟିନୀ, ସଙ୍କଟ ତାରିଣୀ,
ଦୁଃଖ ନିବାରିଣୀ ମହାମାୟୀ
ଆପଦେ ବିପଦେ ଦୀନ ଜନ ଲାଗି
ଦଶ ପ୍ରହରେଣ ରହୁ ଜାଗି, ରହୁ ଜାଗି ।
କେତେ ଦୁଃଖୀ ମନ ଦରିଦ୍ର ଜୀବନ
ବିତିଛି ଜୀବନେ ଆଶା ମାଗି, ଆଶା ମାଗି ।
ବୁଡ଼ିବାର ବେଳା, କୂଳେ କରି ଖେଳା,
ଟେକ୍ ଆଡ଼ୁ ଆନେ କରୁ ଛାଇ
ଜୟ ମା ମଙ୍ଗଳା..............
ଗୁଳି ନ ଥିଲି ମୁଁ, ପିସ୍ତା ଧାରେ ବୋଲି,
ଖଣ୍ଡାଧାରେ ମତେ ଚଲାଇଲୁ
ନାଲି କାଇଁଚକୁ ପୋହଳା ମନାଇ
ତୁଛାଟାରେ ସିନା ଭଣ୍ଡାଇ ଦେଲୁ
ସକାଳ କାକର ଝିଲିମିଲି ଦେଖି
ମୁକୁତା ବୋଲି ମୁଁ ଭଳିଗଲି, ଭଳିଗଲି ।
ପଳାଶ ବୋଲି ଯା ଜୁଡ଼ାରେ ଖୋସିଲି
ଜଳନ୍ତା ଜୁଇରେ ଜଳିଗଲି, ଜଳିଗଲି
ମହୁ ବୋଲି ମୋତେ ମହୁଆ ଯା ଦେଲୁ
ବିଷେ ବିଷେ ମଜ୍ଜି ଘାରି ହେଲା ।
ଜୟ ମା ମଙ୍ଗଳା..............

ଗାଉଛନ୍ତି—ତୃପ୍ତି, ଗୀତା ଓ ଅନ୍ୟମାନେ
ରଚନା—ବିନୋଦିନୀ ଦେବୀ ।

●

## ଗୀତ ନଂ—୭

ନିରିମାଖୀ କୁଆଁରୀ ମୁଁ ଶୁଣ ମୋ ଦରନି
ଆଳିଅଳ ଜେମା ହେଲି ଖୁଦରଙ୍କୁଣୀ, ଖୁଦରଙ୍କୁଣୀ
ନିରିମାଖୀ.........

ବାପା ମୋ ସାଧବ ମା' ସାଧବାଣୀ
ସାତ ଭାଇରେ ମୁଁ ଏକଇ ଦୁଲଣୀ

Digitized by PPRACHIN, SOA

ଚଲ୍ଲ ବାଟେ ଥିଲ୍ଲ ଆଲଟ ଆବେଣୀ
ଖାଇ ଫିଙ୍ଗିଥିଲି ଅଧମ ଲବଣୀ
କିମିଆ କରିଲ୍ଲ ବୁଢ଼ୀ ମା'ଲିଆଣୀ
ଗ୍ରନ୍ଦ ପାଇଁ କଲି ଅଝଟ ରୁଷାଣୀ
ଅଧା ଗ୍ରନ୍ଦେ ମା' ପୁଣ ଗ୍ରନ୍ଦେ ବାପା
ଛେଉଣ୍ଡ ହେଲି ମୁଁ ଆହ୍ମା ସାଧବ ଦୁଲଣୀ ।
ନିରିମାଖୀ..........
ସାତ ଭାଇ ଗଲେ ବଣିଜ କରି
ସାତ ଭାଉଜ ମୋ ସାତଟି ପରୀ
ଛଅ ଭାଉଜଙ୍କ ଗୁମର ଝରି
ଖଟେଇଲେ ମୋତେ ପୋଇଲି ପରି
ଗହନ ବନେ ମୁଁ ଢରିଲି ଛେଳି
ଖାର ମୂଷାମାଟି ଖାଇଲି ଡରି
ଘରର ଦୁଲଣୀ ନେଲି ମୁଁ ମେଲ୍ଲଣି
ଘରମଣି ଛାର ହେଲ୍ଲ ତାଙ୍କ ମଥାମଣି ।
ନିରିମାଖୀ..........

ଗାଇଛନ୍ତି—ତୃପ୍ତି
ରଚନା—ବିନୋଦିନୀ ଦେବୀ ।

('ତଅପୋଇ' ଚିତ୍ରର ସୁଟିଂ ଅବସରରେ ନିର୍ଦ୍ଦେଶକ ଶରତ ପୂଜାରୀ ନାୟିକା କ୍ଷଣପ୍ରଭାଙ୍କୁ ଏକ ଦୃଶ୍ୟର ଅଭିନୟ ବିଷୟରେ ବୁଝାଉଛନ୍ତି)

Digitized by PPRACHIN, SOA

# 'ତଅପୋଇ' ଚିତ୍ରର ନିର୍ମାତା

## ଶ୍ରୀ ସୁବୋଧ ସାମଲ

ଓଡ଼ିଆ ଚଳଚିତ୍ର ପ୍ରଯୋଜନା କ୍ଷେତ୍ରରେ ଯେଉଁ କେତେଜଣ ତରୁଣ ପ୍ରଯୋଜକ ଦେଖାଯାନ୍ତି, ସେମାନଙ୍କ ମଧ୍ୟରୁ ପ୍ରଯୋଜକ ଶ୍ରୀ ସୁବୋଧ ସାମଲ ଅନ୍ୟତମ । ଭିନ୍ନ ରୁଚି, ଭିନ୍ନ ଚିନ୍ତାଧାରାରେ ଚିତ୍ର ନିର୍ମାଣ କରି ଓଡ଼ିଆ ଚଳଚିତ୍ର ଶିଳ୍ପର ବିକାଶ ସାଧନ କରିବା ସଙ୍ଗେ ସଙ୍ଗେ ଓଡ଼ିଶାର କଳାପ୍ରେମୀଙ୍କୁ ଆନନ୍ଦ ଦେବା ତାଙ୍କର ଲକ୍ଷ୍ୟ ।

ନିଜେ ଜଣେ ଇଞ୍ଜିନିୟର । ତାଙ୍କର ମନ କେବଳ ସେଇ ଇଞ୍ଜିନିୟରିଂ ଶିକ୍ଷାର ବିନିଯୋଗରେ ନ ରହି—ଇଞ୍ଜିନିୟରିଂ ମଧ୍ୟରୁ କଳା; ଚଳଚିତ୍ର କଳା ମଧ୍ୟକୁ ହଠାତ୍ ଆକୃଷ୍ଟ ହୁଏ । ଛାତ୍ର ଜୀବନରେ ନାଟ୍ୟ କଳା ପ୍ରତି ଆଗ୍ରହ ଓ ବିଭିନ୍ନ ଭାଷାରେ ଦେଖିଥିବା ଚଳଚିତ୍ରର ପ୍ରଭାବ ତାଙ୍କର ଚପଳମତି ମନକୁ ଅନ୍ଦୋଳିତ କରିଥିଲା । ସୁଦୂର ଅତୀତର ସେଇ କଳାପ୍ରେମର ନିଦର୍ଶନ ସ୍ୱରୂପ ଆଜି ସେ 'ତଅପୋଇ' ଚିତ୍ରର ପ୍ରଯୋଜନା କ୍ଷେତ୍ରକୁ ଆସିଛନ୍ତି । ତାଙ୍କର ବଂଧୁ, ପରିଜନ-ପରିବାର ବିଶେଷତଃ ତାଙ୍କର ସ୍ତ୍ରୀ ତାଙ୍କୁ ବହୁ ଭାବରେ ଉତ୍ସାହ ପ୍ରଦାନ କରିଛନ୍ତି ।

ଓଡ଼ିଆ ସଂସ୍କୃତି ଓ ଐତିହ୍ୟର ନିଦର୍ଶନ ସ୍ୱରୂପ 'ତଅପୋଇ' ଭଳି ଏକ ଦୁଃଖଭରା କିମ୍ବଦନ୍ତୀକୁ ସେ ରଙ୍ଗୀନ ଚିତ୍ର ରୂପ ଦେଇଛନ୍ତି, ପ୍ରଯୋଜନା ସଂସ୍ଥା 'ଗୌରୀ ଫିଲିମସ' ଆନୁକୂଲ୍ୟରେ । 'ତଅପୋଇ' ଚିତ୍ର ଆଜି ପ୍ରଦର୍ଶିତ ହେବାକୁ ଯାଉଛି, ଏହି ଚିତ୍ରଟି ଓଡ଼ିଶାର ଚିତ୍ରପ୍ରେମୀ ଦର୍ଶକଙ୍କୁ ଆନନ୍ଦ ଦେବ ବୋଲି ପ୍ରଯୋଜକଙ୍କ ସହ ଆମେ ମଧ୍ୟ ଆଶା କରୁ ।

ସଂପାଦକ—ବାଣୀଚିତ୍ର

Digitized by PPRACHIN, SOA

# ତଅପୋଇ ଚିତ୍ର ନିର୍ମାତାଙ୍କ ସହ
# ଏକ ସାକ୍ଷାତକାର :

ସଂପାଦକ ବାଣୀଚିତ୍ର:—ଆପଣ ତ ଜଣେ ଇଞ୍ଜିନିୟର ହଠାତ୍ ଚଳଚିତ୍ର ନିର୍ମାଣ ପ୍ରତି କାହିଁକି ଆଗ୍ରହ ପ୍ରକାଶ କଲେ ?

ସୁବୋଧ ସାମଲ—ଅତୀତରେ ନାଟ୍ୟକଳା ପ୍ରତି ମୋର ଯଥେଷ୍ଟ ଆଗ୍ରହ ଥିଲା । ପରବର୍ତ୍ତୀ ସମୟରେ ଦେଖିଲି ଚଳଚିତ୍ର ଏକ ଅତ୍ୟାଧୁନିକ କଳା, ଯାହାକି ଅତି କମ ସମୟ ମଧ୍ୟରେ—ସାମାଜିକ ସଂସ୍କୃତିକୁ ଲୋକମାନଙ୍କ ନିକଟରେ ପହଞ୍ଚାଇ ପାରୁଛି ଏବଂ ପ୍ରାନ୍ତୀୟ ଭାଷାରେ ନିର୍ମିତ ଚଳଚିତ୍ରର ପ୍ରଭାବ ମଧ୍ୟ କେତେକ ପରିମାଣରେ ମୋ ଉପରେ ପ୍ରଭାବ ପକାଇ ଥିଲା । ତେଣୁ ଚିତ୍ର ନିର୍ମାଣ ପ୍ରତି ମୋର ଆଗ୍ରହ ବଢ଼ିଲା ।

ସଂ ବା :—ଚଳଚିତ୍ର ନିର୍ମାଣ ପାଇଁ ଅନ୍ୟାନ୍ୟ ବହୁ କାହାଣୀ ଥିବା ସ୍ଥଳେ, 'ତଅପୋଇ' ଭଳି ଏକ ପୁରାତନ କାହାଣୀକୁ ଚିତ୍ର ରୂପ ଦେବା ପାଇଁ କାହିଁକି ସ୍ଥିର କଲେ ?

ସୁ ସା:—'ତଅପୋଇ' ଚିତ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାର ବହୁ ପୂର୍ବରୁ ଦିନେ ଏକ ସନ୍ଧ୍ୟାକାଳୀନ ଆଲୋଚନାରେ ଚିତ୍ର ନିର୍ମାଣ କଥା ମନକୁ ଆସିଲା । କୃଷ୍ଣ ସୁଦାମା ପୌରାଣିକ ଚିତ୍ର ହିସାବରେ ଲୋକପ୍ରିୟତା ଅର୍ଜନ କରିଥିବା କଥା ଶୁଣିଥିଲି । ସେଇପରି କାଞ୍ଚି ଅଭିଯାନ, ସୀତା ବିବାହ ଓ ମହାଭାରତର କୌଣସି ଏକ କାହାଣୀକୁ ଚିତ୍ର ରୂପ ଦେବା କଥା ଭାବିଥିଲି; କିନ୍ତୁ ସେଥିରେ ଦୃଶ୍ୟ ଗ୍ରହଣରେ କେତେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଭାବି ବସିବାବେଳେ 'ତଅପୋଇ' ଭଳି ଏକ ଦୁଃଖଭରା କିମ୍ବଦନ୍ତୀ ମୋ ସ୍ମୃତିପଟକୁ ଆସିଲା । ଓଡ଼ିଶାର ସଂସ୍କୃତି ଓ ଐତିହ୍ୟକୁ ଲୋକଲୋଚନକୁ ଆଣିବାକୁ ହେଲେ 'ତଅପୋଇ' ଭଳି ଏକ ଚିତ୍ରର ଆବଶ୍ୟକତା ଅନୁଭବ କଲି ଏବଂ ଏହାର କାହାଣୀ ଓଡ଼ିଶାର ପୁରପଲ୍ଲୀ ଠାରୁ ଆରମ୍ଭ କରି ସହରାଞ୍ଚଳରେ ବେଶି ଆଦୃତ ହେବ ବୋଲି ଚିନ୍ତା କରି ଏହି କାହାଣୀଟିକୁ ଶେଷରେ ରଙ୍ଗୀନ୍ ଚିତ୍ର ରୂପ ଦେବାକୁ ସ୍ଥିର କଲି ।

ସଂ : ବା :—ତଅପୋଇ ଚିତ୍ର ନିର୍ମାଣ କରିବାକୁ ଯାଇ ପ୍ରତ୍ୟେକଟି ଚରିତ୍ର ପାଇଁ ଉପଯୁକ୍ତ କଳାକାର ଓ ଅନ୍ୟାନ୍ୟ ଶିଳ୍ପ କଳା ପାଇଁ ଶିଳ୍ପୀମାନଙ୍କୁ ନିଜ ମନ ମୁତାବକ ପାଇଛନ୍ତି କି ?

Digitized by PPRACHIN, SOA

ସୁ: ସା:—ମୋ ମନ ମୁତାବକ ଉପଯୁକ୍ତ କଳାକାର ଓ ଟେକ୍‌ନିସିୟାନ-ମାନଙ୍କୁ ପାଇଥିଲି । ପରବର୍ତ୍ତୀ ସମୟରେ ନିର୍ମିତ ଚିତ୍ର ପାଇଁ ମଧ୍ୟ ଆହୁରି ଭଲ ଶିଳ୍ପୀ ଓ କଳାକାରମାନଙ୍କୁ ପାଇବି ବୋଲି ଆଶା କରେ ।

ସଂ: ବା:—'ଡଅପୋଇ' ଚିତ୍ରର ପ୍ରସେସିଂ କାର୍ଯ୍ୟ ବମ୍ବେରେ କଲେ । ସେଠାରେ କ'ଣ ସବୁ ସୁବିଧ ମିଳିଲା କହିବେ କି ?

ସୁ: ସା:—ଡଅପୋଇର ସମସ୍ତ ପ୍ରସେସିଂ କାର୍ଯ୍ୟ ବମ୍ବେର 'ରମନର୍ଡ ରିସାର୍ଚ୍ଚ ଲାବୋରେଟରୀରେ ଶେଷ ହେଲା । ସେଠାରେ ଦେଖିଲି ଟେକ୍‌ନିସିୟାନ-ମାନଙ୍କର ଅପୂର୍ବ ସହଯୋଗ । ସମୟାନୁଯାୟୀ କାର୍ଯ୍ୟ, ଦାୟିତ୍ୱ-ବୋଧତା ପ୍ରାନ୍ତୀୟ ଭାଷାରେ ନିର୍ମିତ ଚିତ୍ର ପ୍ରତି ସେମାନଙ୍କର ଶ୍ରଦ୍ଧା ପ୍ରଦର୍ଶନ ଓ ସର୍ବୋପରି ସେମାନଙ୍କର ବ୍ୟବହାର ମୋତେ ମୁଗ୍ଧ କଲା ।

ସଂ: ବା:—ସଂପ୍ରତି ଓଡ଼ିଆ ଚଳଚିତ୍ରର ଯେଉଁ ପ୍ରଦର୍ଶନ ଭିଡ଼ ଲାଗି ରହିଛି, ଏ ସମୟରେ ଆପଣଙ୍କ ଚିତ୍ରର ସ୍ଥାନ କେଉଁଠି ବୋଲି ମନେ କରୁଛନ୍ତି ?

ସୁ ସା:—ମୋ ମତରେ ଓଡ଼ିଆ ଚିତ୍ର ଯାତ୍ରାସବୁ ଏ ପର୍ଯ୍ୟନ୍ତ ପ୍ରଦର୍ଶନ ଉପଯୋଗୀ ହୋଇଛି, 'ଡଅପୋଇ' ସେଥିମଧ୍ୟରୁ ଏକ ବିଶେଷ ସ୍ଥାନ ହାସଲ କଲା ଭଳି ଚିତ୍ର । ଏ ଚିତ୍ରକୁ ସର୍ବାଙ୍ଗ ସୁନ୍ଦର କରି ଉପଯୁକ୍ତ ଚିତ୍ର ରୂପ ଦେବା ପାଇଁ ମୁଁ ମୋର ପାରୁପର୍ଯ୍ୟନ୍ତ ଚେଷ୍ଟା କରିଛି । ସଂପ୍ରତି ମୁକ୍ତିଲାଭ କରିଥିବା ଚିତ୍ରମାନଙ୍କ ମଧ୍ୟରେ 'ଡଅପୋଇ' ମଧ୍ୟ ଲୋକ-ପ୍ରିୟତାର ଶୀର୍ଷ ସ୍ଥାନରେ ପହଞ୍ଚି ପାରିବ ବୋଲି ମୋର ଆଶା ।

ସଂ: ବା;—ଚିତ୍ର ପ୍ରଯୋଜନା ସହ ସଂପୃକ୍ତ ବ୍ୟକ୍ତିବିଶେଷଙ୍କ ଠାରୁ ଶୁଣ ଯାଏ ଯେ ଡଅପୋଇ ଏକ ସର୍ବାଧିକ ବ୍ୟୟବହୁଳ ଚିତ୍ର । ଏ ଚିତ୍ରରେ ବଜେଟ ବାହାରେ ବହୁ ଅର୍ଥ ବ୍ୟୟ ହୋଇଛି ବୋଲି, ବ୍ୟବସାୟିକ ଦୃଷ୍ଟିରୁ ଲାଭବାନ ହେବା କଷ୍ଟକର ଇତ୍ୟାଦି ଇତ୍ୟାଦି । ଏଥିରେ ଆପଣଙ୍କର ମତ କ'ଣ ?

ସୁ ସା:—ଲୋକମାନଙ୍କର ମତରେ ଯାହା ଶୁଣାଯାଉଛି ସେମାନଙ୍କର ଧାରଣା ସେଇଆ ହିଁ ହେଉ ବରଂ ଏଥିରେ ମୁଁ ଖୁସି ହେବି; କିନ୍ତୁ ମୁଁ ଏ ଚିତ୍ର ନିର୍ମାଣ କରି ଉପଲବ୍ଧି କରିଛି, ଏହା ବ୍ଲାକ୍ ଆଣ୍ଡ ହ୍ୱାଇଟ୍ ଚିତ୍ର ଠାରୁ ମାତ୍ର ଏକ ଲକ୍ଷ ଟଙ୍କା ଅଧିକ ଖର୍ଚ୍ଚ ହୋଇଛି । ମୋ ଜାଣିବାରେ ମୋର ପ୍ରଥମ ବଜେଟ ଅନୁଯାୟୀ କାର୍ଯ୍ୟ ହୋଇଛି ଏବଂ କିଛି ଖର୍ଚ୍ଚ ଅଧିକ ହୋଇନାହିଁ ।

ସଂ:ବା:—ଏତେ ପୁରାତନ କାହାଣୀକୁ ଆଜି ଚିତ୍ରରୂପ ଦେଇ ଆପଣ ସଫଳ ହୋଇ ପାରିଛନ୍ତି କି ବୋଲି ଅନୁଭବ କରନ୍ତି ?

Digitized by PPRACHIN, SOA

ସୁ: ସା:—ମୋ କଳ୍ପନାରେ ତତ୍କାଳୀନ ସମୟ ସହ ଖାପ୍ ଖୁଆଇ ପ୍ରତ୍ୟେକଟି ଦିଗ ପ୍ରତି ଲକ୍ଷ୍ୟ ଦେଇ ଚିତ୍ର ରୂପ କରିବାକୁ ଯାଇଛି । ମୋ ମତରେ ମୁଁ ସଫଳ ହୋଇଛି ।

ସଂ: ବା: —ଚିତ୍ର ନିର୍ମାଣରେ ଆପଣଙ୍କର ପରବର୍ତ୍ତୀ ଯୋଜନା କ'ଣ ?

ସୁ: ସା:—ମୁଁ ସିଦ୍ଧାନ୍ତ କରିଛି ଗୌରୀ ଫିଲ୍ମସ୍ ବ୍ୟାନରରେ ଉଚ୍ଚକୋଟୀର ଚିତ୍ର ନିର୍ମାଣ ହେବ ଏବଂ ତାହା ସବୁ ରଙ୍ଗୀନ ଚିତ୍ର ହେବ । ଯଦି ବ୍ଲାକ୍ ଆଣ୍ଡ ହ୍ୱାଇଟ ଚିତ୍ର ନିର୍ମାଣ ହୁଏ ତାହା ଗୌରୀ ଫିଲ୍ମର Sister concerned କରିବ ।

●

('ତଅପୋଇ' ଚିତ୍ରର ଏକ ନୃତ୍ୟାଭିନୟରେ ଅଂଶ ଗ୍ରହଣ କରିଥିବା ନୃତ୍ୟଶିଳ୍ପୀମାନଙ୍କ ସହ ପ୍ରଯୋଜକ ସୁବୋଧ ସାମଲ, ଶ୍ରୀମତୀ ପୁଷ୍ପା ସାମଲ, କ୍ୟାମେରାମ୍ୟାନ ସୁରେନ୍ଦ୍ର ସାହୁ, ନାୟିକା କ୍ଷଣପ୍ରଭା, ଅନୀତା ପ୍ରମୁଖ)

Digitized by PPRACHIN, SOA

# 'ତଅପୋଇ' ଚିତ୍ରର ନିର୍ଦ୍ଦେଶକ ଶ୍ରୀ ଶରତ ପୂଜାରୀ

ଅଭିନୟ କଳା କ୍ଷେତ୍ରରେ ଜଣେ ପ୍ରତିଷ୍ଠିତ ଅଭିନେତା ଓ ସୁଦକ୍ଷ ନିର୍ଦ୍ଦେଶକ ଭାବେ ପରିଚିତ । ଛାତ୍ର ଜୀବନରୁ ଅଭିନୟ କଳା ପ୍ରତି ଆକୃଷ୍ଟ ହୋଇ ନିଜର ଅଭିନୟ ଚାତୁରୀ ପାଇଁ ବହୁବାର ପ୍ରଶଂସିତ । ୧୯୫୯ ମସିହାରେ କଟକରେ ନାଟ୍ୟ ଆନ୍ଦୋଳନ ସହ ସଂପୃକ୍ତ ରହି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ନାଟକ ପ୍ରତିଯୋଗିତା ଉତ୍ସବରେ ସମ୍ମାନୀତ । କେବଳ ସେତିକି ନୁହେଁ ଚିତ୍ର ଆଙ୍କିବା, ଗଳ୍ପ କବିତା ଲେଖିବା ଓ ସୁବକ୍ତା ଭାବେ ନିଜର ପ୍ରତିଭାର ପରିଚୟ ଦେଇଛନ୍ତି । ୧୯୫୮ ମସିହାରେ 'ମହାଲକ୍ଷ୍ମୀ ପୂଜା' ଓଡ଼ିଆ ଚିତ୍ରରେ ପ୍ରଥମେ ଅଭିନୟ ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ନିଜର କର୍ମ ସଂସ୍ଥାନ ପାଇଁ ପବ୍ଲିସିଟି ଏଜେଣ୍ଟ, ବୁକ ଡିଜାଇନର, କିରାଣୀ, ଅଧ୍ୟାପକ ଓ ଅଧ୍ୟକ୍ଷ ଭାବରେ ନିଜର କର୍ମମୟ ଜୀବନର ଅଗ୍ରସର ମଧ୍ୟରେ ସୌଖିନ ଭାବେ ଚଳଚିତ୍ରରେ ଅଭିନୟ କରି ଆଜି ସୁଦ୍ଧା ପନ୍ଦରଟି ଚିତ୍ରରେ ଅଭିନୟ କରିଛନ୍ତି । ଚଳଚ୍ଚିତ୍ରରେ ଅଭିନୟ କରିବା ସଙ୍ଗେ ସଙ୍ଗେ ଚିତ୍ର ନିର୍ମାଣର ବୈଷୟିକ ଦିଗ ପ୍ରତି ଆକୃଷ୍ଟ ହୋଇ ୧୯୬୪ରେ 'ସାଧନା' ଓ ୧୯୬୬ରେ 'ମାଟିର ମଣିଷ' ଚିତ୍ରରେ ବୈଷୟିକ ବିଭାଗରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । 'ସାଧନା' ଚିତ୍ରରେ ନିଜେ ଅଭିନୟ କରିବା ସଙ୍ଗେ ସଙ୍ଗେ ମଧ୍ୟ ଜଣେ ପ୍ରଯୋଜକ ଥିଲେ । ସଂପ୍ରତି ଶ୍ରୀ ପୂଜାରୀ 'ତଅପୋଇ' ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି । ତାଙ୍କ ନିର୍ଦ୍ଦେଶିତ ଆଗାମୀ ଚିତ୍ର ହେଲା 'ଅଶାନ୍ତ ଗ୍ରହ' ଓ ତାଙ୍କ ଅଭିନୀତ ଚିତ୍ରହେଲା : ମୁକ୍ତା, ସମର୍ପଣ, ବାଟ ଅବାଟ । ତାଙ୍କ ସହ ଏକ ସାକ୍ଷାତକାରରେ ସେ ଯାହା କୁହନ୍ତି ପଢ଼ନ୍ତୁ ।

ସଂପାଦକ 'ବାଣୀଚିତ୍ର'

Digitized by PPRACHIN, SOA

ସଂପାଦକ ବାଣୀଚିତ୍ର—ଆପଣ ଦୀର୍ଘଦିନ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ସହ ସଂପୃକ୍ତ ରହି ଆସିଛନ୍ତି । ଆଜିର ଏ ଚିତ୍ର ନିର୍ମାଣର ଦ୍ରୁତ ଅଗ୍ରଗତି ଉପରେ; ଚଳଚ୍ଚିତ୍ର ଶିଳ୍ପର ଭବିଷ୍ୟତ କ'ଣ ବୋଲି ଲକ୍ଷ୍ୟ କରୁଛନ୍ତି ।

ଶରତ ପୂଜାରୀ ଭବିଷ୍ୟତଟା ସବୁବେଳେ ଉଜ୍ଜଳମୟ ! ବର୍ତ୍ତମାନଟା କିନ୍ତୁ ଆଜିପାଏ ଗୋଳିଆ । ଗୋଳି ପାଣିରେ ମାଛ ଧରିବା କଥା ଯାହା ଆଜିକାଲି ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ଅବସ୍ଥା ଠିକ୍ ସେଇଆ । ଅଗ୍ରଗତିଟା-ଭଉଁରୀ ଆକାରରେ ତଳ ପାଣିକୁ ଉପରକୁ ଉପର ପାଣିକୁ ତଳକୁ, ବାଁ କରେଣ୍ଟ, ଡାହାଣ କରେଣ୍ଟ, ଅଣ୍ଡର କରେଣ୍ଟ, ସବୁ ମିଶାମିଶି କରି ଦେଇଛି । ଏତେ ଦ୍ରୁତ ଗତି ଯେ ଆମକୁ ତାହା ଅଗ୍ରଗତି ପରି ଲାଗୁଛି । ଦେଖିଲାବେଳକୁ ଆମେ ଯେଉଁଠି ଅଛୁ—ସେଇଠି ।

ସଂ ବାः—ଓଡ଼ିଆ ଚଳଚିତ୍ରରେ ସଂପ୍ରତି ଯେଉଁସବୁ ପରିବର୍ତ୍ତନ ଦେଖାଦେଇଛି, ପ୍ରାନ୍ତୀୟ ଭାଷାରେ ନିର୍ମିତ ଚିତ୍ର ଗୁଡ଼ିକରି ଯଥେଷ୍ଟ ପ୍ରଭାବ ଆମ ଚିତ୍ର ଉପରେ ପଡ଼ୁଛି ବୋଲି କେହି କେହି କହୁଥିବା ବେଳେ, ଆପଣ କ'ଣ ଅନୁଭବ କରୁଛନ୍ତି ?

ଶः ପୂ—ପରିବର୍ତ୍ତନ ଗୋଟିଏ ଦୃଷ୍ଟିରୁ ବିଶେଷ ପରିଲକ୍ଷିତ ହେଉଛି—ସେଇଟା ଜନ ସାଧାରଣଙ୍କ ଓଡ଼ିଆ ଚଳଚ୍ଚିତ୍ର ପ୍ରତି ଆଗ୍ରହ ଓ ସଚେତନତା । ତେଣୁ ବହୁ ପତ୍ର ପତ୍ରିକା, ବହୁ ସମାଲୋଚନା, ଆଲୋଚନା, ବହୁ ପ୍ରଯୋଜକ ନିର୍ଦ୍ଦେଶକ, ବହୁ କଳା କୁଶଳୀ ବହୁ ହିରୋ ହିରୋଇନଙ୍କ ପଟୁଆର, କିନ୍ତୁ ଏ ପରିବର୍ତ୍ତନ ଗୁଣ ମୂଳକ ଭାବରେ ଓଡ଼ିଆ ଚଳଚିତ୍ର ଓ ଚଳଚ୍ଚିତ୍ର ଶିଳ୍ପ ଭିତରେ ପ୍ରକାଶ ପାଉନାହିଁ । ପ୍ରାନ୍ତୀୟ ଭାଷାର ଚଳଚିତ୍ରରେ କୌଣସି ପ୍ରଭାବ ବର୍ତ୍ତମାନ ଓଡ଼ିଆ ଚଳଚିତ୍ର ଉପରେ ପଡ଼ି ନାହିଁ । କେବଳ ହିନ୍ଦି ବ୍ୟବସାୟିକ ଚଳଚିତ୍ରର ସୁସ୍ପଷ୍ଟ ପ୍ରଭାବଟା ଦେଖା ଯାଉଛି । ଭାରତର ଅନ୍ୟ ପ୍ରାନ୍ତୀୟ ଚଳଚିତ୍ରର ଉତ୍କର୍ଷତା ବର୍ତ୍ତମାନ ବିଦେଶୀୟ ଚଳଚିତ୍ର ଉତ୍ସବମାନଙ୍କରେ ପୁରସ୍କୃତ ହେଲାବେଳେ ଆମେ କେବଳ ଶସ୍ତା ହିନ୍ଦି ବ୍ୟବସାୟିକ ଚଳଚିତ୍ରର ପ୍ରଭାବଟିକୁ ଆପଣାର କରି ପାରିଛୁ । ! ! ଆମର ନିଜସ୍ୱ କିଛି ନାହିଁ ।

ସଂ. ବାः—ଗୋଟିଏ ସଫଳ ଚିତ୍ର ନିର୍ମାଣ କରିବା ପାଇଁ ପ୍ରତ୍ୟେକ ପ୍ରଯୋଜକ କେଉଁ କେଉଁ ବିଷୟ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ ?

ଶ. ପୂः—ପ୍ରଯୋଜକ 'ସୁନାରୀ' ଜାତୀୟ ହେବା ଉଚିତ୍ । ମାନେ 'ସୁନା ଚିହ୍ନେ ବଣିଆ' ପରି ହେବା ଉଚିତ୍ । ଯେ ନିଜେ ଯାହା ଚାହାନ୍ତି ତାକୁ ଯେଉଁ ଲୋକଟି ତିଆରି କରି ଆଣି ଦେବ, ଯେମିତି ଜଣେ 'ନିର୍ଦ୍ଦେଶକ' ବାଛିବା ତାଙ୍କର ସବୁଠାରୁ ବଡ଼ କାମ । ନିର୍ଦ୍ଦେଶକକୁ ବୁଝିବା ଓ ବୁଝେଇବା କାମ ସୁରୁଖୁରୁ ହେଲେ ତାଙ୍କର ଆଉ କିଛି ଅସୁବିଧା ହେବନାହିଁ ।

Digitized by PPRACHIN, SOA

ସଂ: ବା:—ଓଡ଼ିଆ ଚଳଚିତ୍ରଟିଏ ନିର୍ମାଣ ହେବା ପରେ ଯଦି ତାହା ସଫଳ ଚିତ୍ର ନ ହୁଏ ତେବେ ତାହାର କାରଣ ସ୍ୱରୂପ ଏହି ବିଫଳତା ପାଇଁ କିଏ ଦାୟୀ ହେବ ?

ଶ: ପ:—ଦେଖନ୍ତୁ ଆଜ୍ଞା, କୌଣସି ପ୍ରଯୋଜକ ଫ୍ଲପ୍ କରି, ବିଫଳ ଚିତ୍ର ତିଆରି କରେ ନାହିଁ । ବିଫଳତା ପାଇଁ ଅନେକଗୁଡ଼ିଏ କାରଣ ଅଛି । ଚିତ୍ରଟି ସଫଳ ହେଲେ ପ୍ରଯୋଜକ ବାହାଦୁରୀ ନେବ ଟା ସ୍ୱାଭାବିକ; କିନ୍ତୁ ସଫଳ ଚିତ୍ରର ଅଂଶୀଦାର ଚଳଚିତ୍ରର ସମସ୍ତ ବିଭାଗ । ଯଦି ପ୍ରଯୋଜକ ଓ ନିର୍ଦ୍ଦେଶକଙ୍କ ବୁଝାମଣାରେ ତ୍ରୁଟିଥାଏ, ତେବେ ଚଳଚିତ୍ର ବିଫଳ ହେବାର ସମ୍ଭାବନା ଖୁବ୍ ବେଶି । ତେଣୁ ବିଫଳତା ପାଇଁ ପ୍ରଯୋଜକ ଓ ନିର୍ଦ୍ଦେଶକ ଉଭୟେ ଦାୟୀ । ଯଦି ପୁଣି ପ୍ରଶ୍ନ ଉଠେ ବ୍ୟକ୍ତି ବିଶେଷ ଭାବରେ କିଏ ଦାୟୀ, ତା'ପରେ ଉତ୍ତର—ଆଜ୍ଞା କିଏ କାହା ଘରକୁ ପ୍ରଥମ ପ୍ରସ୍ତାବ ନେଇ ଆସିଥିଲେ ?

ସଂ: ବା:—ଚଳଚିତ୍ର ନିର୍ମାଣରେ ନିର୍ଦ୍ଦେଶକଙ୍କ ଭୂମିକା କ'ଣ ?

ଶ: ପୂ:—ସର୍କସ୍‌ର ରିଙ୍ଗ୍ ମାଷ୍ଟର । (ପ୍ରଯୋଜକଙ୍କ ଭୂମିକା ପଚାରିଲେ ନାହିଁ ଯେ—ସେ 'ବ୍ୟାଣ୍ଡ ମାଷ୍ଟର' । ମୂଳରୁ ଶେଷ ପର୍ଯ୍ୟନ୍ତ ଯେ ନିରବଚ୍ଛିନ୍ନ ଭାବରେ ସର୍କସ୍‌ର ସମସ୍ତ ଜନ୍ତୁ ଜାନୁଆର, ମଣିଷ, ଘୋଡ଼ା, ବାଘ ଓ ଦର୍ଶକ ସମସ୍ତଙ୍କୁ ସଙ୍ଗୀତ ମୂର୍ଚ୍ଛନାରେ ଅଭିଭୂତ କରି ରଖନ୍ତି ।)

ସଂ: ବା:—ତଅପୋଇ ଭଳି ଏକ ପୁରାତନ କାହାଣୀକୁ ଚିତ୍ର ରୂପ ଦିଆଯାଉଥିବା ବେଳେ ହଠାତ୍ ଆପଣ କିପରି ଏହାରି ନିର୍ଦ୍ଦେଶନା ଦାୟିତ୍ୱ ଗ୍ରହଣ କରିବାକୁ ଆଗେଇ ଆସିଲେ ?

ଶ: ପୂ:—ତଅପୋଇ କାହାଣୀ ସବୁ ଓଡ଼ିଆଙ୍କ ପ୍ରିୟ । ତେଣୁ ମୁଁ ଆଗେ ବଢ଼ି ହେଲି—ତା'ପରେ ଏହାର ଚିତ୍ର ରୂପ ମୋ ଆଖି ସାମ୍ନାରେ ଲେଖା ହେଲା । ଏହା ହଠାତ୍ ହୋଇନାହିଁ । ପ୍ରାୟ ଏକ ମାସର ଆଲୋଚନା ଓ ଗବେଷଣା ଫଳ ସ୍ୱରୂପ ପ୍ରାୟ ୨୦ ଦିନ ଭିତରେ ଚିତ୍ର ରୂପ ଲେଖା ହେଲା ।

ସଂ: ବା:—ତଅପୋଇ ଚିତ୍ରର ସୁଟିଙ୍ଗ୍ ଅବସରରେ ତତ୍କାଳୀନ ସମୟ ସହ ଖାପ ଖୁଆଇ ଚିତ୍ର ଗ୍ରହଣ କରିବାରେ କିମ୍ବା ପ୍ରଯୋଜନାଗତ କୌଣସି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି କି ?

ଶ: ପୂ:—ଆଗରୁ କହିଛି ଆଲୋଚନା ଓ ଗବେଷଣା ନ କରି ତଅପୋଇ ପ୍ରଯୋଜନାରେ ହାତ ଦିଆ ହୋଇ ନାହିଁ । ପ୍ରାୟ ପ୍ରତ୍ୟେକ ବିଷୟରେ ଧାରାବାହିକ ଭାବରେ ଆଲୋଚନା ଗବେଷଣା କରି ଆଗରୁ ଯୋଜନା ପ୍ରସ୍ତୁତ କରା ଯାଇଥିଲା । ତେଣୁ ଆମକୁ ସେମିତି କିଛି ଅସୁବିଧାର ସମ୍ମୁଖୀନ ହେବାକୁ ହୋଇନାହିଁ । ତେବେ ଦୈବି ଦୁର୍ଯୋଗ ଭାବରେ ତିନି ଚାରୋଟି ଅସୁବିଧା ଆସିଥିଲା । ତାହା ୧—ହଠାତ୍ ସାରା ଭାରତରେ

Digitized by PPRACHIN, SOA

ଟା ଫିଲ୍ମ୍‌ର ଅଭାବ । ସେଥିପାଇଁ ପ୍ରାୟ ଏକ ମାସ ସୁଟିଙ୍ଗ୍ ବନ୍ଦ ହୋଇଥିଲା । (୨) ବାଲେଶ୍ୱର ପାଖ ଅଞ୍ଚଳରେ ବୈଦ୍ୟୁତିକ ସରବରାହର ଗଣ୍ଡଗୋଳ, ସେଥିପାଇଁ ପ୍ରାୟ ୧୦।୧୨ ଦିନ କାମ ଧିମେଇ ଯାଇ-ଥିଲା । (୩) ବୁଢ଼ାବଳଙ୍ଗ ନଦୀରେ ଜୁଆର ଓ ଭଟ୍ଟା ଯୋଗୁଁ 'ବୋଇତ' ତିଆରି ଓ ତା'ର ସୁଟିଙ୍ଗ୍ କରିବାରେ ଅସୁବିଧା । (୪) ସୁଟିଙ୍ଗ୍ ସମୟରେ ଅସମ୍ଭବ ଲୋକ ଭିଡ଼ ଓ ଅସହଯୋଗ । ବେଳେ ବେଳେ ପାଞ୍ଚ ଛ' ହଜାର ଲୋକଙ୍କ ସମାବେଶରେ ସୁଟିଙ୍ଗ୍ କରିବାକୁ ପଡ଼ୁଥିଲା । ଯାତ୍ରା ବା ହରିହାଟ ଭିତରେ କାମ କରିବା କ'ଣ ସହଜ ? ତଥାପି ଏ ସବୁ ଭିତରେ କାମ ହୋଇଛି ଓ ଷାଠିଏଟି ସୁଟିଙ୍ଗ୍ ସିଫ୍ଟ ଭିତରେ କାମ ଶେଷ ହୋଇଛି ।

ପ୍ରଃ ବାଃ—ତଅପୋଇ ଚିତ୍ରରେ ଯେଉଁସବୁ ନୂତନ ଓ ପୁରାତନ କଳାକାରଙ୍କର ସମାବେଶ ହୋଇଛି, ସେମାନେ ସେମାନଙ୍କର ଚରିତ୍ରକୁ କିଭଳି ରୂପ ଦେଇଛନ୍ତି ବୋଲି ଆପଣ ଲକ୍ଷ୍ୟ କରିଛନ୍ତି ?

ଉଃ ପ୍ରଃ—ନିର୍ଦ୍ଦେଶକ ହିସାବରେ ସବୁ ମୁଖ୍ୟ ଚରିତ୍ର ଗୁଡ଼ିକ ସମାନ୍ତର ଭାବରେ ଭଲ ଅଭିନୟ ଯେପରି କରିବେ ସେଥିପ୍ରତି ମୁଁ ବିଶେଷ ଦୃଷ୍ଟି ଦେଇଛି । ତଅପୋଇରେ ସମସ୍ତଙ୍କ ଅଭିନୟ ଚରିତ୍ର ଉପଯୋଗୀ ହୋଇଛି । ଆପଣ ନିଜେ ଦେଖି ବୁଝି ପାରିବେ ।

ପ୍ରଃ ବାଃ—ସଂପୂର୍ଣ୍ଣ ରଙ୍ଗୀନ ଚିତ୍ର ତଅପୋଇ ଏକ ବ୍ୟୟସାପେକ୍ଷ ନିଶ୍ଚୟ, କିନ୍ତୁ ବର୍ତ୍ତମାନ ଯାହା ଶୁଣାଯାଏ ଏଥିରେ ପ୍ରଯୋଜକଙ୍କର ଯଥେଷ୍ଟ କିଛି ଅର୍ଥ ବ୍ୟୟ ହୋଇଛି । ଯାହାକି ବିତ୍ତର ବ୍ୟୟ ତୁଳନାରେ ଅଧିକ । ଏଥିରେ ଆପଣଙ୍କର ମତ କ'ଣ ?

ଉଃ ପ୍ରଃ—ରଙ୍ଗୀନ ଚିତ୍ର ମାତ୍ରକେ ବ୍ୟୟସାପେକ୍ଷ । ସାଧାରଣ ଧଳା କଳା ଚିତ୍ରର ଖର୍ଚ୍ଚ ଉପରେ ପ୍ରାୟ ଦୁଇ ଲକ୍ଷ ଟଙ୍କାରୁ ଅଧିକ ଖର୍ଚ୍ଚ ହେବା ସ୍ୱାଭାବିକ । ଚିତ୍ରଟି ଯେତେ କସ୍ଟ୍ୟୁମ ଓ ସେଟ୍ ଓରିଏଣ୍ଟେଡ୍ ହେବ ସେତେ ଖର୍ଚ୍ଚ ବଢ଼ିବାର ସମ୍ଭାବନା ଥାଏ । 'ତଅପୋଇ' ଏହି ଦୃଷ୍ଟିରୁ ଏକ ବ୍ୟୟସାପେକ୍ଷ ଚଳଚ୍ଚିତ୍ର; କିନ୍ତୁ ମୋର ଯୋଜନା ଅନୁଯାୟୀ ଆମେ ମୂଳରୁ ସେଟ୍ କସ୍ଟ୍ୟୁମ ଓ ଲୋକେସନ୍ ଗୁଡ଼ିକୁ ଏପରି ଭାବରେ ରଖିଲୁ ଯେଉଁଥିରେ ଆଉ ଖର୍ଚ୍ଚ ବଢ଼ିବ ନାହିଁ । ବୋଧହୁଏ ତଅପୋଇ ଏକମାତ୍ର ଓଡ଼ିଆ ଚଳଚ୍ଚିତ୍ର ଯେଉଁଥିରେ କେବଳ ୨୫ହଜାର ଟଙ୍କା ଭିତରେ ସବୁ ସେଟ୍ ତିଆରି ଖର୍ଚ୍ଚ ସଂପୂର୍ଣ୍ଣ ହୋଇଛି । ଦ୍ୱିତୀୟରେ ଲୋକେସନ୍ ବାଲେଶ୍ୱରରେ କେନ୍ଦ୍ର କରି ୧୦ମାଇଲ ବ୍ୟାସାର୍ଦ୍ଧ ଭିତରେ ସମୁଦ୍ରର ଦ୍ୱୀପଠାରୁ ଗହନ ବନ କାନ୍ତାର ଘର, ଗ୍ରାମ, ନଦୀ ଘାଟ ସବୁ କିଛିର ଲୋକେସନ୍ ଆମେ ସ୍ଥିର କରିଥିଲୁ । ତେଣୁ 'ତଅପୋଇ'ର ସୁଟିଂ ସମୟର ପେଟ୍ରୋଲ ଖର୍ଚ୍ଚ ମୋଟେ ଟ୫୦୦୦ଙ୍କା । ବାହାରର ଗାଡ଼ି ବା ଟ୍ରାନ୍ସପୋର୍ଟ ଖର୍ଚ୍ଚ କିଛି ନାହିଁ । କାରଣ ପ୍ରଯୋଜକ ତାଙ୍କର

Digitized by PPRACHIN, SOA

ନିଜର ତିନୋଟି ଗାଡ଼ି ଏଥିପାଇଁ ମୁକ୍ତ କରିଥିଲେ । ତେଣୁ ଗାଡ଼ି-ଭଡ଼ା ବାବଦକୁ ମଧ୍ୟ ଖର୍ଚ୍ଚ ନାହିଁ ।

ଏ ସବୁ ଦୃଷ୍ଟିରୁ ଧଳା କଳା ପାଇଁ ଚାରିଲକ୍ଷ ଓ ରଙ୍ଗୀନ ଚଳଚ୍ଚିତ୍ର ପାଇଁ ସାଢ଼େ ଛଅ ଲକ୍ଷ ବୋଲି ଆମର ପ୍ରଥମ ବଜେଟ ତିଆରି ହୋଇଥିଲା । ଏହାକୁ ଦେଖି ଆମେ କାମରେ ଆଗେଇ ଥିଲୁ । ପ୍ରଯୋଜକ ବମ୍ବେରୁ ଆସିବା ପରେ ପୁରା ଖର୍ଚ୍ଚ କେତେ ହୋଇଛି ଜଣା ପଡ଼ିବ; କିନ୍ତୁ ମୋ ହିସାବରେ ସୁଟିଂ ପର୍ଯ୍ୟନ୍ତ ଆମର ଖର୍ଚ୍ଚ ହୋଇଥିଲା [illegible] ଲକ୍ଷ ପେର ଓ [illegible] ୧୦ ହଜାର । ତା'ପରେ ଲାବୋରେଟୋରୀରେ ସାଉଣ୍ଡ ଟ୍ରାନ୍ସଫର, ବେକ୍ ଗ୍ରାଉଣ୍ଡ, ଏଡ଼ିଟିଂ ଓ ରି-ରେକର୍ଡିଂ ପରେ ଆମର ଖର୍ଚ୍ଚ ବୋଧହୁଏ ଛଅ ଲକ୍ଷ ପାଖାପାଖି ହୋଇଥିବ । ଏ ହିସାବରେ ବମ୍ବେରେ କେତେଗୁଡ଼ିଏ ପବ୍ଲିସିଟି ମେଟେରିଆଲ ମଧ୍ୟ ଅନ୍ତର୍ଭୁକ୍ତ । ତେବେ ସେନ୍ସର ପ୍ରିଣ୍ଟ ବାହାରିଲା ବେଳକୁ (ଗତ ୩ ତାରିଖରେ) ମୁଁ ଯାହା ଶୁଣିଲି ଏହା ୬ ଲକ୍ଷରୁ ସାମାନ୍ୟ କିଛି ଅଧିକ ହୋଇଛି ! ଏହା କ'ଣ ବ୍ୟୟ ତୁଳନାରେ ଅଧିକ ? ସବୁ ଅସୁବିଧା ସତ୍ତ୍ୱେ ବଜେଟ ଡେଇଁନାହିଁ ।

ଉପରେ ଯାହା ମୁଁ କହିଲି ଏ ହେଉଛି ପ୍ରଯୋଜକଙ୍କ ନିଜେ ଉକ୍ତି । ତେବେ—ଡଅପୋଇର ସୁଟିଂ କାମ ଅନ୍ତ ହେବାର ସପ୍ତାହେ ଆଗରୁ ଏପରି ଏକ ଗୁଜବ ରଟିଆସୁଛି ଉଠିଛି । ଏହା ସ୍ୱାଭାବିକ । କାରଣ ପ୍ରଯୋଜକ ଯୁବକ ଓ ନୂତନ ଓ ନିର୍ଦ୍ଦେଶକ ମଧ୍ୟ ନୂତନ ଓ ଆମ୍ଭେମାନେ ଓଡ଼ିଶା ବୋଲି ଏକ ପ୍ରଦେଶରେ ବାସ କରୁ, ଯାହାର ସାଂସ୍କୃତିକ ପ୍ରାଣକେନ୍ଦ୍ରର ନାମ କଟକ । ଆଟପଛ ସମାନ । ଦୁର୍ଭାଗ୍ୟର କଥା ପ୍ରଯୋଜକ ନିଜେ ସେହି ସହରରେ ବାସ କରନ୍ତି ।

ସଂ: ବା:—ଆଚ୍ଛା; ଏହାର କହନ୍ତୁ ତ ଆମ ଓଡ଼ିଶା ସରକାରଙ୍କ ଦ୍ୱାରା ଗଠିତ ଫିଲ୍ମ ଡେଭଲପ୍‌ମେଣ୍ଟ କର୍ପୋରେସନ୍ ଉପରେ ଆପଣଙ୍କର ଧାରଣା କ'ଣ ?

ଶ: ପ୍ର:—"ମତେ ତୁ ମାରନା – ମୁଁ ମଲିଣି ।"

ସଂ: ବା:—ଆମ ଚିତ୍ର ଶିଳ୍ପର ବିକାଶ ପାଇଁ କିଭଳି ଏକ ଆନ୍ଦୋଳନ ହେବା ଦରକାର ?

ଶ: ପ୍ର:—"ସାମୂହିକ ସାଂସ୍କୃତିକ ଆନ୍ଦୋଳନ ।" ଯେଉଁଥିରେ ଓଡ଼ିଆ ଭାଷା, ଐତିହ୍ୟ, ସଂସ୍କୃତି, ସାଧାରଣ ଜନତା, ବୁଦ୍ଧିଜୀବୀ ଓ ସରକାର ସମସ୍ତେ ଏକଜୁଟ ହୋଇଯିବା ଉଚିତ୍ ।

Digitized by PPRACHIN, SOA

# ଚଞ୍ଚଳାର ଜମାନବନ୍ଦୀ

ବିଜୟ ମିଶ୍ର

ଦେଖଣା ହାରିଏ, ମୁଁ ତମର କି ଦୋଷ କରିଥିଲି ? ମୋତେ ଯେତେବେଳେ ସେ ମୋଡ୍ ଟୋକା ବାଇକ ଚଢନ ଡିଟା ଛିଗୁଲେଇ କହୁଥିଲେ, ଝିଙ୍କାସୁ ଥିଲେ, ତମେ ସବୁ ଦେଖିଲଟି ? ମୁଁ ନିଆଶ୍ରୀଟିଏ । ଡେଙ୍ଗିଳି ଟୁଣି ବିଧବା, ତିନି କୁଳରେ ବତି ଜାଳିବାକୁ କେହି ନାହିଁ । ତମକୁ ଟିକିଏ ଦୟା ଲାଗିଲା ନାହିଁ ।

ମୁଁ କିସ ବିଜୟ ମିଶ୍ରଙ୍କୁ କହିଥିଲି, ମୋ କଥା ଇମିତି ଲେଖିବାକୁ ? ମୁଁ କିସ ଅକ୍ଷୟ ମହାନ୍ତିଙ୍କୁ କହିଥିଲି, ମୋ ନାଁରେ ଇମିତି ଗୀତ ବାନ୍ଧିବାକୁ ? ନାଁ ମୁଁ କିସ କହିଥିଲି ଶରତ ପୂଜାରୀଙ୍କୁ ମୋତେ ଇମିତି ତମମାନଙ୍କ ଆଗରେ ଧେଇ ଧେଇ ନଚେଇବାକୁ ?

ଦେଖିଲା ସମସ୍ତେ ପଡ଼ିଆ ଯାଉଛନ୍ତି । ଦିନେ ବିଜୟ ମିଶ୍ର ମୋତେ କହିଲେ, 'ଚଞ୍ଚଳା ମାଉସୀ, ତୁ ନ ଆସିଲେ ମୋ ସିନିମା ଜମିବ ନାହିଁ । ତୁ ତୋ' ଦେହି ଆଉ ବାଙ୍କୁଲା ବାଡ଼ି ଧରି ଝୁଅଟ ଆ । ହେଲେ ମୋତେ କିସ କଲ ଦେଖିଲ ତ । ଶେଷକୁ ଗାଲକେ ଚୂନ, ଗାଲକେ କଳା, ସାତ ବେଣ୍ଟିଆ ଜଅର କରି ମୁଣ୍ଡରେ ଚୋଟ ଦେଇ, ସେ ଅବେଇଜା ଟୋକା ଯୋଡ଼ାକ ମୋତେ ଗାଁ ଗିରିଘିଟି ଘୂରେଇଲେ ।

ଝିଅଟା, ଟିକିଏ ହେଲେ ଲଜ୍ଜା ନାହିଁ କି, ବାଘ ବାଇଘ ନାହିଁ ଟୁମୁ ଟୁମୁ ଗଲି, ଖେଁ ଖେଁ ହସ, ଯାହା ମୁହଁକୁ ଆଇଲା କହି ଦେଲୁ, ତମେ କିସ କହୁଚ ତାକୁ ମୁଁ ସହି ଯାନ୍ତି । ହେଲୁ ବୋଲି ତୁ ଧନିଶର ସାଧବର ସାତପୁଅରେ ଗୋଟିଏ ଝିଅ, ତୁ କିସ ଇନ୍ଦର ଚନ୍ଦର ମାନିବୁନି । ବଡ଼ ସାନ ବାରିବୁନି ? ଏଡ଼େ ବଡ଼ ଘରର ଝିଅ ହୋଇ ବାଉଁଶ କୁଲେଇରେ ଖେଳୁଥିଲୁ, ମୁଁ କହିଲି ବୋଲି ମୁଁ ହେଲି ଖରାପ ଲୋକ ? ସୁନା ଗୁଡ଼ କଥା କହିଲି ବୋଲି, ମୁଁ ହେଲି ଖଳିବି, କାଣ୍ଡେଲ ?

ନଚେଇ କୁଟେଇ ମୋ ନାଁରେ କେତେ କଥା ବିଜୟ ମିଶ୍ର ଲେଖିଲେ, ଶେଷରେ ବଡ଼ ବୋହୂ ମୁଣ୍ଡରୁ ଦୋଷ ଛଡ଼େଇବ ବୋଲି ମୋ ମୁଣ୍ଡରେ କାହୁଅ ବୋଳିଲେ, କେତେବେଳେ ଯଦି ମୁହଁ ଫୁଲେଇଲି, ପାମ୍ପୁଲା ପାମ୍ପୁଲି ହୋଇ କହିଲେ, ମାଉସୀ, ଏ'ଟା ପରା ସିନିମା । ଏଠି ଇମିତି

Digitized by PPRACHIN, SOA

ହୁଏ । ପାଟି ବୁଜି ରହିଗଲି ସିନା, ହେଲେ ମୁଁ କିସ ଜାଣିଥିଲି ସିନିମା ଭିତରେ ଲୋକହସା ହେବି ବୋଲି ?

ଖାଲି କିସ ସେତିକି, ସେ ସ୍ଥୂଳ ପାନ୍ଥୁଟା କିସ କମ ମଜନ ମୁନ୍ଧା ? ଇମିତି ଇମିତି ବାଗରେ ମୋ ଛବି ନେଲା ଯେ ମୋତେ ଆଉ କେହି ଦାଣ୍ଡରେ ଚଲେଇ ଦେଉ ନାହାନ୍ତି । ଗାଁର ମେଞ୍ଚାଏ ଟୋକାଟୋକୀ ମୋ ପଛରେ ଟିଟିକାରି ମାରି କହୁଛନ୍ତି, ହେଇ ଦେଖ, ବଙ୍ଗଳା ମାଉସୀ ଯାଉଛି । ଆହୁରି ସୁର୍ ଧରି ଗାଉଛନ୍ତି, "ଆଲୋ ମାଉସୀ, ତୁ ମାବାଜୀ, ତୁ ମାତାଜୀ, ତୋର ବାବାଜୀ କାହିଁ ?" କିଆଁ, ମୁଁ ତ ବିଧବା ମୋକଟା, ମୋର ବାବାଜୀ କାହୁଁ ଆସନ୍ତା ।

ଏବେ ସଭିଏଁ କହୁଛନ୍ତି, ଡଅପୋଇ ଯେ ଏତେ ଯଶ ହେଲା, ସେ ପଣ୍ଟ ମୋ' ଲାଗି । ଟୋକୀମାନଙ୍କୁ ମୁଁ ମନ୍ତର କଲି । ସେମାନେ ଡଅପୋଇକୁ ଦର୍ଶିଲେ । ହଁ, ଯିଏ ଯାହା କହୁଛି କହୁ । ତାଙ୍କ ମୁହଁରେ ଯବୁ ଯୋକ ପଡ଼ୁ ।

ଭାନୁମତୀ ଯେ ବଡ଼ ଟୋକୀ, ଦଶ ପଣ ଦରଷ ତିଡ଼ିଗଲା, ତା' ପେଟରେ ପିଲାଟିଏ ବଅଁଳିଲା ନାହିଁ । ଦେଖଣା ହାରିଏ, ମୁଁ ତି ତାଂକ ବାଂଝ ମାଇପିର ଦୁଃଖ ମୁଁ ଜାଣେ । ସେଇ କଥା ମୁଁ ତାକୁ କହିଥିଲି । ସେ ତା'ର ସେଇ ଜଅଁାକୁ ଟାଣ୍ଡିଧାନ କରି ନଣଦଟାକୁ ଚିହ୍ନିଲା କରିବ, ମୁଁ ତେଣୁ କିସ କରିଥାନ୍ତି ।

ଡିରଞ୍ଜି ସାଧବ ମାନ ଆନ ଲୋକ ; ଅଟନ୍ତି ଆଗରୁ ଧନିଶାଜ ସାଧବ ପାଖରେ ଅପଡ଼ । ଅପଡ଼ କିଆଁ ହେଲା, ସେ କଥା ବିଜୟ ମିଶ୍ର ଲେଖିଛି ବୋଲି କହୁଥିଲା । ଶରତ୍ ପୂଜାରୀ, ହୁର ସାହୁ ଦିନେ କଥାବାର୍ତ୍ତା ହଉଥିଲେ ତା' ବି ମୁଁ ଶୁଣିଛି । ଟବୋଧା ମା' ମଲା ପରେ ଭାଇମାନେ ବନ୍ଧିଦେଲେ । ବିରଞ୍ଚି ସାଧବ ମୋତେ ଡାକି ଢେର୍ ଫୁସୁଲେଇଲା । ଢେର୍ ଧନ ସମ୍ପତ୍ତି ଯାଚିଲା । କହିଲା, ତାଙ୍କ ଘର ଭାଙ୍ଗି ଦେ । ମୁଁ ତତେ ସୁନାରେ ଛାଇ ଦେବି ।

ଦେଖଣା ହାରିଏ; କାହାକୁ କହିବନି ; ମୁଁ ତିତିଏ ଲୋଭରେ ପଡ଼ିଗଲି । ସେଇଟା ଯଦି ଭୁଲ ବୋଲି କହିବ, ତା' ହେଲେ ମୋତେ କାଇଁକି । ଲୋଭ କିସ ଡମର ନାହିଁ ? ଭାନୁମତୀର ନାହିଁ ? ଡଅପୋଇର ନା ଥିଲା ? ସମସ୍ତେ ଖଲାସ ହେଇଗଲେ । ଘଣ୍ଟାରେ ପଡ଼ିଲି ମୁଁ ? ତାଙ୍କର ନାକ କଟିଲା ସେତ୍ ମା' ମଙ୍ଗଳା ଦୟା କଲେ ଯେ, ନାକ ଫେରି ଯାଇଲେ । ମୁଁ କିସ ପାଇଲି ? କାଳକାଳକୁ କଥା ରହିଗଲା । ଏ ଯାକେ ବି ମୋ କାଳରୁ ଚୂନ କଳା ଲିଭିନି । ମୁଣ୍ଡରେ ବାଳ ଉଠିନି । ମୁହଁ ଭାଙ୍ଗି ଗାଁ ଦାଣ୍ଡରେ ଯିବା ଆସିବା କରୁଛି । ହେଲେ ସେଇ ଧନିଶର ସାଧବ ଘରେ, ଟୋକୀମାନେ ଗୋଡ଼ ଉପରେ ଗୋଡ଼ ପକେଇ ପାନ ଭଙ୍ଗୁଚନ୍ତି ଟୋକି ହେଲୁଛନ୍ତି, ଟାହି ଟାପର କରୁଛନ୍ତି । ଭିକ ମାଗିବାକୁ ଗଲେ, ମୋ' ମୁହଁକୁ ବି ଅନାଉ ନାହାନ୍ତି । ହଉ ।

Digitized by PPRACHIN, SOA

ଛଏବ ଗଲା, ଯେମାନଙ୍କ କଥା ସିନିମା କରିବା ବାଲାଙ୍କ କଥା ଶୁଣ । ବିଜୟ ମିଶର, ଶରତ୍ ପୂଜାରୀ, ଅକ୍ଷୟ ମହାନ୍ତି, ସୁର ସାହୁ ନାଁ କମେଇବେ ବୋଲି ମୋତେ ଏତେ ସରି କଲେ । ଦୁଃଖ ପାଇ ସୁବୋଧ ସାମଲ ପାଖକୁ ଯାଇଥିଲି । ସେ ପଇସା ପତର ସବୁ ଖରଚ କରୁଥିଲା । ମାଲିକ ବୋଲି କହି ବୁଲୁଥିଲା । ଭାବିଲି, ଯାଏଁ ତାକୁ ଟିକିଏ କୁହେ ।

ଚଲି, କହିଲି, ସବୁ ଶୁଣିଲା । ଶେଷରେ କହିଲା , ମାଉସୀ ଢେର କଉଡ଼ି ଖରଚ କରିଚି । ତୁ ବିମୁଖ ହେଲେ ମୋ ବେଉସା ବୁଡ଼ିଯିବ । ଫେରି ଆଇଲି । ଆଉ କିସ କରିଥା'ନ୍ତି ।

ମାଲିକ ପିଲା ଲୋକଟା । ମୋତେ ହନ୍ତସନ୍ତ କରି, ଲୋକ ହସା କରି ଯଦି ବି ପଇସା ପାଇବ, ପାଉ । ମୁଁ ଠାକୁରକୁ ଡାକୁଚି । ଠାକୁରେ ! ମୁଁ ବୁଢ଼ୀ ହେଲିଣି । ମୋର କାଳକ ଗଲାଣି । ମୋର ପଛେ ଯାହା ହବ ହଉ । ଏଣିକି 'ଡଅପୋଇ'ଟିକି କୂଳରେ ନଗେଇ ଦିଅ । ତା' ସଂସାରକୁ ହସ ଖୁସି ମଉଛବରେ ଭରି ଦିଅ ।

ପ୍ରତିଷ୍ଠିତ ନାଟ୍ୟକାର ଭାବେ ଶ୍ରୀ ମିଶ୍ର ପେଷାଦାର ରଙ୍ଗମଞ୍ଚ ଓ ସୌଖିନ୍ ରଙ୍ଗମଞ୍ଚ ପାଇଁ ବହୁ ନାଟକ ସୃଷ୍ଟି କରିଛନ୍ତି । ତାଙ୍କର ନାଟକ ଗୁଡ଼ିକ ମଧ୍ୟରୁ ଯାଯାବର ଚିତ୍ରରୂପ ହୋଇ ସାରିଚି । ଆଗାମୀ ଚିତ୍ର ରୂପେ ଅଶାନ୍ତ ଗ୍ରହ ନାଟକଟି ଚିତ୍ର ରୂପ ନେବାକୁ ଯାଉଛି । ସେ ନିଜେ ଚିତ୍ରନାଟ୍ୟ ଓ ସଂଳାପ ଲେଖିଛନ୍ତି । ନିର୍ମାଣାଧୀନ ଅବସ୍ଥାରେ ଥିବା ଚିତ୍ର ମନ ମନ୍ଦିରର ଚିତ୍ରନାଟ୍ୟ ଓ ସଂଳାପ ମଧ୍ୟ ସେ ଲେଖିଛନ୍ତି । ଡଅପୋଇ ଚିତ୍ରରେ ତତ୍କାଳୀନ ସମୟ ସହ ଖାପ ଖୁଆଇ ସେ ଯେଉଁ ଅପୂର୍ବ ସଂଳାପର ସୃଷ୍ଟି କରିଛନ୍ତି ତାହା ବାସ୍ତବିକ ଓଡ଼ିଆ ଚିତ୍ର ଦର୍ଶକଙ୍କୁ ଆନନ୍ଦ ଦେବ । ନିକଟରେ ହେବାକୁ ଯାଉଥିବା ଚିତ୍ର 'ନିଆଁ'ର ଚିତ୍ରନାଟ୍ୟ ଓ ସଂଳାପ ଲେଖାଜ ଓ ଅନ୍ୟ କେତେକ ଓଡ଼ିଆ ଚିତ୍ରର ଚିତ୍ରନାଟ୍ୟ ଓ ସଂଳାପ ପାଇଁ ମଧ୍ୟ ଚୁକ୍ତିବଦ୍ଧ ହୋଇଛନ୍ତି ।

କ୍ଷଣପ୍ରଭା ଷଡ଼ଙ୍ଗୀ ଓ ଉମା ଦାସ ଏକ ବିଶେଷ ଦୃଶ୍ୟରେ

Digitized by PPRACHIN, SOA

## 'ତଅପୋଇ' ଚିତ୍ରର ସଙ୍ଗୀତ ନିର୍ଦ୍ଦେଶକ

# ଅକ୍ଷୟ ମହାନ୍ତି

ଓଡ଼ିଆ ସଙ୍ଗୀତ ପରିବେଷଣ କ୍ଷେତ୍ରରେ ଅକ୍ଷୟ ମହାନ୍ତିଙ୍କର ସଙ୍ଗୀତ ପ୍ରତିଭା ଅବିସ୍ମରଣୀୟ । ଓଡ଼ିଶାର ସର୍ବାଧିକ ଓଡ଼ିଆ ରେକର୍ଡରେ ଶ୍ରୀ ମହାନ୍ତିଙ୍କର କଣ୍ଠସ୍ୱର ଆପଣମାନେ ଶୁଣିଥିବେ । ସେ ପ୍ରଥମେ ପଲ୍ଲୀ ସଙ୍ଗୀତକୁ ଆଧୁନିକ ଶୈଳୀରେ ପରିବେଷଣ କରିବାକୁ ଯାଇ ଲୋକପ୍ରିୟତା ଅର୍ଜନ କରିଥିଲେ । ତାହାର ଉଦାହରଣ ଆପଣଙ୍କର ମନେଥିବ 'ସବାରି ଋଲେରେ ଧୀରେ ଧୀରେ.....'ତା' ମୁହଁ ପଡ଼ିଛି ଏହି ନଦୀରେ' ।

ଏହି ପ୍ରତିଭାବାନ ବ୍ୟକ୍ତିଙ୍କର ପ୍ରତିଭା ଛାତ୍ର ଜୀବନରୁ ବିକଶିତ ହୋଇଥିଲା । ପରବର୍ତ୍ତୀ ସମୟରେ ଶ୍ରୀ ମହାନ୍ତି ଓଡ଼ିଶାର ସଙ୍ଗୀତ ନିର୍ଦ୍ଦେଶକ ଗାୟକ, ଚଳଚିତ୍ର ସଙ୍ଗୀତ ନିର୍ଦ୍ଦେଶକ, ଗୀତିକାର ଓ ଗାଳ୍ପିକ ଭାବରେ ନିଜର ଆସ୍ଥାନ ସୁଦୃଢ଼ କରି ବସିଲେ । ୧୯୫୫ ମସିହା ଠାରୁ ନିୟମିତ ଆକାଶବାଣୀରେ ନିଜର କଣ୍ଠସ୍ୱର ଦେଇ ଆସୁଛନ୍ତି । ମାଲଜହ୍ନ, କିଏ କାହାର, ସଂସାର, ଘର ବାହୁଡ଼ା, ଯାଯାବର ଚିତ୍ରରେ ନିର୍ଦ୍ଦେଶନା ଦେଇଛନ୍ତି । ଏପର୍ଯ୍ୟନ୍ତ ନିର୍ମିତ ହୋଇଥିବା ଅଧିକାଂଶ ଓଡ଼ିଆ ଚିତ୍ରରେ ମଧ୍ୟ ତାଙ୍କର କଣ୍ଠସ୍ୱର ଆପଣ ଶୁଣିଥିବେ । 'ନାଗଫାଶ' ଚିତ୍ରରେ ତାଙ୍କର ସଙ୍ଗୀତ ସୃଷ୍ଟି ଆପଣଙ୍କୁ ମୁଗ୍ଧ କରିଥିବ । ତାଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଆଗାମୀ ଚିତ୍ର 'ମୁକ୍ତା' ଖୁବ୍ ଶୀଘ୍ର ମୁକ୍ତିଲାଭ କରୁଛି । ସଂପୂର୍ଣ୍ଣ ରଙ୍ଗୀନ ଚିତ୍ର 'ତଅ-ପୋଇ'ରେ ସେ ଓଡ଼ିଶାର ଅଗଣିତ ଚିତ୍ର ପ୍ରେମୀଙ୍କ ପାଇଁ ସଙ୍ଗୀତ ସୃଷ୍ଟି କରିଛନ୍ତି । ନିର୍ଦ୍ଦେଶକ ଶ୍ରୀ ମହାନ୍ତିଙ୍କ ବିଷୟରେ ଆମେ 'ନାଗଫାଶ'ରେ ସମସ୍ତ ଜଣାଇ ଥିଲେହେଁ ତଅପୋଇ ଚିତ୍ରର ସଙ୍ଗୀତ ନିର୍ଦ୍ଦେଶକ ଭାବେ ଓ ତଅପୋଇ ବିଶେଷାଙ୍କ ପ୍ରକାଶନ ସମୟରେ ପୁଣି ଥରେ ପାଠକ ପାଠିକାଙ୍କୁ ଜଣାଉଛୁ । ତାଙ୍କ ସହ ଏକ ସାକ୍ଷାତକାରରେ ସେ ଯାହା କୁହନ୍ତି ଅନ୍ୟତ୍ର ପଢ଼ନ୍ତୁ ।

Digitized by PPRACHIN, SOA

# ତଅପୋଇ ଚିତ୍ରର ଫଟୋଗ୍ରାଫି ନିର୍ଦ୍ଦେଶକ ଶ୍ରୀ ସୁରେନ୍ଦ୍ର ସାହୁ

ଚଳଚ୍ଚିତ୍ରରେ ଚିତ୍ର ଉତ୍ତୋଳକ ବା କ୍ୟାମେରା ମ୍ୟାନ୍‌ଙ୍କର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଚଳଚ୍ଚିତ୍ରର ଏଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ଆଜ ଆମର ତରୁଣ ପ୍ରତିଭାବାନ କ୍ୟାମେରାମ୍ୟାନ ଶ୍ରୀ ସୁରେନ୍ଦ୍ର ସାହୁ । ତାଙ୍କର ପ୍ରତିଭା କେବଳ ଓଡ଼ିଆ ଚିତ୍ର ଜଗତକୁ ମୁଗ୍ଧ କରିନାହିଁ, ଭାରତୀୟ ଚଳଚ୍ଚିତ୍ରର ଉତ୍କର୍ଷ ପୀଠ ବମ୍ବେରେ ମଧ୍ୟ ବେଶ୍ ଜଣାଶୁଣା ।

୧୯୭୬ ମସିହାରେ ଓଡ଼ିଆ ଚଳଚ୍ଚିତ୍ର ଜଗତକୁ କ୍ୟାମେରାମ୍ୟାନ୍ ଭାବେ ପ୍ରବେଶ କଲେ ସ୍ୱାତୀ ଫିଲ୍ମସ୍‌ର ସଂପୂର୍ଣ୍ଣ ରଙ୍ଗୀନ୍ ଚିତ୍ର 'ସେ ହେଲେ ବି ସତ'ର କ୍ୟାମେରାମ୍ୟାନ ଭାବରେ । ତାଙ୍କର ପରବର୍ତ୍ତୀ ଚିତ୍ର ଆଜି ମୁକ୍ତିଲାଭ କରିବାକୁ ଯାଉଛି ଗୌରୀ ଫିଲ୍ମସର ରଙ୍ଗୀନ ଚିତ୍ର 'ତଅପୋଇ' ।

୧୯୬୭ ମସିହାରେ ରେଭେନ୍ସା ମହାବିଦ୍ୟାଳୟରୁ କୃତିତ୍ୱର ସହ ବି. ଏସ୍‌-ସି ପାଶ୍ ପରେ ୧୯୬୮ ମସିହାରେ ସିନେମାଟୋଗ୍ରାଫି ସଂଗ୍ରହ ଶିକ୍ଷା କରିବା ପାଇଁ 'ପୁନା ଫିଲ୍ମ ଇନଷ୍ଟିଚ୍ୟୁଟ'ରେ ଯୋଗ ଦେଇଥିଲେ । ସେଠାରେ ଚିତ୍ର ଗ୍ରହଣର ଅପୂର୍ବ କୌଶଳ ସଂପର୍କରେ ଦୀର୍ଘ ତିନିବର୍ଷ କାଳ ଶିକ୍ଷା ଶେଷକରି ୧୯୭୨ ମସିହାରେ ଡିପ୍ଲୋମା ଲାଭ କଲେ । ତା'ପରେ ଅନୁସନ୍ଧାନ କରି ବସିଲେ ଚଳଚ୍ଚିତ୍ରରେ କ୍ୟାମେରାମ୍ୟାନ ହିସାବରେ ଯୋଗଦେବାକୁ । ହିନ୍ଦି ଚଳଚ୍ଚିତ୍ର ଜଗତର ପ୍ରଖ୍ୟାତ ଚିତ୍ର ନିର୍ମାତା ଶ୍ରୀ ରାମାନନ୍ଦ ସାଗରଙ୍କର ଚିତ୍ର 'ଜଲ୍‌କାର'ରେ ସହକାରୀ କ୍ୟାମେରାମ୍ୟାନ୍ ରୂପେ ଯୋଗ ଦେଲେ । ପରବର୍ତ୍ତୀ ସମୟରେ ସହକାରୀ କ୍ୟାମେରାମ୍ୟାନ ରୂପେ ସେ ପ୍ରାୟ ଦଶଟି ଚିତ୍ର ସହ ସଂପୃକ୍ତ ରହି କାର୍ଯ୍ୟ କରିଛନ୍ତି । 'ସନ୍ଦେହ ଓ ଡେରେ ମିଳନ କି ବାଦ' ଚିତ୍ରରେ ସେ ଡାଇରେକ୍ଟର ଅଫ୍ ସିନେମାଟୋଗ୍ରାଫି ଭାବରେ କାର୍ଯ୍ୟକରି ସଫଳ ହୋଇଛନ୍ତି ।

ଶ୍ରୀ ସୁରେନ୍ଦ୍ର ସାହୁ ସଂପ୍ରତି କଟକସ୍ଥ ରଜାବଗିଚାରେ ଅବସ୍ଥାପିତ । ତାଙ୍କର ପିତା ଶ୍ରୀ ଜଗଦିଶ ଚନ୍ଦ୍ର ସାହୁ । ନିଜ ଗ୍ରାମ ହେଲା କଟକ ଜିଲ୍ଲାର ଜଗତସିଂହପୁର । ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ବିକାଶ ଦିଗରେ ଶ୍ରୀ ସାହୁଙ୍କର ଏ ଉଦ୍ୟମ ଚାଲୁରହୁ ବୋଲି ଆମେ ଆଶାକରୁ ।

Digitized by PPRACHIN, SOA

# ‘ତଅପୋଇ’ ଚିତ୍ର

# ଓ

# ଅଧ୍ୟାପକ ଶୈଳେନ୍ଦ୍ର ବାରିକ

ସଂପ୍ରତି ଓଡ଼ିଆ ଚଳଚିତ୍ରର ଆଶାନୁରୂପ ବିକାଶ ହେବାର ଦେଖାଯାଉଛି । ଠିକ୍ ଏଇ ସମୟରେ ଚଳଚିତ୍ର ଶିଳ୍ପ ସହ ସଂପର୍କ ସ୍ଥାପନ କରି ପ୍ରଯୋଜନା, ନିର୍ଦ୍ଦେଶନା ଓ ଚିତ୍ର ନିର୍ମାଣର ଅନ୍ୟାନ୍ୟ ବିଭାଗ ସହ ସଂପର୍କ ସ୍ଥାପନା କରିବା ଦିଗରେ ବହୁ ଶିଳ୍ପୀ, କଳାକାର, ସାହିତ୍ୟିକ ଓ ଶିକ୍ଷାବିତ ମାନେ ଆଗେଇ ଆସିଛନ୍ତି । ଠିକ୍ ସେଇଭଳି ଓଡ଼ିଆ ସିନେମା ନିର୍ମାଣ କ୍ଷେତ୍ରରେ ନାଟ୍ୟ କଳାପ୍ରେମୀ ଅଧ୍ୟାପକ ଶୈଳେନ୍ଦ୍ର ବାରିକଙ୍କର ଆବିର୍ଭାବ, ନିଜର ଅଧ୍ୟାପକ ଜୀବନ ମଧ୍ୟରେ ଅନୁଗୁଳ କଲେଜରେ ତିନି ବର୍ଷ ଓ ଢେଙ୍କାନାଳ କଲେଜରେ ୨ବର୍ଷ ଅଧ୍ୟାପନା ପରେ ସଂପ୍ରତି ସେ ଚଳଚିତ୍ର ନିର୍ମାଣ କ୍ଷେତ୍ରକୁ ଆସି ‘ତଅପୋଇ’ ଚିତ୍ର ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଏବଂ ଅନ୍ୟତମ ପ୍ରଯୋଜକ ମଧ୍ୟ, ତଅପୋଇ ଚିତ୍ରର ଆରମ୍ଭରୁ ଶେଷ ଯାଏ ତାଙ୍କର ଅବଦାନ ବାସ୍ତବିକ ଉଲ୍ଲେଖଯୋଗ୍ୟ ।

ଏଇ କଳାପ୍ରେମୀ ଯୁବକଙ୍କର ଜନ୍ମ ୧୯୫୦ ମସିହାରେ କଟକ ଜିଲ୍ଲାର ପହଙ୍ଗା ଥାନା ଗୋବିନ୍ଦପୁର ଗ୍ରାମରେ । ୧୯୬୫ରୁ ୧୯୭୧ ପର୍ଯ୍ୟନ୍ତ ରେଭେନ୍ସା କଲେଜରେ ଅଧ୍ୟୟନ କରି କୃତିତ୍ୱର ସହ ଏମ.ଏ. ଡ଼ିଗ୍ରୀ ହାସଲ କରନ୍ତି । ସେ ସମୟରେ କଲେଜରେ ଶତବାର୍ଷିକୀ ଉତ୍ସବରେ ଅଭିନୀତ ବିଜୟ ମିଶ୍ରଙ୍କ ନାଟକ ‘ଲଗ୍ନ’ରେ ମୁଖ୍ୟ ଭୂମିକାରେ ଅଭିନୟ କରି ଶ୍ରେଷ୍ଠ ଅଭିନେତା ରୂପେ ପ୍ରଶଂସିତ । ପରବର୍ତ୍ତୀ ସମୟରେ ବହୁ ନାଟକରେ ଅଭିନୟ କରିଛନ୍ତି । ୧୯୭୨ରେ ମଧୁସୂଦନ ଆଇନ କଲେଜରୁ ଏଲ. ଏଲ୍. ବି ଡ଼ିଗ୍ରୀ ହାସଲ କରିଛନ୍ତି ।

ଓଡ଼ିଆ ସିନେମାର ସର୍ବାଙ୍ଗୀନ ଉନ୍ନତି ହିଁ ତାଙ୍କର ଲକ୍ଷ୍ୟ । ସିନେମା ନିର୍ମାଣର ବୈଷୟିକ ବିଭାଗ ତଥା ନିର୍ଦ୍ଦେଶନା, ପ୍ରଯୋଜନା ବିଭାଗ ପ୍ରତି ତାଙ୍କ ଲକ୍ଷ୍ୟରୁ ସେ ବିଚ୍ୟୁତ ନୁହଁନ୍ତି । ଆବଶ୍ୟକ ସ୍ଥଳେ ସେ ଆହରଣ କରିଥିବା ଜ୍ଞାନର ବିନିଯୋଗ କରିବାକୁ ପଛାଇବେ ନାହିଁ ।

Digitized by PPRACHIN, SOA

# 'ତଅପୋଇ' ଚିତ୍ରର ସଙ୍ଗୀତ

ତଅପୋଇ ଚିତ୍ରରେ ତତ୍କାଳୀନ ସମୟ ସହ ଖାପ ଖୁଆଇ ସଙ୍ଗୀତ ନିର୍ଦ୍ଦେଶକ ଶ୍ରୀ ଅକ୍ଷୟ ମହାନ୍ତି ନିଜସ୍ୱ ପ୍ରତିଭାର ପରିଚୟ ଦେଇ ସଙ୍ଗୀତ ପରିବେଷଣ କରିଛନ୍ତି । ସାତଟିଯାକ ଗୀତ ମଧ୍ୟରେ ଆଧୁନିକତାର ପ୍ରଭାବ ନ ଥିଲେ ହେଁ ପୁରାତନ ଶୈଳୀରେ ଏହା ବେଶ ଉପଭୋଗ୍ୟ ହୋଇ ଥିବାର ଦେଖାଯାଏ । ସମସ୍ତ ଗୀତ ଗୁଡ଼ିକ ଅନ୍ୟାତ୍ର ପର୍ଦ୍ଦେଲେ । ଗୀତ ରଚନା



(ଉପର)ସଙ୍ଗୀତ ଗ୍ରହଣ ଅବସରରେ ସଙ୍ଗୀତ ନିର୍ଦ୍ଦେଶକ ଅକ୍ଷୟ ମହାନ୍ତି, ତୃପ୍ତି ଓ ଗୀତା

(ତଳ)ସଙ୍ଗୀତ ନିର୍ଦ୍ଦେଶକ ଅକ୍ଷୟ ମହାନ୍ତି ଓ ଗାୟକ ସୁଭିତ ମହାନ୍ତି

Digitized by PPRACHIN, SOA

କରିଛନ୍ତି ପୁରାତନ ଶୈଳୀରେ ଗୀତ ରଚନା କରିବାର ସିଦ୍ଧହସ୍ତା ଲେଖିକା ଶ୍ରୀମତୀ ବିନୋଦିନୀ ଦେବୀ ଓ ନିର୍ଦ୍ଦେଶକ ଶ୍ରୀ ମହାନ୍ତି । କଣ୍ଠଦାନ କରିଛନ୍ତି ଅକ୍ଷୟ ମହାନ୍ତି, ସୁଜିତ୍ ମହାନ୍ତି, ଗୀତା ପଟ୍ଟନାୟକ ଓ ତୃପ୍ତି ଦାସ । ସଙ୍ଗୀତ ଗ୍ରହଣ କରାଯାଇଛି ଟେକ୍‌ନିକାଲ ଷ୍ଟୁଡ଼ିଓ କଲିକତାରେ । ପ୍ରତ୍ୟେକଟି ସଙ୍ଗୀତକୁ ଉପଯୁକ୍ତ ଚିତ୍ରାଭିନୟ କରିବାକୁ ଚିତ୍ରର ନିର୍ଦ୍ଦେଶକ ଶରତ ପୂଜାରୀ ବିଶେଷ ଯତ୍ନ ନେଇଛନ୍ତି ।

ତଅପୋଇ ଚିତ୍ରରେ ସଙ୍ଗୀତ ଓ ଗୀତ ରଚନା ପାଇଁ ସଙ୍ଗୀତ ନିର୍ଦ୍ଦେଶକଙ୍କୁ ବହୁ ପରୀକ୍ଷା ନିରୀକ୍ଷା କରିଥିବା କଥା ଶୁଣାଯାଏ । ଯଥା ଗୀତ ରଚନାର ଶୈଳୀ ଜାଣିବା ପାଇଁ ବିଭିନ୍ନ ତାଳପତ୍ର ପୋଥିରୁ ଏବଂ ଫକୀର ମୋହନଙ୍କ ରଚିତ କେତେକ ଅମୂଲ୍ୟ ଗ୍ରନ୍ଥକୁ ସେ ଲକ୍ଷ୍ୟ କରିଛନ୍ତି । ପ୍ରାଚୀନ ସଙ୍ଗୀତ ଓ ଓଡ଼ିଶୀ ସଙ୍ଗୀତକୁ ଆଖି ଆଗରେ ରଖି ସଙ୍ଗୀତ ନିର୍ଦ୍ଦେଶକ ଶ୍ରୀ ମହାନ୍ତି ଏ ଚିତ୍ରରେ ସ୍ୱର ସଂଯୋଜନା କରିଛନ୍ତି । ସମସ୍ତ ସଙ୍ଗୀତକୁ କଲିକତାର ଗାଠାନୀ ରେକର୍ଡିଂ କମ୍ପାନୀ ରେକର୍ଡିଂ କରିଛନ୍ତି

●

With best compliments from.

M/S. DAS & MOHAPATRA

PURUNAHAT SAHI, BARIPADA

ବାରିପଦାର ସମସ୍ତ ପ୍ରକାରର ପତ୍ର ପତ୍ରିକାର
ନିର୍ଭରଯୋଗ୍ୟ ପତ୍ରିକା ଏଜେଣ୍ଟ

Digitized by PPRACHIN, SOA

# ତଅପୋଇ ମୁଁ ଓ ମୋର ଅନୁଭୂତି

**ସହକାରୀ ନିର୍ଦ୍ଦେଶକ**

**ସଚ୍ଚି ଦାସ**

ହଠାତ୍ ଲବ୍ଧ ପ୍ରତିଷ୍ଠ ନାଟ୍ୟକାର ତଥା ଓଡ଼ିଆ ଚଳଚ୍ଚିତ୍ର ଚିତ୍ରନାଟ୍ୟ ଲେଖକ ଶ୍ରୀ ବିଜୟ ମିଶ୍ର ଆସି କହିଲେ ତମକୁ 'ତଅପୋଇ' ଚିତ୍ରରେ କାମ କରିବାକୁ ପଡ଼ିବ । ସେତେବେଳକୁ 'ମନ ମର୍ଜି' କାମ ଚାଲିଥାଏ ! କୌଣସି କାରଣରୁ ମନ ମର୍ଜିର ସୁଟିଂ ବନ୍ଦ ହେଲା । ସେ ଦିନଟି କି ବାର କେତେ ତାରିଖ ଅବଶ୍ୟ ମନେ ପଡ଼ୁନି । ମୁଁ ଓ ରମେଶ ମହାନ୍ତି ଯାଇ ହେଇ ପହଞ୍ଚିଲୁ କଟକ ତଅପୋଇ ଅଫିସରେ । ଚିତ୍ର ନାଟ୍ୟର କାମ ଚାଲିଥାଏ..... ଆମ ଦ୍ୱାରା ଆରମ୍ଭ ହେବ ପେପର ଓ୍ୱାର୍କ ।

ବିଜୟ ବାବୁ ମତେ ନେଇ ପରିଚୟ କରେଇ ଦେଲେ ପ୍ରଯୋଜିକା ରୁନୁ ଅପାଙ୍କ ସହିତ । ମିଷ୍ଟଭାଷୀ, ହସ ହସ ବଦନା ରୁନୁ ଅପାଙ୍କ ବ୍ୟବହାର ମତେ ଖୁବ୍ ଆକୃଷ୍ଟ କଲା । ରଙ୍ଗୀନ୍ ଛବି ତଅପୋଇ ପରି ଏକ ବ୍ୟୟବହୁଳ ଚିତ୍ରର ପ୍ରଯୋଜିକା.....ହେଲେ ମନରେ ଟିକେ ଗର୍ବ ନାହିଁ, ଅହଙ୍କାର ନାହିଁ.....କାମରେ ଆନନ୍ଦ ଲାଗିଲା.....ପ୍ରାରମ୍ଭିକ କାମ ଶେଷ ହେଲା.... ।

ସୁଟିଂ ପର୍ଯ୍ୟାୟ ଆରମ୍ଭ ହେଲା । ସମସ୍ତେ ଆମେ ଏକାଠି ହେଲୁ ବାଲେଶ୍ୱର ସୁନ୍ହାଟରେ । ଟେକ୍ନିସିଆନ୍, ଅଭିନେତା ଅଭିନେତ୍ରୀଙ୍କ ସମାବେଶରେ ବାଲେଶ୍ୱର ସହର ଉଠିଲା ପଡ଼ିଲା.....ହଜାର ହଜାର ଦର୍ଶକ ସମସ୍ତେ ସଜୀବ ହେଇଉଠିଲେ.....ଦୀର୍ଘ ଦୁଇ ମାସ ସୁଟିଂ ଚାଲିଲା.....ପ୍ରତ୍ୟେକ ଦିନଟି ଗୋଟିଏ ଗୋଟିଏ ସ୍ମରଣୀୟ ଦିନ.....ତଅପୋଇର ହସ କାନ୍ଦଠାରୁ ଆରମ୍ଭ କରି ଚେଳି ଢଗା ପର୍ଯ୍ୟନ୍ତ ବୋଇତର ବନ୍ଦାଣଠାରୁ ଆରମ୍ଭ କରି ବୋଇତ ଫେରିବା ପର୍ଯ୍ୟନ୍ତ ଘଟଣାବଳୀ ଓଡ଼ିଆ ଛବି ଗୌରବର ଗୋଟିଏ ଗୋଟିଏ ମାଇଲ ଖୁଣ୍ଟ..........।

Digitized by PPRACHIN, SOA

ନିର୍ଦ୍ଦେଶକ ଶରତ୍ ପୂଜାରୀଙ୍କର ନିର୍ଦ୍ଦେଶନା, ଶ୍ୟାମଳ ମୁଖାର୍ଜୀଙ୍କ ସଟ୍ ନେବାରେ ବାହାଦୁରୀ, ସୁରେନ୍ଦ୍ର ସାହୁଙ୍କ ଚିତ୍ର ଉତ୍ତୋଳନ, ବିଜୟ ମିଶ୍ରଙ୍କ ଚିତ୍ରନାଟ୍ୟ ଓ ସଂଳାପ, ରମେଶ ମହାନ୍ତି ଓ ମୋର ସହକାରୀ ଭାବେ କାର୍ଯ୍ୟ ଓ ସର୍ବୋପରି ରୁନୁ ଅପାଙ୍କ ଦକ୍ଷ ପରିଚାଳନାରେ ସମସ୍ତ ସୁଟିଂ ହୁରୁଖୁରୁରେ ସମାପ୍ତ ହେଲା । ତଅପୋଇ ପାଇଁ ଛୁରି ପଡ଼ିଚି ।

ତଅପୋଇ ପାଇଁ ଓଡ଼ିଆ ପ୍ରାଣ ଆଜି କାନ୍ଦୁଚି । ଦୁଃଖିନୀ ତଅପୋଇର ତା'ର କରୁଣ କାହାଣୀ ଆଉ କିଛିଦିନ ପରେ ଘରେ ଘରେ ଜନପଥରୁ ରାଜପଥରେ, ସହରରୁ ମଫସଲରେ ସମସ୍ତଙ୍କ ପାଖରେ କହିବ ।

ମୋ ମତରେ 'ତଅପୋଇ' ଏକ ସଫଳ ସୃଷ୍ଟି....ଏବେ 'ତଅପୋଇ' ମୁକ୍ତିଲାଭ କରୁଚି ଆପଣଙ୍କୁ ତା'ର କରୁଣ କାହାଣୀ ଶୁଣେଇବା ପାଇଁ ଯାହା ସେ ଅନୁଭବ କରିଚି... ।

## ପରିଚୟ

ଜଣେ ଅଭିନେତା ଓ ନିର୍ଦ୍ଦେଶକ ଭାବରେ ଶ୍ରୀ ଦାସ ବେଶ୍ ଜଣାଶୁଣା, ସଂପ୍ରତି ରାଜଧାନୀ ଭୁବନେଶ୍ୱରରେ ଅବସ୍ଥାପିତ । ଦୀର୍ଘ ଦିନ ଧରି ପେଷାଦାର ରଙ୍ଗମଞ୍ଚ 'ଜନତା ଥିଏଟର୍ସ'ରେ ଅଭିନୟ କଲା ପରେ ବର୍ତ୍ତମାନ ସୌଖିନ୍ ରଙ୍ଗମଞ୍ଚ ସହ ସଂପୃକ୍ତ ରହି ନାଟ୍ୟ ନିର୍ଦ୍ଦେଶନା ଦେଉଛନ୍ତି ନୀଳ ଆକାଶ, ଦୂର ବନାନୀ ଓ ଜହର ଜନ୍ମ ନାମକ ଦୁଇଟି ନାଟକର ସ୍ରଷ୍ଟା । ଓଡ଼ିଆ ଚିତ୍ର ଏ ନୁହେଁ କାହାଣୀର ଅନ୍ୟତମ ନିର୍ଦ୍ଦେଶକ, ମନ ମନ୍ଦିରର ସହକାରୀ ନିର୍ଦ୍ଦେଶକ, ତାଙ୍କ ଅଭିନୀତ ଚିତ୍ର ହେଲା ମନ ମନ୍ଦିର, ଏ ନୁହେଁ କାହାଣୀ, ତଅପୋଇ ।

MAGAZINE HOUSE

ମେଗାଜିନ ହାଉସ

ପ୍ରୋ: ଶ୍ରୀ ବଟକୃଷ୍ଣ କର

ବସ୍ ଷ୍ଟାଣ୍ଡ, ବାଲେଶ୍ୱର

ବାଣୀଚିତ୍ର ଓ ସମସ୍ତ ଓଡ଼ିଆ ଇଂରାଜୀ ପତ୍ର ପତ୍ରିକାର

ବିକ୍ରେତା

Digitized by PPRACHIN, SOA

# ଡଅପୋଇ, ମୁଁ ଆଉ ମୋର ଭୂମିକା

ସହକାରୀ ନିର୍ଦ୍ଦେଶକ

ରମେଶ ମହାନ୍ତି

ସେଦିନ ହଠାତ୍ ଡଅପୋଇର Paper works ପାଇଁ ଦରକାର ହେଲି । ବିଜୟ ଭାଇନା ଓ ଶରତ ବାବୁ କହିଲେ । ସେତେବେଳକୁ Script କାମ ପ୍ରାୟ ସରି ଯାଇଥାଏ । ଯାଇ ପହଞ୍ଚିଲି ସଂଧ୍ୟା ବେଳକୁ ପ୍ରଯୋଜକଙ୍କ ଘରେ । ବହୁତ ଆଦର ଅଭ୍ୟର୍ଥନା—ଏବେ ବି ପାଶୋରି ପାରିନି । କାମ କରିବାକୁ ଡଅପୋଇରେ ଆଗରୁ ମଧ୍ୟ ପ୍ରବଳ ଇଚ୍ଛା ଥିଲା; କିନ୍ତୁ ସୁଯୋଗ ତ ଦରକାର । ସୁଯୋଗ ଆସିଲା । ବ୍ୟବହାର ଆହୁରି ଆପଣାର କରିନେଲା । ତେଣୁ ନିଜକୁ ସବୁ ପ୍ରକାରର କାମ କରିବାକୁ ପ୍ରସ୍ତୁତ କରିନେଲି, ଯେମିତି ନିଜର କିଛି ନା କିଛି ।

କାମ ଆରମ୍ଭ ହେଲା । Break down ପରେ Artistମାନଙ୍କର Shooting date ବାହାର କରି ସବୁ ପ୍ରକାରର Paper works ଶେଷ କଲି । କାରଣ ଏ ସବୁର ଦାୟିତ୍ୱ Chief Asst. Directorଙ୍କର । Directorଙ୍କ ସଙ୍ଗେ location ଯିବାର ସୁଯୋଗ ମଧ୍ୟ ମିଳିଥିଲା ଏବଂ ଶେଷରେ location final ହେଲା—ବାଲେଶ୍ୱରର ସୁନହଟ୍ ।

ଅସୁବିଧା ବଶତଃ Programme ପୁଣି ପଛକୁ ଘୁଞ୍ଚିଲା—ଦିନ ଆସିଲା, ଏକ ଶୁଭ ବେଳାରେ ମହୁରତ୍ ହେଲା—କଟକସ୍ଥିତ ମାତୃଭବନରେ ତା'ପରେ ଆମମାନଙ୍କର ଯାତ୍ରା—ବାଲେଶ୍ୱରର ସୁନହଟ୍ ।

Schedule ଅନୁସାରେ ଏଠାରେ ଆମକୁ ୪୦ ଦିନ ରହିବାକୁ ପଡ଼ିବ । ପୂର୍ବର ଅଭିଜ୍ଞତା ନେଇ କାମ ଆରମ୍ଭ କଲି ।

ପ୍ରଥମ ଦିନ କଥା ।.....କାମଟି ଧୀରି slow ଲାଗିଲା । ତା'ପରେ ମନ ଭିତରେ ସନ୍ଦେହ "Schedule କରିବାରେ କୋଉଠି ଭୁଲ ରହିଗଲା କି ? ମୁଁ ତ ଆଗରୁ Black and white Pictureର schdule କରିଥିଲି —ଏ ତ Colour—ରଙ୍ଗ ମାରିବାରେ କୋଉଠି ଭୁଲ ରହି ଗଲାନି ତ ?" ପୁଣି ଥରେ କାଗଜ ପତ୍ର ଖେଳେଇଲି । ମୋର ଗୁରୁ ଶ୍ୟାମଲ ମୁଖାର୍ଜି ସହଯୋଗୀ ନିର୍ଦ୍ଦେଶକଙ୍କୁ ପଚାରିଲି । ସେ ମତେ ଉତ୍ତର ଦେଲେ ସବୁ ଠିକ୍ ଅଛି । ତେବେ ପ୍ରଥମ ଦିନ ତ—କାମ ଟିକିଏ slow ହୁଏ ।

Digitized by PPRACHIN, SOA

ତା'ପରେ ୪ ଦିନ ଚାଲିଗଲା' ୩୦ ଠାରୁ ୩୫ shot କେବଳ ପୂରଣ ହେଲାନି । ୧୨ ଠାରୁ ୧୫ଟି shot ହେଲେ ଯଥେଷ୍ଟ ।

ତେଣୁ ମତେ ବିପଦ ଘନେଇ ଆସିଲା । ସବୁଦିନେ scheduleକୁ Change କରିବାକୁ ପଡ଼ିବା ସଙ୍ଗେ ସଙ୍ଗେ Artist ମାନେ ଏକ ସମୟରେ ଯୋଗିଏ ତାରିଖରେ ବାଧ୍ୟ ହୋଇ ରୁଷ୍ଟ ହେଲେ କୌଣସି Artist ର ଯଦି ୪ ଦିନର shooting ଥାଏ ତାହା ୮/୧୦ ଦିନ ମଧ୍ୟ ହୋଇଗଲା । ଏଣେ Messରେ ମିଲ ସଂଖ୍ୟା ମଧ୍ୟ ବଢ଼ିଲା । କ'ଣ କରାଯିବ—ଖରାପକୁ ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟ ଦେଖାଦେଲା । ଆଜି Power fail ତ କାଲି wheather ଖରାପ, ତା'ପରଦିନ ନାଆ ନାହିଁ ଇତ୍ୟାଦି । ଏ ପ୍ରାୟ ୧୫ ଦିନ ଆମକୁ ଏମିତି ହଇରାଣ କଲା ।

୪/୫ ଦିନ Shooting ପରେ ଦିନେ ହଠାତ୍ Sound Bleam ଖରାପ ହୋଇଗଲା । ତେଣୁ ବୋଝ ଉପରେ ନଳିତ ବିଡ଼ା ଭଳି Shoting ପରେ Dubbing କରେଇବାର ଦାୟିତ୍ୱ ପୁଣି ମୋ ଉପରେ ପଡ଼ିଲା । କାରଣ ଯେତେ ପରିଶ୍ରମ ପଡ଼ୁ ନହେଲେ, କାମଟା କରିବାକୁ ପଡ଼ିବ । ତେଣୁ ମୋର ଶୋଇବାର ସମୟ ରାତି ଘୋଡ଼ଟ ଅଉ ଉଠିବାର ସମୟ ସକାଳ ୫, ୩୦ ।

ଦିନ ପରେ ଦିନ ଗଡ଼ି ଚାଲିଲା...କିନ୍ତୁ Progress ଖୁବ slow ହେଲା ; ଏଣେ ପ୍ରଯୋଜକଙ୍କ Budget ମଧ୍ୟ ହାଉ ହାଉ ହୋଇ ବଢ଼ିବାକୁ ଲାଗିଲା । ଦିନେ ମତେ ପ୍ରଯୋଜକ ମହାଶୟ ପଚାରିଲେ, "Schedule ଯାହା କରିଚନ୍ତି—ବୋଧେ ଭୁଲ ତଅପୋଇ ପରି film କେବେ ୪୦ ଦିନରେ ହୋଇ ନ ପାରେ । କାରଣ Colour Picture ତ । ଦିନକୁ ଯାହା shot ହବା କଥା ଠିକ୍ ତ ଚାଲିଚି—ଆପଣ ବୋଧେ Colour Picture ପାଇଁ Schedule କରି ନାହାନ୍ତି ।"

ମତେ ଯଦିଓ ହସ ମାଡ଼ିଲା—ତଥାପି ଚୁପ୍ ହୋଇ ରହିଲି । ସେତେବେଳକୁ ଅଉ ୧୦ ଦିନ schedule ପୂରିବାକୁ ବାକି ଥାଏ; କିନ୍ତୁ କାମ ମୋଟେ ୪୦% ହୋଇଥାଏ । ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଆଉ ଯଦି ୧୫ ଦିନ ବଢ଼ାଯାଏ, ତେବେ ବି Complite ହେବାର ସମ୍ଭାବନା ନ ଥାଏ ।

ତେଣୁ କ'ଣ କରଯିବ—Day and night shooting କରି ଯେମିତି ହେଲେ ସାରିବାକୁ ପଡ଼ିବ । ଏ ମଧ୍ୟରେ ମାନ୍ ମନାନ୍ତର, ଅଭିମାନ, ରାଗ, ରୁଷା ସବୁ ସରୁଥାଏ ପରସ୍ପର ଭିତରେ । ସବୁକୁ ପଛକୁ ପକେଇ ଦେଇ ଦିନ ରାତି ଲାଗି ପଡ଼ିଲୁ—ଲକ୍ଷ୍ୟ ଆମର ଶେଷ କରିବା । ଦିନରାତି ହିସାବ କଲେ ପ୍ରାୟ ୭୫ ଦିନ ହେଇଯିବ—ତଥାପି ମନ୍ଦିରର ମୁଣ୍ଡି ମାରି ପାରିଲୁନି । ଏଣେ Camera unit ଫେରିବାକୁ ଅସମ୍ଭାଳ ହେଇଗଲେ । ସେମାନେ ମଧ୍ୟ ଆଉ Date extension କଲେ ନାହିଁ । କାମ ବନ୍ଦ ହେଲା ।

Digitized by PPRACHIN, SOA

ନା'ପରେ ଏକ ଦୀର୍ଘଦିନ ବ୍ୟବଧାନ । Unit ର ଯାହାକୁ ଯେତେବେଳେ ଦେଖୁ ଖାଲି ପଚ୍ଚରୁ —କ'ଣ ହେଲା.....? ଉତ୍ତର ଆସେ.....ଏହାରି ଭିତରେ ସରିଯିବ । ଆପଣ ଜାଣିବେନି କି ? —

ଆଉ ତ ବାରଶହ ବଢ଼େଇର ଆବଶ୍ୟକତା ନାହିଁ—କେବଳ ଧରମା ଆସିଲେ କୋଣାର୍କର ମୁଣ୍ଡି ମରିବ । ଶେଷରେ ସେଇ ଧରମା ହିଁ ମୁଣ୍ଡି ମାରିଲା— । ବାର ଶହ ବଢ଼େଇ ଜାଣିବା କ'ଣ ଦରକାର ?

ଯେତେ କଷ୍ଟ ହେଲେ ମଧ୍ୟ-ଯେତେ ଦୁଃଖ ମନରେ ଆସିଲେ ମଧ୍ୟ —ଆମେ ସବୁ ଭୁଲି ଯାଉଚୁ ପ୍ରଯୋଜିକା ଶ୍ରୀମତୀ ପୁଷ୍ପା ସାମଲଙ୍କ ଉଦାରତା, ସହନଶୀଳତା, ଉତ୍ତମ ବ୍ୟବହାର ଓ ସ୍ନେହ ବୋଳା କେଇପଦ କଥା ପାଇଁ । ତାଂପୋଇ ପରି ବ୍ୟୟବହୁଳ ଛବି ଆଉ ବୋଧେ ଅନ୍ୟ କୌଣସି ପ୍ରଯୋଜକ, ପ୍ରଯୋଜନା କରିବାକୁ ସାହସ କରି ପାରି ନ ଥାନ୍ତେ—

ଏହା ନିଃସନ୍ଦେହରେ କୁହାଯାଇ ପାରେ । ଏ ଛବିର ଭବିଷ୍ୟତ ନିଶ୍ଚୟ ଉଜ୍ଜ୍ୱଳ ଏଥିରେ ସନ୍ଦେହ ନାହିଁ ।

## ପରିଚୟ

୧୯୫୧ ମସିହା ଠାରୁ ସୌଖିନ୍ ରଙ୍ଗମଞ୍ଚରେ ଅଭିନୟ ଆରମ୍ଭ କରନ୍ତି ଏବଂ ୧୯୬୧ ଠାରୁ ସ୍ୱାଧୀନ ଭାବେ ନାଟକମାନଙ୍କରେ ନିର୍ଦ୍ଦେଶନା ଦିଅନ୍ତି । ୧୯୬୪ରୁ ୧୯୬୬ ମସିହାରେ ବରହମପୁର ଇଞ୍ଜିନିୟରିଂ ସ୍କୁଲରେ ଛାତ୍ର ଅବସ୍ଥାରେ ସାଂସ୍କୃତିକ ଉତ୍ସବମାନଙ୍କରେ ପରିବେଷିତ ବିଭିନ୍ନ ନାଟକରେ ନିର୍ଦ୍ଦେଶନା ଦେଇ ପ୍ରଶଂସିତ । ଯାଯାବର ଚିତ୍ରର ସହକାରୀ ନିର୍ଦ୍ଦେଶନା ଦେଇ ଚଳଚ୍ଚିତ୍ର ନିର୍ଦ୍ଦେଶନା କ୍ଷେତ୍ରକୁ ଆସିଲେ । ଏହା ପରେ ମନମନ୍ଦିର, ନୂଆ ଚିତ୍ରରେ ସହକାରୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିବାବେଳେ ତଅପୋଇ ଚିତ୍ରରେ ମୁଖ୍ୟ ସହକାରୀ ନିର୍ଦ୍ଦେଶକ ରୂପେ ଯୋଗ ଦେବାର ଆହ୍ୱାନ ପାଇ ଆସି କାର୍ଯ୍ୟ କଲେ । ଜନ୍ମ ନିମାପଡ଼ାରେ ସଂପ୍ରତି ନୂଆ ରାଜଧାନୀ ଭୁବନେଶ୍ୱରରେ ଅବସ୍ଥାପିତ । ଆଗାମୀ ୫ଟି ଚିତ୍ରରେ ସହଯୋଗୀ ସହକାରୀ ଓ ସଂପୂର୍ଣ୍ଣ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବା ପାଇଁ ଚୁକ୍ତିବଦ୍ଧ ହୋଇଛନ୍ତି ।


ଆଜିର ଶୁଭ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ
ଜଣାଉଛି—

**ଦେବେନ୍ଦ୍ର ସିମେଣ୍ଟ ୱାର୍କସ୍**

**ଭୁଗୁରିକଟା, ବାରିପଦା**

**ମୟୂରଭଞ୍ଜ**

ବାରିପଦାର ଏକମାତ୍ର ନିର୍ଭରଶୀଳ ଅନୁଷ୍ଠାନ
ସମସ୍ତ ପ୍ରକାରର ସିମେଣ୍ଟ ତିଆରି ଜିନିଷ ବିକ୍ରେତା


Digitized by PPRACHIN, SOA

# ତଅପୋଇ ଚିତ୍ରର ସହକାରୀ କ୍ୟାମେରାମ୍ୟାନ୍

## ଅରୁଣ ମିଶ୍ର

ତଅପୋଇ ଚିତ୍ରର ଅନ୍ୟତମ ସହକାରୀ କ୍ୟାମେରାମ୍ୟାନ ଶ୍ରୀ ଅରୁଣ ମିଶ୍ର ଏଥିପୂର୍ବରୁ ରଙ୍ଗୀନ ଚିତ୍ର ଗପ ହେଲେ ବି ସତ ଓ ଶେଷ ଶ୍ରାବଣରେ କାର୍ଯ୍ୟ କରିଛନ୍ତି । ଚଳଚ୍ଚିତ୍ରଜଗତରେ କ୍ୟାମେରାମ୍ୟାନ୍ ରୂପେ ନିଜକୁ ପ୍ରତିଷ୍ଠିତ କରାଇବା ତାଙ୍କର ଲକ୍ଷ୍ୟ । ମାଡ୍ରାସରୁ ସିନେମାଟୋଗ୍ରାଫିରେ ଡିଗ୍ରୀ ଲାଭ କରିଛନ୍ତି । ତଅପୋଇ ଚିତ୍ରର ସୁଟିଂ ଶେଷ କରି ବମ୍ବେରେ କେତେକ ଚିତ୍ର ନିର୍ମାଣ ସଂସ୍ଥାରେ କାର୍ଯ୍ୟ କରିବାକୁ ଯାଉଛନ୍ତି ଏହି ସଙ୍ଗେ ସଙ୍ଗେ ସେ ମଧ୍ୟ ଓଡ଼ିଆ ଚଳଚ୍ଚିତ୍ରରେ ଚିତ୍ର ଗ୍ରହଣରେ କାର୍ଯ୍ୟ କରିବେ । ତାଙ୍କର ବଡ଼ ଭାଇ ଶ୍ରୀ ତରୁଣ କୁମାର ମିଶ୍ର କଟକର ରାଣୀହାଟ ସ୍ଥିତ ବମ୍ବେ ଫଟୋ ଷ୍ଟୁଡିଓର ପ୍ରତିଷ୍ଠାତା ଏବଂ ଜଣେ ଦକ୍ଷ ସ୍ଥିର ଚିତ୍ର ଗ୍ରହଣକାରୀ । ଶ୍ରୀ ମିଶ୍ରଙ୍କର ଜନ୍ମସ୍ଥାନ ହେଲା ରଭଳିଆଟଙ୍କ, କଟକ ।

●


Always use :—

**ELEPHANT INK**

Reg. No. A/8077/77

**Manufactured by :—**

**Shiv Chemical works.**

**'T A T A'**


Digitized by PPRACHIN, SOA

# 'ତଅପୋଇ' ଭୂମିକାରେ ନବ ନାୟିକା କୁମାରୀ କ୍ଷଣପ୍ରଭା ଷଡ଼ଙ୍ଗୀ

ଓଡ଼ିଆ ଚଳଚ୍ଚିତ୍ରରେ ଅଭିନୟ ଓ ହଠାତ୍ ପୁଣି ଜଣେ ଅଭିନେତ୍ରୀ ହେବାର ସୁଯୋଗ କେତେଜଣଙ୍କ ଭାଗ୍ୟରେ ଅସିଛି ? ଏଇ ଚଳଚଞ୍ଚଳା ଚିତ୍ର ତାରକା କ୍ଷଣପ୍ରଭା ଆଜି ଓଡ଼ିଆ ଚଳଚ୍ଚିତ୍ର ଆକାଶରେ ଏକ ନୂତନ ବିସ୍ମୟ କହିଲେ ଅତ୍ୟୁକ୍ତି ହେବନାହିଁ । ତଅପୋଇ ଚିତ୍ରର ନିର୍ମାତା ଶ୍ରୀ ସୁବୋଧ ସାମଲ ତାଙ୍କ ଚିତ୍ରର ମୁଖ୍ୟ ନାୟିକା 'ତଅପୋଇ' ପାଇଁ ବହୁ ଅଭିନେତ୍ରୀଙ୍କ ମଧ୍ୟରୁ ଷୋଡ଼ଶୀ ନାୟିକା କ୍ଷଣପ୍ରଭାଙ୍କୁ ହିଁ ଶେଷରେ ଆବିଷ୍କାର କଲେ । ରେଭେନ୍ସା କଲିଜିଏଟ୍ ସ୍କୁଲର ଏକାଦଶ ଶ୍ରେଣୀ ଛାତ୍ରୀ କ୍ଷଣପ୍ରଭା ଓ ତଅପୋଇ ଚିତ୍ରର 'ତଅପୋଇ' ଭୂମିକାରେ କ୍ଷଣପ୍ରଭା ମଧ୍ୟରେ ବିଶେଷ କିଛି ତଫାତ୍ ନ ଥିଲେ ହେଁ, ଏତିକି ଦୃଢ଼ତାର ସହିତ କୁହାଯାଇପାରେ ଯେ, ଏଇ ହାସ୍ୟମୟୀ ଲାସ୍ୟମୟୀ ତରୁଣୀ ନାୟିକାଙ୍କର ଆବିର୍ଭାବ ଓ ତଅପୋଇ ଚରିତ୍ରରେ ଅଭିନୟ ଓଡ଼ିଶାର ରକ୍ଷଣଶୀଳ ସାମାଜିକ ପରମ୍ପରାକୁ ଏକ ଚ୍ୟାଲେଞ୍ଜ କେବଳ ନୁହେଁ, ଆଗାମୀ ଓଡ଼ିଆ ଚଳଚ୍ଚିତ୍ରର ଉତ୍ତର ପୁରୁଷଙ୍କ ଲାଗି ଶୁଭେଚ୍ଛା ମଧ୍ୟ ।

ଅତି ଛୋଟ ବୟସରୁ ଗୀତ ଗାଇବା ଆରମ୍ଭ କରି ପରବର୍ତ୍ତୀ ସମୟରେ ଓଡ଼ିଶୀ ଓ ଶାସ୍ତ୍ରୀୟ ସଂଗୀତ ଶିକ୍ଷାରେ ମନୋନିବେଶ । ସଂଗୀତ ଶିକ୍ଷା ଦିଗରେ ଓଡ଼ିଶୀ ସଂଗୀତରେ ଗୁରୁ ଶ୍ରୀ ନବୀନ୍ ପଟ୍ଟନାୟକ ଓ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷାରେ ଗୁରୁ କ୍ଷିତୀଶ୍ ମୈତ୍ରଙ୍କର ପ୍ରେରଣା ତାଙ୍କୁ ଆଗେଇ ନିବାରେ ସାହାଯ୍ୟ କରିଛି । ପାଠ ପଢ଼ା ସଙ୍ଗେ ସଙ୍ଗେ

Digitized by PPRACHIN, SOA

ଅଭିନୟ ଓ ଗୀତ ଶକ୍ତିଟା କ୍ଷଣପ୍ରଭାଙ୍କର ଗୋଟିଏ ଭଲ ଗୁଣ । ସାମୟିକ ଭାବେ ସେ ମଧ୍ୟ ନାଚି ପାରନ୍ତି ଏବଂ ତଅପୋଇ ଚିତ୍ରରେ ମଧ୍ୟ ନୃତ୍ୟ ପରିବେଷଣ କରିଛନ୍ତି । ସ୍କୁଲର ବିଭିନ୍ନ ନାଟକରେ ଅଭିନୟ କରିଛନ୍ତି । କଟକର 'କଳିକା' ଅନୁଷ୍ଠାନରେ ନୃତ୍ୟ ସଂଗୀତ ଓ ନାଟକରେ ଅଂଶ-ଗ୍ରହଣ କରି ପ୍ରଶଂସିତା । ସ୍କୁଲର ସ୍ପୋର୍ଟସ୍‌ରେ ମଧ୍ୟ ଚମ୍ପିୟନ୍, ସାମୟିକ ଭାବେ ଗଳ୍ପ ଓ କବିତା ମଧ୍ୟ ଲେଖାଲେଖି କରନ୍ତି ।

ତାଙ୍କର ଜନ୍ମ ୧୯୬୩, ସେପ୍ଟେମ୍ବର ୧୪ ତାରିଖ କଟକସ୍ଥ ପୁରୀ ଘାଟରେ । ପିତା ଡାକ୍ତର ମାଧବାନନ୍ଦ ଷଡ଼ଙ୍ଗୀ । ପିତା ମାତାଙ୍କର ନାଟ୍ୟ-କଳାପ୍ରତି ଆଗ୍ରହ ମଧ୍ୟ କ୍ଷଣପ୍ରଭାଙ୍କୁ ଏ ଦିଗରେ ଯଥେଷ୍ଟ ପ୍ରେରଣା ଦେଇଛି । ତାଙ୍କ ଠିକଣା ହେଲା —

କୁମାରୀ କ୍ଷଣପ୍ରଭା ଷଡ଼ଙ୍ଗୀ
C/o ଡାକ୍ତର ମାଧବାନନ୍ଦ ଷଡ଼ଙ୍ଗୀ
ଟାଉନ୍‌ହଲ ରୋଡ୍, କଟକ-୯

(ତଅପୋଇ ଚିତ୍ରରେ ନିଜ ଭୂମିକା ସଂପର୍କରେ କ୍ଷଣପ୍ରଭା ଯାହା ଲେଖିଛନ୍ତି ପଢ଼ନ୍ତୁ ।)

With best compliments of :—

DONETED BY,

**M/S A.T. DAW & CO.**

**GUN MAKERS**

**Ranihat, Cuttack.**

**Phone No. 20874** **Branch—Jajpur Road**

Digitized by PPRACHIN, SOA

# 'ତଅପୋଇ' ମୁଁ ଓ ମୋର ଦର୍ଶକ

କ୍ଷଣପ୍ରଭା ଷଡ଼ଙ୍ଗୀ

"ମୁଣ୍ଡକୁ ନ ଦେଲେ ଯେ ତେଲ
ନ ଦେଲେ ପିନ୍ଧିବାକୁ ଭଲ
ବସାଇ ନ ଦେଲେ ଯେ ଡୋଳି
ଆଦର ରଖାଇଲେ ଛେଳି
ଅନେକ ଦୁଃଖୀ 'ତଅପୋଇ'
ବନସ୍ତେ ଛେଳି ଜଗିଆଛ ।"

ଅଞ୍ଜା ।

ଆପଣ ଆଶ୍ଚର୍ଯ୍ୟ ହୋଇଗଲେ ନା କ'ଣ ? ଏହା ତଅପୋଇର ବର୍ତ୍ତମାନର ଅବସ୍ଥା ନୁହେଁ ନ । ସୁଟିଙ୍ଗ୍ ବେଳର କଥା । ମୁଁ ତଅପୋଇ ସାଜି ନୁଖୁରା ମୁଣ୍ଡ ଫୁରୁଫୁରୁ କରି ବୁଲିବାର କଥା, ଛିଣ୍ଡା କନ୍ତା ପିନ୍ଧି କାଦୁଅ ସରସର ହୋଇ ଗାଁ କୁ ଗାଁ ବୁଲି ଭିକ ମାଗିବାର କଥା, ଛେଳି ପଲ ଧରି ନିଘଞ୍ଚ ବଣ ଭିତରେ ଚରାଇବାର କଥା । ଏମିତି 'ତଅପୋଇ' ସାଜି ସାଜି ଦୀର୍ଘ ଦୁଇଟି ମାସ କଟିଗଲା ମୋର ଅଜାଣତରେ । ଆଉ ଯେଉଁମାନଙ୍କ ସହ କଟିଲା, ସେମାନେ ଥିଲେ ଗୋଟିଏ ଶ୍ୱେତ ପଙ୍କଜର କେତେଗୁଡ଼ିଏ ଦଲ ସଦୃଶ । ଆମ ଗୋଷ୍ଠୀ (ୟୁନିଟ୍) ରେ ମୁଁ ଥିଲି ସବୁଠାରୁ ଛୋଟ । ତେଣୁ ସମସ୍ତଙ୍କଠାରୁ ସ୍ନେହ ଶ୍ରଦ୍ଧା ମୋର ପ୍ରାପ୍ୟ ଥିଲା, ମୁଁ ପାଇଥିଲି ମଧ୍ୟ । ମୋର ପ୍ରଯୋଜିକା ମହାଶୟା (ରୁନୁ ଅପା) ମୋର ଭଉଣୀର ସ୍ଥାନ ପାଇଥିଲେ । ଆଉ ପ୍ରଯୋଜକ ମହାଶୟ ( ସୁବୋଧ ଭାଇ ) ମୋର ମଧୁର ସମ୍ପର୍କ । ବୁଝି ପାରୁଥିବେ ଅଞ୍ଜା ।

ତା'ପରେ ସାତୋଟି ଖୁଡଚ ଓ ଢଇଙ୍କ କଥା । ବାସ୍ତବିକ୍ । ସେମାନଙ୍କଠାରୁ ମୁଁ ଯେଉଁ ପ୍ରକାର ସ୍ନେହ ଓ ଶ୍ରଦ୍ଧା ପାଇ ପାରିଛି, ତାହା ସ୍ୱର୍ଗୀୟା ୟୁନିଟ୍‌ର ଅନ୍ୟାନ୍ୟ ବ୍ୟକ୍ତିଙ୍କ ସହ ମଧ୍ୟ ଖୁବ୍ ଆନ୍ତରିକତା ଥିଲା । ସେମାନଙ୍କ ଭିତରେ ପୂଜ୍ୟ ଥିଲେ ନିର୍ଦ୍ଦେଶକ ମହାଶୟ ଇତ୍ୟାଦି ।

ବସନ୍ତର ନବ ପ୍ରକାଶ ପରି ହଠାତ୍ ମୋର ଆବିର୍ଭାବ ଏହି ଚଳଚ୍ଚିତ୍ର ଜଗତରେ । କେତେ ନାଲି, ନେଳି, ସବୁଜ ରଙ୍ଗରେ ରଙ୍ଗୀନ୍ ଏହାର ଆକାଶ । ତା' ଭିତରେ ସବୁବେଳେ ଯୌବନର ବାସ୍ନା । ସେତେବେଳେ କିନ୍ତୁ ଏହି ରଙ୍ଗୀନ୍ ନିଶା ମତେ ଧରି ପାରୁ ନ ଥିଲା । ଏହି ରଙ୍ଗୀନ୍ ନିଶା ମତେ ତା'ର ବୁକୁରେ ନିଜକୁ ହଜାଇ ଦେବାକୁ ଆକର୍ଷିତ କରି ନ ଥିଲା ।

Digitized by PPRACHIN, SOA

କାରଣ ସୁଟିଙ୍ଗରୁ ଫେରିଲାବେଳକୁ ମୋର ଦଶମ ଶ୍ରେଣୀର ଫାଇନାଲ ଆଉ ୧୦ ଦିନ ବାକି ଥାଏ । ମୁଁ ପୁଣି half yearly ଦେଇ ନ ଥାଏ । ଅବସ୍ଥା, ଏକଦମ୍ ଟଳମଳ । ଭଲରେ ଭଲରେ ପାଶ୍ କରି ନ ଗଲେ—ଆରେ ବାବା—ସିଧା ରେଲ ଲାଇନର ରାସ୍ତା ଧରିଥାଅନ୍ତି । ଥାଉନ୍ତୁ—"ଗତସ୍ୟ ଶୋଚନା ନାସ୍ତି" ।

ହଁ—ଶୁଣିବେ ମୋର ସୁଟିଙ୍ଗ୍ ପିରିୟଡ୍ ଭିତରେ ଦିନକର କଥା ? ଦିନେ ମୋର ( ଡାଏରପାର ) ର ପାଗଳୀ ହୋଇ ଯିବାର ସଟ୍ ଚାଲିଥାଏ । ଘଡ଼ି ୧୨ଟା ବାଜି ସାରିଥିଲା । ଅଚାନକ ହୋଇଗଲା ମୋର ପେଟ ବ୍ୟଥା । ସଙ୍ଗେ ସଙ୍ଗେ ଔଷଧ ଆସିଗଲା । ମାତ୍ର, ଯଥା ପୂର୍ବଂ, ତଥା ପରଂ । ସମସ୍ତ ଚେଷ୍ଟା ବ୍ୟର୍ଥ ହେଲା । କ'ଣ କରାଯିବ ? ସେଇ ସଟ୍ ର ସୁଟିଙ୍ଗ ଆଉ ଅଳ୍ପ ବାକି ଥାଏ । ଏପଟେ ମୁଁ ଚେୟାରରୁ ଉଠିବାକୁ ଅସମର୍ଥ । ଡାଇରେକ୍ଟର (ମୋର ମାନ୍ୟବର ବଡ଼ ଭାଇ) ଶାନ୍ତ ଭାବେ ମତେ ଅନୁରୋଧ କଲେ ଟିକେ ଉଠି କଷ୍ଟ କରି ସିନ୍ ଟା ଶେଷ କରିଦେବାକୁ । ଅନ୍ୟମାନେ ଖୁବ୍ ବ୍ୟସ୍ତ ହୋଇ ପଡ଼ିଥିଲେ । ସମସ୍ତଙ୍କର ମୁଖ ପାଣ୍ଡୁର ହୋଇ ଉଠିଥିଲା । କୌଣସି ମତେ କଷ୍ଟ କରି ଉଠି ଠିଆ ହେଲି । ମାତ୍ର, ଏ କ'ଣ ? ଚାଲିବା ଯେ କଷ୍ଟକର । ଘଡ଼ି କର୍ଡ଼ି କର୍ଡ଼ି ଚାଲିଛି । ସମସ୍ତେ ଅନାଇ ରହିଛନ୍ତି ମୋ'ରି ଆଡ଼କୁ । ଭଗବାନଙ୍କୁ ସ୍ମରଣ କରି ହଠାତ୍ ଆଗେଇ ଗଲି । ତା'ପରେ ଆରମ୍ଭ କଲି ଅଭିନୟ । କ୍ୟାମେରା ଚାଲିଥାଏ.....ଘର୍ ର—ଘର୍ ର.... ଘର୍ ର ମୋର ଆଉ କେଉଁ ଆଡ଼କୁ ଦୃଷ୍ଟି ନ ଥାଏ । ହଠାତ୍ 'କଟ୍'ର ଶବ୍ଦରେ ମୁଁ ହେଲି ପ୍ରକୃତିସ୍ଥା । one take ରେ ଓ. କେ ହୋଇଥିଲା । ମାତ୍ର, ସେ ସିନ୍ ର ବିଶେଷତ୍ୱ ହେଉଛି ମୋର ଅଭିନୟ । ପେଟର ବ୍ୟଥା ସହିତ ପାଗଳୀର ହସ ମିଶ୍ରିତ କାନ୍ଦ ଅତି ଜୀବନ୍ତ ମନେ ହୋଇଥିଲା ମୋତେ । ଅନନ୍ତର ଆତିଶଯ୍ୟରେ ଲୁହ ଦି' ଟୋପା ଝରି ପଡ଼ିଥିଲା । ପେଟର ନିଷ୍ଠୁର ବ୍ୟଥାକୁ ଭୁଲି ଯାଇଥିଲି । ନୂତନ ଉତ୍ସାହରେ ପ୍ରାଣ ଲହଡ଼ି ଭାଙ୍ଗୁଥିଲା । ଭାବୁଛି ମୋର ସେହି ସିନ୍ ର ଅଭିନୟ ସମସ୍ତଙ୍କର ପ୍ରାଣକୁ ଛୁଇଁ ପାରିବ ନିଶ୍ଚୟ ।

ସବୁ କଳାକାର ତଥା ଅଭିନେତାମାନଙ୍କ ଜୀବନରେ ମଧ୍ୟ ଠିକ୍ ଏମିତି ଗୋଟିଏ ଦିନ ଆସିଥିବ, ଯେଉଁ ଦିନର ଅଭୁଲା ସ୍ମୃତି ଚିରଦିନ ମୂର୍ତ୍ତିମନ୍ତ ହୋଇ ରହିଥିବ ସେମାନଙ୍କର ମାନସ ପଟରେ ।

ମୋର ଚଳଚ୍ଚିତ୍ରପ୍ରେମୀ ବନ୍ଧୁ ଭାଇ ଓ ଭଉଣୀମାନେ—ମୁଁ ଏକାଦଶ ଶ୍ରେଣୀର ଛାତ୍ରୀ । ତେଣୁ ସମୟର ମୂଲ୍ୟ ମୋ ନିକଟରେ କେତେ, ତାହା ସହଜରେ ଉପଲବ୍ଧି କରି ପାରୁଥିବେ ।

ତେଣୁ ମୋର ଫାଇନାଲ ସରିଲେ ଆଉ ଥରେ ଆପଣଙ୍କର ମନୋରଞ୍ଜନ ମୁଁ କରିବି । କ୍ଷମା କରିବେ—

ଇତି ସହ ଆପଣମାନଙ୍କର ଛୋଟ ଭଉଣୀ କ୍ଷଣପ୍ରଭା

● ତଅପୋଇ

Digitized by PPRACHIN, SOA

# 'ତଅପୋଇ' ଛବିର ନାୟକ ରଜନ କୁମାର ମିଶ୍ର

ମାତ୍ର ପାଞ୍ଚ ବର୍ଷ ବୟସରୁ ଯେଉଁ ଶିଶୁ ରେଡ଼ିଓ ବାଜିଲେ ନାଚି ଉଠୁଥିଲା, ସେ ଯେ ପରବର୍ତ୍ତୀ ସମୟରେ ଜଣେ ତରୁଣ ଅଭିନେତା ରୂପେ ରୂପେଲି ପର୍ଦ୍ଦାରେ ଅଭିନୟ କରିବ, ଏ କଥା କିଏ ଜାଣିଥିଲା । ବାପା ମା'ଙ୍କର ସ୍ନେହକୁ ପାଥେୟ କରି ଶିକ୍ଷା କ୍ଷେତ୍ରରେ ଅବତୀର୍ଣ୍ଣ ହେବା ସଙ୍ଗେ ସଙ୍ଗେ ଅଭିନୟ ପ୍ରତି ମଧ୍ୟ ତାଙ୍କର ଅଧିକ ଇଚ୍ଛା ବଳବତ୍ତର ରହିଲା । ରାଉରକେଲାର ଉଦିତ୍ ନଗର ୟୁ. ପି. ସ୍କୁଲରେ ପଞ୍ଚମ ଶ୍ରେଣୀର ଛାତ୍ର ଥିବାବେଳେ ନାଟକରେ ଅଭିନୟ ଆରମ୍ଭ କଲେ । ତା'ପରେ ପ୍ରାୟ ୭।୮ଟି ନାଟକରେ ଅଭିନୟ କରନ୍ତି । ୧୦ମ ଶ୍ରେଣୀରେ ପଢ଼ୁଥିବାବେଳେ 'ଆଲେକ୍‌ଜେଣ୍ଡାର ଦି ଗ୍ରେଟ୍' ଇଂରାଜୀ ଓ ।ନ ଏକ୍‌ଟେ ପ୍ଲେରେ ଶ୍ରେଷ୍ଠ ଅଭିନେତା ରୂପେ ପ୍ରଶଂସିତ । ରେଭେନ୍‌ସା କଲେଜରେ ଅଧ୍ୟୟନ ସମୟରେ ଦୁଇ ବର୍ଷ ଏଇ ହଷ୍ଟେଲ ତରଫରୁ ହେଉଥିବା ଦୁଇଟି ନାଟକ 'ଶୁଣ ସୁଜନେ' ଓ 'ଧ୍ରୁବତାରା'କୁ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି । ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ସହ ମଧ୍ୟ ଶ୍ରୀ ମିଶ୍ର ସଂପୃକ୍ତ ରହିବାକୁ ଭଲ ପାଆନ୍ତି । ସଂପ୍ରତି ନିଜେ 'ଚିଲିକା' ନାମକ ନୂତନ କ୍ଷୁଦ୍ର ଚଳଚିତ୍ରରେ ଅଭିନୟ ଓ ନିଜେ ନିର୍ଦ୍ଦେଶନା ଦେବାକୁ ଯାଉଛନ୍ତି । ଭୁବନେଶ୍ୱରରେ ମଧ୍ୟ ଏକ ଶିଳ୍ପ ଉଦ୍ୟୋଗର ପ୍ରତିଷ୍ଠା ପ୍ରତି ମନ ବଳାଇଛନ୍ତି । ତାଙ୍କର ପିତା ଶ୍ରୀ ବୈଦ୍ୟନାଥ ମିଶ୍ର ବାଲେଶ୍ୱରରେ ଫାଷ୍ଟ୍ କ୍ଲାସ ମାଜିଷ୍ଟ୍ରେଟ୍ ରୂପେ ଅବସ୍ଥାପିତ । ଶ୍ରୀମାନ୍

Digitized by PPRACHIN, SOA

ମିଶ୍ରଙ୍କର ଜନ୍ମସ୍ଥାନ ପୁରୀ ସହରରେ । ବର୍ତ୍ତମାନ ସେ ବାଣୀବିହାରରେ ରାଜନୀତି ବିଜ୍ଞାନରେ ଏମ୍.ଏ. ଶ୍ରେଣୀରେ ଅଧ୍ୟୟନରତ ଓ ଛାତ୍ର ସଂସଦର ଉପସଭାପତି ଅଛନ୍ତି । ନିଜ ସମ୍ପର୍କରେ ସେ ଯାହା ଲେଖନ୍ତି ପଢ଼ନ୍ତୁ ।

## 'ଡଅପୋଇ'ରେ ବ୍ରଜନ ମିଶ୍ରଙ୍କର ଅଭିନୟ ଓ ଅନୁଭୂତ ସଂପର୍କରେ

ପ୍ରିୟ ପରୀକ୍ଷିତ ବାବୁ !

ନମସ୍କାର ଏବଂ ଆପଣଙ୍କୁ ମୋର ଅଶେଷ ଧନ୍ୟବାଦ, ଏ ଚଳଚିତ୍ର ଜଗତରେ ମୋର ହଠାତ୍ ପ୍ରବେଶ ଓ ଅନୁଭୂତି ଉପରେ ଦି' ଧାଡ଼ି ଲେଖିବାକୁ ସୁଯୋଗ ଦେଇ ଥିବାରୁ । ପିଲାଟିବେଳୁ ନାଟକରେ ଅଭିନୟ କରିବା ପ୍ରତି ମୋର ବଡ଼ ଝୁଙ୍କ୍ ଥିଲା, ଛାତ୍ର ଜୀବନରେ ମଧ୍ୟ ମୋର ସେ ଆଶା ପୂରଣ ହେଲା । ତା'ପରେ ଓଡ଼ିଆ ଚଳଚିତ୍ରରେ ଅଭିନୟ କରିବା ପାଇଁ ମୋର ମନରେ ଏକ ଆନନ୍ଦ ସୃଷ୍ଟି ହୋଇଥିବା ବେଳେ ହଠାତ୍ ରଙ୍ଗୀନ୍ ଚିତ୍ର 'ଡଅପୋଇ'ର ପ୍ରଯୋଜକ ଶ୍ରୀ ସୁବୋଧ ସାମଲ ରତ୍ନାକର ଭୂମିକା ପାଇଁ କଳାକାର ଖୋଜୁଥିଲାବେଳେ, ଦିନେ ମୁଁ ବହୁତ ଆଗରୁ ପରିଚିତ ପ୍ରଖ୍ୟାତ ଗାୟକ ଓ ସଂଗୀତ ନିର୍ଦ୍ଦେଶକ ଶ୍ରୀ ଅକ୍ଷୟ ମହାନ୍ତି ଏବଂ ନିର୍ଦ୍ଦେଶକ ଶ୍ରୀ ଶରତ ପୂଜାରୀଙ୍କ ସହିତ ଦେଖାହୁଏ କଟକର ଗ୍ରାଣ୍ଡ ସିନେମା ପାଖରେ ଏବଂ ସେମାନେ ମୋତେ ତା'ପରଦିନ ପ୍ରଯୋଜକ ସୁବୋଧ ବାବୁଙ୍କ ସହ ଦେଖା ହେବା ପାଇଁ କୁହନ୍ତି । ଠିକ୍ ତା' ପରଦିନ ମୁଁ ନିର୍ଦ୍ଦିଷ୍ଟ ସମୟରେ ଯାଇ ପହଞ୍ଚିବାରୁ ମୋତେ ପ୍ରଯୋଜକ ମହାଶୟ ବିନା ଦ୍ୱିଧାରେ ବାଛି ନେଇଥିଲେ । ସେଦିନର ସ୍ମୃତି ମୋର ଆଜି ମନେ ପଡ଼େ । ସତେ କି ଆନନ୍ଦ.....!

ତା'ପରେ ଆସେ ସେ ସୁଦିନ । ଚଳଚ୍ଚିତ୍ରରେ ଅଭିନୟ କରିବାର ପ୍ରଥମ ଦିନ ମୋର ଥାଏ ଓଡ଼ିଶାର ପ୍ରଖ୍ୟାତ ଅଭିନେତା ସାମୁଏଲ ସାହୁ (ବାବି)ଙ୍କ ସହ ଏବଂ ମନ ଭିତରେ ପ୍ରବଳ ଆଶଙ୍କା ଉପୁଜିଥାଏ । ପ୍ରଥମେ କ୍ୟାମେରା ଆଗରେ ଜଣେ ପ୍ରଖ୍ୟାତ ଅଭିନେତାଙ୍କ ସହ କିପରି ଅଭିନୟ କରିବି ? କିନ୍ତୁ ମୋର ପ୍ରଯୋଜକ ସୁବୋଧ ଭାଇ ଓ ପ୍ରଯୋଜିକା ରୁନୁ ଅପା ଏବଂ ନିର୍ଦ୍ଦେଶକ ଶରତ ଭାଇଙ୍କ ସ୍ନେହ ଏବଂ ସହଯୋଗ, ଉତ୍ସାହ ମୋତେ ପ୍ରବଳ ସାହସ ଦେଇଥିଲା । ନୂଆ କରି କ୍ୟାମେରା ଆଗରେ ଅଭିନୟ କଲେ ଯେଉଁ ଅସୁବିଧା ଭୋଗିବାକୁ ପଡ଼ିଥାଏ, ମୁଁ ତା'ର ସମ୍ମୁଖୀନ ହୋଇ-ଥିଲେ ମଧ୍ୟ ଏତେଟା ଅସୁବିଧା ଅନୁଭବ କରିବାକୁ ପଡ଼ି ନ ଥିଲା । କାରଣ 'କ୍ଷଣପ୍ରଭା'କୁ ଛାଡ଼ି ମୁଁ ଥିଲି ସମସ୍ତଙ୍କଠୁଁ ବୟସରେ ଛୋଟ ଏବଂ ମୋତେ ସାନ ଭାଇ ଭାବେ ସମସ୍ତେ ଗ୍ରହଣ କରୁଥିଲେ ।

Digitized by PPRACHIN, SOA

କିନ୍ତୁ ସୁର ଭାଇ (ସୁରେନ୍ଦ୍ର ସାହୁ) ମୋ ଜୀବନରେ ଏକ ଅଭୁଲା ସ୍ମୃତି ହୋଇ ରହିଯିବେ । ଯାହାଙ୍କପାଇଁ ମୁଁ ଆଜି ଟିକିଏ ସିନ୍‌ସିଅର ଓ ଡିସିପ୍ଲିନ୍‌ଡ଼ ହୋଇ ଯାଇଛି ବୋଲି ନିଜେ ନିଜକୁ ଭାବେ । ରତ୍ନାକର ଭୂମିକାରେ ଅଭିନୟ ବେଳେ ସମସ୍ତଙ୍କର ସହଯୋଗ ମୋର ସ୍ମରଣୀୟ ।

ଏଇଭଳି ଭାବେ 'ଡଅପୋଇ' ଚିତ୍ରରେ ମୋର 'ରତ୍ନାକର' ଭୂମିକାଟିକୁ ରୂପ ଦେଲି । ମୁଁ ଜାଣେନା ମୋର ଦର୍ଶକ ମୋ ଅଭିନୟକୁ କିଭଳି ଭାବେ ଗ୍ରହଣ କରିବେ । ଯେଉଁମାନଙ୍କର ମତାମତ ଓ ମୋତେ ଯେଉଁମାନେ ଏ ଦିଗକୁ ଆଣିଛନ୍ତି ଏବଂ ପ୍ରେରଣା ଦେଇଛନ୍ତି, ସେମାନଙ୍କ ଆଶୀର୍ବାଦକୁ ପାଥେୟ କରି ଅପେକ୍ଷାରେ ରହିଲି ଏବଂ ଶେଷରେ ଯେଉଁ-ମାନେ ମୋତେ ଉତ୍ସାହ ଦେଇଛନ୍ତି, ସେମାନେ ହେଉଛନ୍ତି ମୋର ବାପା, ମା', ମୋର ଶିକ୍ଷକ ଶ୍ରୀଯୁକ୍ତ ସୁବାସ ହଜାରୀ, ଓ ଶ୍ରୀଯୁକ୍ତ ସୁବାସ ମିଶ୍ର ଏବଂ ସର୍ବୋପରି ପ୍ରଯୋଜକ ଶ୍ରୀ ସୁବୋଧ ସାମଲ, ସଙ୍ଗୀତ ନିର୍ଦ୍ଦେଶକ ଶ୍ରୀ ଅକ୍ଷୟ ମହାନ୍ତି, ନିର୍ଦ୍ଦେଶକ ଶ୍ରୀ ଶରତ ପୂଜାରୀ, ବାଣୀଚିତ୍ରର ମୁଖ୍ୟ ସଂପାଦକ ପରୀକ୍ଷିତ ଭାଇ ଓ ଚିତ୍ରପୁରୀର ସମ୍ପାଦକ ବୁଲୁଭାଇ ଓ ମୋର କେତେଜଣ ଶୁଭେଚ୍ଛୁ ବନ୍ଧୁଙ୍କ ନିକଟରେ ସଦା ଋଣୀ । ଶେଷରେ ବାଣୀଚିତ୍ରର ପ୍ରିୟ ପାଠକ ପାଠିକାଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଜଣାଇ ରହିଲି ।

ଇତି

ଶ୍ରୀ ବିଜନ କୁମାର ମିଶ୍ର

Plot No- 61, Madhusudan Nagar, Unit-4, Bhubaneswar.

**BUS STAND BOOK STALL**

**ବସ୍ ଷ୍ଟାଣ୍ଡ ବୁକ୍ ଷ୍ଟଲ, ଭୁବନେଶ୍ୱର**

**ପ୍ରୋ: ଶ୍ରୀ ଅକ୍ଷୟ କୁମାର ନାୟକ**

ହିନ୍ଦି, ଇଂରାଜୀ, ବଙ୍ଗଳା ଓ ଓଡ଼ିଆ ଭାଷାରେ ସମସ୍ତ ପତ୍ର ପତ୍ରିକା, ପକେଟ ବହି, ଉପନ୍ୟାସ ଓ ତଥ୍ୟମୂଳକ ପୁସ୍ତକମାନ ପାଇବା ପାଇଁ ଏକ ନିର୍ଭରଯୋଗ୍ୟ ପ୍ରତିଷ୍ଠାନ । ଭୁବନେଶ୍ୱର ପାଇଁ ବାଣୀଚିତ୍ରର ନିର୍ଭରଯୋଗ୍ୟ ବିକ୍ରେତା ।

Digitized by PPRACHIN, SOA

# 'ତଅପୋଇ'ରେ ମୋର ଭୂମିକା

ସରସ୍ୱତୀ ଦେବୀ

ସେଦିନଟି ଥିଲା ମୋ ପାଇଁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଦିନ । ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥିଙ୍କର ଜନପଥ ଦେଖିବା ପାଇଁ ଯାଇ ରବୀନ୍ଦ୍ର ମଣ୍ଡପଟି କୋଳାହଳରେ ଫାଟି ପଡ଼ୁଥାଏ । ସେଦିନର ସେଇ ଜନପଥରେ ମୋତେ ନୋଷ ଭୂମିକାରେ ଅଭିନୟ କରିବାକୁ ପଡ଼ିଥିଲା । ହୁଏତ କହି ପାରିବିନି, ସେଦିନ ମୋର ଅଭିନୟ ଦର୍ଶକମାନଙ୍କ ମନରେ କେତେଦୂର ଆନନ୍ଦ ଦେଇ ପାରିଥିଲା; କିନ୍ତୁ ତା' ପରେ ସେଇ 'ଜନପଥ' ଦେଖିସାରି ବୋଧହୁଏ ଖୁସି ହୋଇ ତରୁଣ ଚିତ୍ରନାଟ୍ୟ ଲେଖକ ବିଜୟ ମିଶ୍ର, ଓଡ଼ିଶାର ସୁନାମଧନ୍ୟ ନିର୍ଦ୍ଦେଶକ ଶରତ ପୂଜାରୀ ଆଉ ତଅପୋଇର ପ୍ରଯୋଜକ 'ରୁନୁ ଅପା' ମୋତେ କଣ୍ଟ୍ରାକ୍ଟ କଲେ 'ତଅପୋଇ'ର ବଡ଼ ବୋହୂ (ଭାନୁମତୀ) ଭୂମିକାରେ ଅଭିନୟ କରିବା ପାଇଁ । ମତେ କିନ୍ତୁ ମନେ ମନେ ଖୁବ୍ ଡର ଲାଗୁଥାଏ । କାରଣ 'ଭାନୁମତୀ' ଚରିତ୍ର ମୋ ପାଇଁ ଥିଲା ଗୋଟାଏ ବିରାଟ ବ୍ୟତିକ୍ରମ । ତା' ଛଡ଼ା ସେ ପୁରୁଣା ଯୁଗର ପରମ୍ପରା, ଚାଲିଚଳନ, କଥାବାର୍ତ୍ତାକୁ ଅଭିନୟ ଛଳରେ ରୂପ ଦେବା କ'ଣ ଏତେ ସହଜ ? ଏମିତି ମନକୁ ମନ ବହୁତ କିଛି ଭାବୁଥାଏ । ସୁଟିଂ ଦିନ ପାଖେଇ ଆସିଲା । ଯେଉଁଦିନ ପ୍ରଥମେ କ୍ୟାମେରା ଆଗରେ ଛିଡ଼ା ହେଲି ଏବଂ ପ୍ରଥମ ସଟ୍‌ରେ ଓ. କେ ବୋଲି ଶୁଣିଲି ସେତେବେଳେ ମନରେ ଯେ କି ଆନନ୍ଦ କ'ଣ ବା କହିବି ? ତଥାପି ମଧ୍ୟ ବେଳେ ବେଳେ କୌଣସି ଏକ ଅଜଣା ଆଶଙ୍କାରେ ମନଟା ଯେପରି ଶିହରି ଉଠୁଥାଏ । ତେବେ ଯାହାହେଉ ମନ ପ୍ରାଣ ଦେଇ ଭଗବାନଙ୍କ ଉପରେ ଭରସା ରଖି 'ଭାନୁମତୀ' ଭୂମିକାରେ ନିଖୁଣ ଅଭିନୟ କରି, କୁନି ନଣନ୍ଦ 'ତଅପୋଇ'କୁ ଖାଇବାକୁ ନ ଦେଇ, ଛେଲି ଡଗେଇ, ଘରୁ ବାହାର କରି ଦେଇ ମୁଁ ତା' ପ୍ରତି ଯେଉଁ ଅନ୍ୟାୟ ତଥା ଅତ୍ୟାଚାର କରିଛି, ହୁଏତ ଆଜି ଯେତେ ଅନୁତାପ କଲେ ସୁଦ୍ଧା ଆଜିର ସମାଜ ମତେ ହୁଏତ କ୍ଷମା ଦେବନି । କ'ଣ କରିବି ? ବିଧିର ବିଧାନ— ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶନା ତ ମାନିବାକୁ ପଡ଼ିବ ।

Digitized by PPRACHIN, SOA

ତେବେ ଯାହାହେଉ ଈଶ୍ୱରଙ୍କ ଆଶୀର୍ବାଦ ବିଜୟ ମିଶ୍ରଙ୍କ ରଚନା ଶୈଳୀ, ଶରତ ପୂଜାରୀଙ୍କ ବଳିଷ୍ଠ ନିର୍ଦ୍ଦେଶନା ଏବଂ ଟେକ୍ନିସିଆନ ରମେଶ ମହାନ୍ତି, ଶଚି ଦାସ, ଶ୍ୟାମଳ ମୁଖାର୍ଜି ପ୍ରଭୃତିଙ୍କ ଶୁଭେଚ୍ଛା ଏବଂ ରୁନୁ ଦିଦିଙ୍କର ମୋ ଉପରେ ଅପାର କରୁଣା ହିଁ ମୋତେ ଏ ଭୂମିକାରେ ଯଥେଷ୍ଟ ସହାୟକ ହୋଇଥିଲା । ପ୍ରକୃତରେ ଆଜିର ଚଳଚିତ୍ର ଜଗତରେ ରୁନୁଦିଦିଙ୍କର କୌଣସି ବ୍ୟବସାୟିକ ମନୋବୃତ୍ତି ନ ଥାଇ ଓଡ଼ିଶାର କଳା ଆଉ ଗୌରବକୁ ବଞ୍ଚାଇବାକୁ ଯାଇ ସେ ଯେଉଁ ବଳିଷ୍ଠ ପଦକ୍ଷେପ ନେଇ ଅତୀତର ସେଇ ଓଡ଼ିଆ ପୁଅର ବିଲୁପ୍ତ ଗୌରବକୁ ରଙ୍ଗଦିଆ ଚଳଚିତ୍ର ମାଧ୍ୟମରେ ପରିବେଷଣ କରିବାକୁ ସମର୍ଥ ହୋଇ ପାରିଛନ୍ତି, ସେଥିପାଇଁ ସମସ୍ତଙ୍କର ଗୌରବ କରିବା କଥା । ଭଗବାନ କରନ୍ତୁ, ତାଙ୍କର ଯାତ୍ରା ପଥରେ ପୁଷ୍ପ ବୃଷ୍ଟି ହେଉ । ଖୁବ୍ ଶୀଘ୍ର ହିନିମାନୀ 'ତଅପୋଇ' ତା'ର ସମସ୍ତ ଦୁଃଖ କ୍ଲେଶ ଭୁଲିଯାଇ ଆପଣଙ୍କ ପାଖରେ ଜଣାଇବ ବୋଲି ଆଶା କରୁ ।

## ପରିଚୟ

ପେଷାଦାର ରଙ୍ଗମଞ୍ଚରେ ଦୀର୍ଘଦିନ ଅଭିନୟ ପରେ ୧୯୭୩ରେ ଘର ସଂସାର ଚିତ୍ରରେ ସାନ ବୋହୂ ଭୂମିକାରେ ଅଭିନୟ କରି ଓଡ଼ିଆ ଚଳଚିତ୍ର କ୍ଷେତ୍ରକୁ ଆସିଲେ । ସୁଅଭିନେତ୍ରୀ ହିସାବରେ ସେ ଓଡ଼ିଶାର ପେଷାଦାର ଓ ସୌଖୀନ ରଙ୍ଗମଞ୍ଚ କ୍ଷେତ୍ରରେ ବେଶ୍ ସୁପରିଚିତା । ସଂପ୍ରତି ରାଜଧାନୀ ଭୁବନେଶ୍ୱରସ୍ଥ ୩ ନମ୍ବର ୟୁନିଟ୍‌ରେ ଅବସ୍ଥାପିତ । 'ତଅପୋଇ' ଚିତ୍ରରେ ବଡ଼ବୋହୂ 'ଭାନୁମତୀ' ଭୂମିକାରେ ଅଭିନୟ କରିଛନ୍ତି । ଭଲ ନାଚିବା ଓ ଗୀତ ଗାଇବା ତାଙ୍କର ଅନ୍ୟତମ ହବି । ଓଡ଼ିଆ ଚଳଚିତ୍ରର ଉନ୍ନତି ହିଁ ତାଙ୍କର ଲକ୍ଷ୍ୟ । ତାଙ୍କ ଅଭିନୀତ ଆଗାମୀ ଚିତ୍ର ହେଲା ଶୀତ ରାତି ଓ ଅନ୍ୟ ଦୁଇଟି ଚିତ୍ର ।

(ତଅପୋଇ ଚିତ୍ରରେ ବଡ଼ ଭାଇ ଭୂମିକାରେ ଅଭିଜିତ୍ କର ଓ ବଡ଼ ଭାଉଜ ଭୂମିକାରେ ସରସ୍ୱତୀ)

Digitized by PPRACHIN, SOA

# 'ତଅପୋଇ'ରେ ମୋର ଭୂମିକା

କୁମାରୀ ନମ୍ରତା ଦାସ

ସ୍କୁଲରେ ପାଠପଢ଼ା ସଙ୍ଗେ ସଙ୍ଗେ ମୋର ଅଭିନୟ ଆରମ୍ଭ । ଛୋଟ ବେଳର କଥା, ସେତେବେଳେ ଅଭିନୟ କାହିଁକି କରିଲି ଆଜି ତ ସେ କଥା ମୋର ମନେ ନାହିଁ—ପ୍ରଥମ ଅଭିନୟ ମୋର ସୀତା ବନବାସରେ ସ୍କୁଲର ବାର୍ଷିକ ଉତ୍ସବରେ । କେବଳ ଆଠମ ଝିଅ ପିଲା କେତେଦୂର ସୀତା ବନବାସରେ ଅଭିନୟ କରିଥିଲି - ତା' କେତେଦୂର ଦର୍ଶକମାନଙ୍କ ମନକୁ ଆସିଲା, ସେ କଥା ମୋତେ ଅଜଣା । ତେବେ ଏତିକି ମୋର ମନେଅଛି, ସୀତାଙ୍କର ଅଯୋଧ୍ୟାରୁ ବିଦାୟ ବେଳର ଦୃଶ୍ୟ ଓ ବଣ ଭିତରୁ ସୀତାଙ୍କୁ ନିର୍ବାସନ ଦେଇ ଲକ୍ଷ୍ମଣଙ୍କର ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଦୃଶ୍ୟରେ, ପ୍ରାୟ ପ୍ରତ୍ୟେକ ଦର୍ଶକ ଲୁଗା କାନିରେ ଆଖି ପୋଛୁଥିବାର ମୁଁ ଲକ୍ଷ୍ୟ କରିଛି । ସେତେବେଳେ ମୋର ବୟସ ମାତ୍ର ଏଗାର ବର୍ଷ । ସେଦିନର ମୋ ଅଭିନୟ ଦେଖି ଦର୍ଶକମାନଙ୍କର ସେ ଆଖି ଲୁହ ପୋଛା, ମୋତେ ଆଜି ଚଳଚ୍ଚିତ୍ରରେ ଅଭିନୟ କରିବାରେ ପ୍ରେରଣା ଦେଇଛି । ସେହିଦିନଠୁ ମୁଁ ଛୋଟ ବଡ ଅନେକ ଡ୍ରାମାରେ ଅଭିନୟ କରିବା ପରେ, ଚଳଚ୍ଚିତ୍ରରେ ପ୍ରଥମ ଅଭିନୟ କରିବାର ସୁଯୋଗ ପାଇଲି ଧରିତ୍ରୀ ଚିତ୍ରରେ—ଧୀର ବାବୁ ପ୍ରଥମ ଅଭିନୟ କରିବାକୁ ସୁଯୋଗ ଦେଇ ମୋତେ ଆଜି ଚଳଚ୍ଚିତ୍ର ଜଗତରେ ପରିଚିତ କରାଇ ଥିବାରୁ ମୁଁ ତାଙ୍କ ପାଖରେ ଚିର ଋଣୀ । ଧରିତ୍ରୀ, କନକଲତା, କୃଷ୍ଣ ସୁଦାମା, ସିନ୍ଦୂର ବିନ୍ଦୁ, ତଅପୋଇ ଓ ପ୍ରିୟତମା ପ୍ରଭୃତିରେ ଅଭିନୟ କରିଛି । କିନ୍ତୁ କେଉଁଥିରେ ମୋର ଅଭିନୟ ଦର୍ଶକମାନଙ୍କର ମନରୁଚିକର ହୋଇଛି । ସେ କଥା କେବଳ ଦର୍ଶକମାନେ ହିଁ କହିବେ ।

Digitized by PPRACHIN, SOA

ଚିତ୍ରଉତ୍ତୋଳନ ସମୟରେ କ୍ୟାମେରା ଆଗରେ ମୁଁ ଅପ୍ରାଣ ଚେଷ୍ଟା କରେ ଯେ ମୋର ଅଭିନୟଟି କିପରି ଜୀବନ୍ତ ହେଉ । ଏକଥା ମୋ ପାଇଁ ଏକୁଟିଆ ନୁହେଁ । ଅଭିନୟ ଜଗତର ପ୍ରତ୍ୟେକ ଅଭିନେତା ଓ ଅଭିନେତ୍ରୀ ( ସେ ଯେତେ ଦକ୍ଷ ଅଭିନେତା ହୁଅନ୍ତୁ ପଛେ ) ଚେଷ୍ଟା କରନ୍ତି । ତାଙ୍କ ଅଭିନୟ ଆହୁରି ସୁନ୍ଦର ହେଉ ! ମୁଁ ବା ସେ ବାଟରୁ ଓହରି ଯିବି କିପରି ? ଆଶା ବୈତରଣୀ ନଦୀ—ସେଇ ଆଶା ନେଇ ମୁଁ ମୋର ଭବିଷ୍ୟତ ଚିତ୍ର ଗୁଡ଼ିକରେ ଅଭିନୟ କରିବି । ପ୍ରାଣ ଦେଇ ମୋର କର୍ତ୍ତବ୍ୟ ମୁଁ ପାଳନ କରିବି । ଫଳାଫଳ କ'ଣ ହେବ ସେ କଥା ସମ୍ପୂର୍ଣ୍ଣ ଦର୍ଶକମାନଙ୍କର ମନ ଭିତରର ଭାଷା ।

ଏବେ ସୁଦ୍ଧା ଛଅଟି ଫିଲ୍ମ ୟୁନିଟରେ କାମ କରି ଆସିଛି । କୌଣସି ୟୁନିଟରେ କେବେହେଲେ କାହାରି ସହିତ ମୋର ଦିନକ ପାଇଁ ଅପ୍ରି-ୟତା ହୋଇନାହିଁ । ସମସ୍ତଙ୍କ ସହିତ ମୁଁ ମିଳିମିଶି ଚଳି ଆସିଛି । ସବୁଠାରୁ ମୋତେ ଭଲ ଲାଗିଛି—ଗୌରୀ ଫିଲ୍ମ ୟୁନିଟଙ୍କର ସହଯୋଗ । କଥାରେ ଅଛି—ମୂଳଦୁଆ ଯଦି ଠିକ୍ ଅଛି ତେବେ ସେ ଘର ନିଶ୍ଚୟ ମଜଭୁତ ହେବ । ସେମିତି ଫିଲ୍ମ ୟୁନିଟର ମୂଳଦୁଆ ହେଲେ ପ୍ରଯୋଜକ । ପ୍ରଯୋଜକ ଯେତେ ଭଲ ହେବ ୟୁନିଟ୍ ସେତେ ଭଲ କାମ କରିବ । ଗୌରୀ ଫିଲ୍ମର ପ୍ରଯୋଜକ ନୂଆ ଓ ନିର୍ଦ୍ଦେଶକ ନୂଆ । ପ୍ରଥମ କାମ ଆରମ୍ଭ କରିଲାବେଳେ ଏ ଦୁଇଟି କାରଣ ଯୋଗୁଁ ମନ ଭିତରେ ନାନା ପ୍ରକାର ସନ୍ଦେହ ତର୍କ ମାଡ଼ୁଥିଲେ ମଧ୍ୟ କାମ କରି ଚାଲିଲୁ । ମନର ସନ୍ଦେହ ମନ-ଭିତରେ ରହିଗଲା । ପ୍ରଯୋଜକ ଓ ନିର୍ଦ୍ଦେଶକଙ୍କ କର୍ତ୍ତବ୍ୟନିଷ୍ଠା ଯୋଗୁଁ କାହାରି ହେଲେ କୌଣସି ପ୍ରକାର ଅସୁବିଧା ଦେଖାଯାଇ ନାହିଁ । ସେମାନଙ୍କ ବ୍ୟବହାର ଆମଙ୍କୁ ନୂଆ ନୂଆ କର୍ମପ୍ରେରଣା ଦେଇ ଆଗକୁ ଆଗେଇ ନେବା ଆମେ ଅନୁଭବ କରିଛୁ । କେବେହେଲେ ଦିନକ ପାଇଁ ଆମ୍ଭେମାନେ ପ୍ରଯୋଜକ ଓ ନିର୍ଦ୍ଦେଶକଙ୍କ ଯୋଗୁଁ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ହୋଇନାହୁଁ ।

ତଅପୋଇରେ ଆମେ ଅକ୍ଳାନ୍ତ ପରିଶ୍ରମ କରିଛୁ । ଯେତେ ପରିଶ୍ରମ କଲେ ବି ମୋତେ ଜଣା ପଡ଼େନା ତା'ର କାରଣ ଏକାଥରେ ଏତେଗୁଡ଼ିଏ ଝିଅଙ୍କ ସାଙ୍ଗରେ ଖେଳ କରିବା ମୋର ଏହି ପ୍ରଥମ । ତା' ଛଡ଼ା ରୁନୁ ଅପା ( ପୁଷ୍ପା ସାମଲ ) ଓ ସୁବୋଧ ବାବୁଙ୍କ ଉତ୍ସାହ ଓ ପ୍ରେରଣା ଆମକୁ ବହୁତ ସାହାଯ୍ୟ କରିଛି । ବାଲେଶ୍ୱରରେ ଦୁଇ ମାସ ରହଣି ମୋତେ ଖରାପ ଲାଗିନି । ଯା'ହେଉ ତଅପୋଇର ସମସ୍ତ କଳାକାର ନିଷ୍ଠାର ସହିତ କାମ କରିଛନ୍ତି; ଏଥର ଦର୍ଶକମାନେ ଯାହା କହିବେ ଆମମାନଙ୍କର ନିଷ୍ଠା ଓ ରୁନୁ ଅପା ସୁବୋଧ ବାବୁ ଓ ଶରତ ପୂଜାରୀଙ୍କର ଅକ୍ଳାନ୍ତ ପରିଶ୍ରମର ଠିକ୍ ଫଳାଫଳ ମିଳିଛି କି ନାହିଁ ଦେଖିବା

ତଅପୋଇ ଚିତ୍ର ଆଜି ମୁକ୍ତିଲାଭ କରିଛି । ଦର୍ଶକ ଚିତ୍ରଟି ଦେଖି ଆନନ୍ଦ ଅନୁଭବ କରିଥିବାର ମୁଁ ଲକ୍ଷ୍ୟ କରିଛି । ଚିତ୍ରଟିର ଏହି ସଫଳତା

(୪୮ ପୃଷ୍ଠା ଶେଷରେ ଦେଖନ୍ତୁ)

Digitized by PPRACHIN, SOA

# ତଅପୋଇ ଚିତ୍ରରେ ସାଧବ
# ସାନ ଭାଇ ଭୂମିକାରେ
# ପ୍ରଶାନ୍ତ ନନ୍ଦ

ଦକ୍ଷ ଅଭିନେତା, ଚିତ୍ର ନାଟ୍ୟକାର, ସଂଳାପ ଲେଖକ ଓ ନିର୍ଦ୍ଦେଶକ ଭାବେ ଶ୍ରୀ ପ୍ରଶାନ୍ତ ନନ୍ଦ ହିଁ ପ୍ରଥମ ଓଡ଼ିଆ, ଯେ କି ଏକାବେଳେକେ ଏ ସବୁ ପ୍ରତିଭାର ଅଧିକାରୀ ହୋଇ ପାରିଛନ୍ତି । ତାଙ୍କର ନିଷ୍ଠାପର ସାଧନା ଫଳରେ

ସେ ଆଜି ହିନ୍ଦି ଚଳଚ୍ଚିତ୍ର ଜଗତରେ ମଧ୍ୟ ଜଣେ ସୁପରିଚିତ ନିର୍ଦ୍ଦେଶକ ହେବାର ସୁଯୋଗ ଲାଭ କରିଛନ୍ତି । ରାଜଶ୍ରୀ ପ୍ରଡକ୍ସନ୍ ଦ୍ୱାରା ନିର୍ମିତ ହିନ୍ଦି ଚିତ୍ର 'ପହେଲି'ର ସେ ନିର୍ଦ୍ଦେଶକ । ଏହାର କାହାଣୀ, ଚିତ୍ରନାଟ୍ୟ ମଧ୍ୟ ସେ ନିଜେ କରିଛନ୍ତି । ୧୯୭୨ ମସିହାରେ ନିର୍ମିତ ଚିତ୍ର ମମତାର ଶ୍ରେଷ୍ଠ ଅଭିନୟ ପାଇଁ ସେ ରାଜ୍ୟ ସରକାରଙ୍କ ଠାରୁ ପୁରସ୍କାର ପ୍ରାପ୍ତ । କେବଳ ସେତିକି ନୁହେଁ, ଶ୍ରେଷ୍ଠ ଓଡ଼ିଆ ଚିତ୍ର ପାଇଁ ଆଞ୍ଚଳିକ ଭାଷାରେ ନିର୍ମିତ ଚିତ୍ର ହିସାବରେ ନିର୍ଦ୍ଦେଶକ ଭାବେ ସର୍ବଭାରତୀୟ ସ୍ତରରେ ପୁରସ୍କୃତ । ନାରୀ ଫାଶ ଚିତ୍ରରେ ସେ ଅଭିନୟ କରିଛନ୍ତି । ତଅପୋଇ ଚିତ୍ରରେ ସାନ ସାଧବ ଭୂମିକାରେ ଅଭିନୟ କରିଛନ୍ତି । ଆଗାମୀ ଦିନ ପାଇଁ ସେ କେତୋଟି ହିନ୍ଦି ଚିତ୍ର ଓ ଓଡ଼ିଆ ଚିତ୍ର ନିର୍ମାଣର ଲକ୍ଷ୍ୟରେ ଅଛନ୍ତି । ସଂପ୍ରତି ଶ୍ରୀ ନନ୍ଦ ରାଜଶ୍ରୀ ପ୍ରଡକସନ୍ ବମ୍ବେରେ ଅନ୍ୟତମ ନିର୍ଦ୍ଦେଶକ ରୂପେ ଅବସ୍ଥାପିତ ।

---

(୪୭ ପୃଷ୍ଠାର ଅବଶିଷ୍ଟାଂଶ)

ପାଇଁ ପ୍ରଯୋଜକ, ନିର୍ଦ୍ଦେଶକ ଓ ସହଯୋଗୀ, ଶିଳ୍ପୀ କଳାକାରମାନଙ୍କର ଏକାଗ୍ରତା ଚିତ୍ରଟି ପଛରେ ନିଶ୍ଚୟ ଥିଲା ବୋଲି ବେଶ୍ ଉପଲବ୍ଧି କରି ହେଉଛି । ମୁଁ ମୋ ଅଭିନୟ ପାଇଁ ଆଜି ସେତିକି ଖୁସି ନୁହେଁ; ତଅପୋଇ ଚିତ୍ରଟିର ସଫଳତା ପାଇଁ ଅଧିକ ଖୁସି । ଚିତ୍ର ଫ୍ଲପ୍ ହେଲେ ନିଜେ ଭଲ ଅଭିନୟ କରିବା ଲାଭ କ'ଣ ? ଶେଷରେ କହି ରଖେ ମୋର ଭୂମିକାଟି ହେଲା ସାଧବ ଘରର ଚତୁର୍ଥ ବୋହୂ । ଓଡ଼ିଶାର ଅଗଣିତ ଚିତ୍ର ଦର୍ଶକମାନେ ତଅପୋଇ ଚିତ୍ରଟିକୁ ଉପଭୋଗ କଲେ ମୋର ଅଭିନୟ ସାର୍ଥକ ହେଲା ବୋଲି ଜାଣିବି । ଆଜି ଏତିକି ।

●

ଠିକଣା—ଚାନ୍ଦିନୀଚୌକ, କଟକ

Digitized by PPRACHIN, SOA

# ତଅପୋଇ ଚିତ୍ରରେ ସାଧବ ସାନ ବୋହୂ ଭୂମିକାରେ ଅନୀତା ଦାସ

କୁମାରୀ ଅନୀତାଙ୍କର ଅଭିନୟ ପ୍ରତି ବଡ଼ ଝୁଙ୍କ । ସ୍କୁଲ ଓ କଲେଜ ଜୀବନରେ ସେ ବହୁ ନାଟକରେ ଅଂଶ ଗ୍ରହଣ କରିଛନ୍ତି । ଯାଯାବର ଚିତ୍ରରେ ପ୍ରଥମେ ଅଭିନୟ ଆରମ୍ଭ କରିଥିଲେ । ପରେ କୃଷ୍ଣ ସୁଦାମା ଚିତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସୁନ୍ଦରରୂପେ ତୁଲାଇ ପ୍ରଶଂସିତା । ମୁକ୍ତି ଚିତ୍ରରେ ସେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରକୁ ରୂପ ଦେଇ ସଫଳ ହୋଇ ପାରିଛନ୍ତି । ନାଗଫାଶ ଚିତ୍ରରେ ତାଙ୍କର ଅଭିନୟ ମଧ୍ୟ ଦର୍ଶକଙ୍କ ଉପରେ ଯଥେଷ୍ଟ ପ୍ରଭାବ ପକାଇଛି । ଅଭିନୟ ଛଡ଼ା ନୃତ୍ୟ କଳା ପ୍ରତି ତାଙ୍କର ଯଥେଷ୍ଟ ଅନୁରାଗ ଅଛି । ଶୈଳବାଳା ମହିଳା କଲେଜରୁ କୃତିତ୍ୱର ସହ ବି. ଏ. ପାସ୍ କଲା ପରେ ଘରେଇ ଭାବେ ଏମ୍. ଏ.

ପାଇଁ ପ୍ରସ୍ତୁତ ହେଉଛନ୍ତି । ତଅପୋଇ ଚିତ୍ରରେ ସାନ ବୋହୂ ଭୂମିକାରେ ସେ ଅବତୀର୍ଣ୍ଣ ହୋଇଛନ୍ତି । ତାଙ୍କ ଅଭିନୀତ ଆଗାମୀ ଚିତ୍ରଗୁଡ଼ିକ ହେଲା ଶଙ୍ଖ ମହୁରି, ପରିବାର ଓ ଆହୁରି ୨/୩ଟି ଚିତ୍ର । ସଂପ୍ରତି ସେ ଯାଜପୁର ରୋଡ଼ରେ ଅବସ୍ଥାନ କରନ୍ତି ।


Visit ! Visit ! Visit !

For best Photographs

**STUDIO NEELKAMAL**

29—WESTERN MARKET, BHUBANESWAR

Phone No—51491


Digitized by PPRACHIN, SOA

## ତଅପୋଇ
## ଚିତ୍ରରେ
## ଅଭିନେତ୍ରୀ ଗ୍ଲୋରିଆ ମହାନ୍ତି

ବହୁଦିନ ନୀରବ ରହିବା ପରେ ଅଭିନେତ୍ରୀ ଗ୍ଲୋରିଆ ମହାନ୍ତି ଓଡ଼ିଆ ଚଳଚିତ୍ର ଜଗତର ପୁନଃଆବିର୍ଭାବ ହୋଇଛନ୍ତି ଗୌରୀ ଫିଲ୍ମସ୍ ନିବେଦିତ 'ତଅପୋଇ'ର ସାଧବାଣୀ ଭୂମିକାରେ । ୧୯୫୦ ମସିହାରେ ନିର୍ମିତ ଶ୍ରୀ ଜଗନ୍ନାଥ ଚିତ୍ରରେ ତାଙ୍କୁ ଆପଣମାନେ ଲଳିତା ଭୂମିକାରେ, ତା'ପରେ ମାତ୍ର ଅନ୍ୟ ଦୁଇଟି ଛବି 'କେଦାର ଗୌରୀ' ଓ 'ମା'ରେ ଅଭିନୟ କରି ନୀରବ ରହିଲେ । ସେ ସମୟରେ ଅଭିନେତ୍ରୀମାନଙ୍କର ଅଭାବ ଥିଲା ଓଡ଼ିଆ ଚିତ୍ର ଖୁବ୍ କମ୍ ମଧ୍ୟ ହେଉଥିଲା । ସମ୍ପ୍ରତି ସେ ଓଡ଼ିଆ ଚଳଚିତ୍ରରେ ଅଭିନୟ କରିବା ପାଇଁ ସ୍ଥିର କରି ତଅପୋଇରେ ଅଂଶ ଗ୍ରହଣ କରିଛନ୍ତି ଓ 'ଶୀତରାତି'ରେ ମଧ୍ୟ ଅଭିନୟ କରିଛନ୍ତି । ଆଗାମୀ ଗୋଟିଏ ଚିତ୍ରରେ ମଧ୍ୟ ଅଭିନୟ ପାଇଁ ଚୁକ୍ତିବଦ୍ଧ । ଏ ତ ଗଲା ଚଳଚିତ୍ର ଅଭିନୟ ଜୀବନ । ଅଭିନେତ୍ରୀ ଜୀବନର ଆରମ୍ଭରୁ ସେ ପ୍ରାୟ ଶତାଧିକ ନାଟକରେ ଅଭିନୟ କରି ବହୁ ଜନ ପ୍ରଶଂସିତା । ଅତୀତରେ ଚଳଚିତ୍ର ଅଭିନୟ କରିବା ପାଇଁ ପ୍ରବଳ ଇଚ୍ଛା ଥିଲେ ହେଁ ସେ ସୁଯୋଗରୁ ସେ ବଞ୍ଚିତା ଥିଲେ । ଆଜି ଓଡ଼ିଆ ଚଳଚିତ୍ରର ବିକାଶ ସଙ୍ଗେ ସଙ୍ଗେ ଅଭିନୟ କରିବା ପାଇଁ ବହୁ ଅଭିନେତ୍ରୀ ଓ ତରୁଣ ଅଭିନେତାମାନେ ଆଗେଇ ଆସିଛନ୍ତି, ସେମାନଙ୍କୁ ଏଇ ଅଭିନେତ୍ରୀ ସବୁବେଳେ ପ୍ରଶଂସା କରି ଆସିଛନ୍ତି । ସମ୍ପ୍ରତି ସେ କଟକର ତୁଳସୀପୁରରେ ଅବସ୍ଥାନ କରୁଛନ୍ତି ।

---


ନବ ବର୍ଷର ଅଭିନନ୍ଦନ—

**ଅନ୍ନପୂର୍ଣ୍ଣା ଏମ୍ପୋରିୟମ**

ANNAPURNA EMPORIUM

ରଥଗଡ଼ା, ପୁରୁଣା ଭୁବନେଶ୍ୱର

ଏଠାରେ ସମସ୍ତ ପ୍ରକାରର ସାଇକଲ ଏବଂ ରିକ୍ସା ପାର୍ଟସ ମିଳେ ।


Digitized by PPRACHIN, SOA

# ତଅପୋଇ ଚିତ୍ରରେ କଳା ନିର୍ଦ୍ଦେଶକ

# ଅସୀମ ବସୁ

ଚିତ୍ରଶିଳ୍ପୀ ଶ୍ରୀ ଅସୀମ ବସୁ । ଓଡ଼ିଶାର ଜଣେ ପ୍ରତିଷ୍ଠିତ ଶିଳ୍ପୀ ଭାବେ ସୁପରିଚିତ । କଳା ତାଙ୍କର ବ୍ୟବସାୟ ସତ; ମାତ୍ର ସେଥିରେ ତାଙ୍କର ଶୈଳ୍ପିକ ଭାବପ୍ରବଣତା ଏବଂ ସୃଜନଶୀଳତା ତୁଳନାରେ ବ୍ୟବସାୟିକ ପଟ୍ଟଭୂମି କିଛି ନୁହେଁ । ଅଧିକନ୍ତୁ ତାଙ୍କର ଏହି ଗୌରବ ସର୍ବଜନ ବିଦିତ ।

ନାଟକ ପ୍ରତି ତାଙ୍କର ପ୍ରବଳ ଆଗ୍ରହ । କିଛି ବର୍ଷ ପୂର୍ବେ ରାଜଧାନୀରେ ରୂପକାର ନାଟ୍ୟସଂସ୍ଥା ଗଢ଼ିଥିଲେ, ସେଥିରେ ଅଭିନେତା ଭାବେ ଅଭିନୟ କରିବା ସଙ୍ଗେ ସଙ୍ଗେ ନିଜକୁ ନାଟ୍ୟ କଳାପ୍ରେମୀ ବୋଲି ପରିଚିତ କଲେ । ପରବର୍ତ୍ତୀ ସମୟରେ ନିଜେ ନାଟକମାନଙ୍କରେ ନିର୍ଦ୍ଦେଶନା ଓ ମଞ୍ଚସଜ୍ଜାର ଦାୟିତ୍ୱ ବହନ କରିଛନ୍ତି । ସେଇସବୁ ନାଟକ ଗୁଡ଼ିକ ହେଲା କପେ କଫି, ଡାଉନ୍ ଟ୍ରେନ୍, ମୁଠାଏ ମାଟି, ସୁନା ପଞ୍ଜୁରି, ଯାଦୁକର ପ୍ରଭୃତି । ପରୀକ୍ଷା ନିରୀକ୍ଷା ମଧ୍ୟରେ ପୌରାଣିକ ଓ ଆଧୁନିକ ନାଟକର ଅପୂର୍ବ ମଞ୍ଚକଳା ସୃଷ୍ଟି କରିବାରେ ସେ ଅବ୍ୟର୍ଥ ପ୍ରୟାସୀ । ଉଚ୍ଚକୋଟୀର ନାଟକମାନଙ୍କରେ ଆକର୍ଷଣୀୟ ମଞ୍ଚମାୟା ତାଙ୍କର ଗୌରବ । ପୌରାଣିକ ଓ ଆଧୁନିକ ଘୂର୍ଣ୍ଣାୟମାନ ମଞ୍ଚରେ ତାଙ୍କର କୃତିତ୍ୱ ବହୁ ଗୁଣରେ ଆଦୃତ ।

ରଙ୍ଗମଞ୍ଚ ବ୍ୟତୀତ, ଚଳଚିତ୍ର ଜଗତକୁ ପ୍ରବେଶ କରି ସେ ମନ ଆକାଶ, ମୁକ୍ତା, ଯାଯାବର ପ୍ରଭୃତି ଚିତ୍ରରେ କଳା ନିର୍ଦ୍ଦେଶନା ଦେଇଛନ୍ତି । 'ତଅପୋଇ' ଚିତ୍ରରେ ତତ୍କାଳୀନ ସମୟ ସହ ଖାପ ଖୁଆଇ ପ୍ରତ୍ୟେକଟି ଦୃଶ୍ୟରେ ଆବଶ୍ୟକୀୟ ସରଞ୍ଜାମ ଓ ବୋଇତ ଇତ୍ୟାଦିକୁ ପୁରାତନ ଶୈଳୀରେ ସଜାଇଛନ୍ତି । ଏଥିପାଇଁ ତାଙ୍କୁ ମିଉଜିୟମରୁ ପଟଚିତ୍ର ଗୁଡ଼ିକୁ ଲକ୍ଷ୍ୟ କରି ଅନୁରୂପ ଦୃଶ୍ୟସଜ୍ଜା ତଅପୋଇ ଚିତ୍ରରେ କରିବାକୁ ଯାଇଛନ୍ତି ।

ଓଡ଼ିଶା ବାହାରେ ତାଙ୍କର କଳା କୃତୁରୀ ପାଇଁ ବେଶ୍ ପ୍ରଶଂସିତ । ଦିଲ୍ଲୀରେ ରାଜ୍ୟ ସରକାରଙ୍କ ତରଫରୁ ବିଭିନ୍ନ ପ୍ରଦର୍ଶନୀରେ ଓଡ଼ିଆ ମଞ୍ଚକୁ ସଜାଇଥାନ୍ତି । ସମ୍ପ୍ରତି ଭୁବନେଶ୍ୱରସ୍ଥ "ଚିତ୍ରମ୍" କଳା ସ୍କୁଲର ପ୍ରତିଷ୍ଠାତା ଓ ଭୁବନେଶ୍ୱରରେ ଅବସ୍ଥାନ କରନ୍ତି । ଜନ୍ମସ୍ଥାନ ବାଲେଶ୍ୱର ସହରରେ ।

Digitized by PPRACHIN, SOA

# ଡଅପୋଇ

## ନୀଳମଣି ମିଶ୍ର

ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ଭୁବନେଶ୍ୱର

ଓଡ଼ିଶାର ବାର୍‌ବ୍ରତ, ଓଷା ପାର୍ବଣ ମଧ୍ୟରେ 'ଡଅପୋଇ'ର ସ୍ଥାନ ସ୍ୱତନ୍ତ୍ର । କାରଣ ଆମ ସମାଜରେ ପ୍ରଚଳିତ ପର୍ବ ପର୍ବାଣୀ ଗୁଡ଼ିକୁ ସାଧାରଣତଃ ପୌରାଣିକ, ସ୍ମୃତି ଶାସ୍ତ୍ର ମୂଳକ, ଐତିହାସିକ ଓ ସାମାଜିକ ଭେଦରେ ଚାରି ଭାଗ କରାଯାଏ ।

ପୁରାଣ ବର୍ଣ୍ଣିତ ମହତ୍ତ୍ୱପୂର୍ଣ୍ଣ ଘଟଣାର ଅବଲମ୍ବନରେ ଯେଉଁ ବ୍ରତ ଗୁଡ଼ିକ ହିନ୍ଦୁ ସମାଜରେ ପାଳିତ ହୁଏ, ତାହା ସର୍ବଭାରତୀୟ ହିନ୍ଦୁ ଜନତା ଦ୍ୱାରା ସ୍ୱୀକୃତି ଲାଭ କରିଥାଏ । ଆଞ୍ଚଳିକ ରୀତି ନୀତିର କେତେକ ପରିବର୍ତ୍ତନ ସହିତ ଭାରତର ସବୁ ରାଜ୍ୟରେ ହିନ୍ଦୁ ଜନତା ଦ୍ୱାରା ସେଗୁଡ଼ିକ ପାଳିତ ହୋଇଥାଏ ।

ପୁରାଣ ତଥା ଉପ ପୁରାଣରେ ବର୍ଣ୍ଣିତ ଅଥଚ ଆଞ୍ଚଳିକ ଧର୍ମ ଶାସ୍ତ୍ର ଦ୍ୱାରା ସମର୍ଥିତ ବାର ବ୍ରତ ଗୁଡ଼ିକ ଗୋଟିଏ ଗୋଟିଏ ଅଞ୍ଚଳରେ କେତେକ ବୈଶିଷ୍ଟ୍ୟ ନେଇ ପାଳିତ ହୁଏ । ସେଗୁଡ଼ିକ ସର୍ବଭାରତୀୟ ପର୍ବ ହୋଇଥିଲେ ହେଁ ତା'ର ଆଞ୍ଚଳିକ ବୈଶିଷ୍ଟ୍ୟ ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯାଏ ।

ଐତିହାସିକ ପର୍ବ କହିଲେ, ଯାହା ଇତିହାସର କୌଣସି ପରମ୍ପରା ଉପରେ ପର୍ଯ୍ୟବସିତ କିମ୍ବା ସେ ପର୍ବ ପାଳନ ମୂଳରେ କୌଣସି ଐତିହାସିକ ଘଟଣା ଜଡ଼ିତ । ଏ ପ୍ରକାର ଐତିହାସିକ ପର୍ବ ଓ ସାମାଜିକ ପର୍ବ ମଧ୍ୟରେ ସାମାନ୍ୟ ଭେଦ ପରିଲକ୍ଷିତ ହୁଏ ।

ଭାରତ ଇତିହାସରେ ଓଡ଼ିଶା, ନୌବାଣିଜ୍ୟ ପାଇଁ ପ୍ରଖ୍ୟାତି ଅର୍ଜନ କରିଥିବାର ପ୍ରମାଣ ମିଳେ ଏବଂ ଏହି ନୌବାଣିଜ୍ୟର ଅଭିବୃଦ୍ଧି ଓଡ଼ିଶାରେ ଗଙ୍ଗ ରାଜତ୍ୱ ପର୍ଯ୍ୟନ୍ତ ଅକ୍ଷୁଣ୍ଣ ରହିଥିଲା । ଗଙ୍ଗ ରାଜାମାନେ ସ୍ଥଳ ଭାଗରେ ସାମ୍ରାଜ୍ୟର ଅଭିବୃଦ୍ଧି ଉପରେ ଗୁରୁତ୍ୱ ଆରୋପଣ କରିବାରୁ ନୌବାଣିଜ୍ୟ ପ୍ରତି ଦୃଷ୍ଟି ଦେଲେନାହିଁ । ତା' ଫଳରେ ଉତ୍କଳୀୟ ନୌବାଣିଜ୍ୟର ଅଧୋଗତି ଘଟିଲା । ତତ୍‌ପୂର୍ବରୁ ଶୈଳୋଦ୍‌ଭବ ଓ ଭୌମକର ରାଜ ମାନଙ୍କ ସମୟରେ ଓଡ଼ିଶାର ବାଣିଜ୍ୟ ପୋତ ସୁଦୂର ଦେଶମାନଙ୍କୁ ବିଶେଷତଃ ଦକ୍ଷିଣ ପୂର୍ବ ଏସିଆର ଅନୁନ୍ନତ ଅଞ୍ଚଳକୁ ବରାବର ଯାଉଥିଲା ଏବଂ ଓଡ଼ିଶାର ବଣିକମାନେ ବାଣିଜ୍ୟ ପୋତ ସାହାଯ୍ୟରେ ଏ ଦେଶର ବହୁ ଜିନିଷ ରପ୍ତାନି କରିବା ସଙ୍ଗେ ସଙ୍ଗେ କଳିଙ୍ଗ ଦେଶର ଉତ୍କୃଷ୍ଟ ହସ୍ତୀମାନଙ୍କୁ ବାହାରକୁ ପଠାଉଥିଲେ । ଏଥିଲାଗି ଓଡ଼ିଶାର ସୁଦୀର୍ଘ ଉପକୂଳ ଏବଂ ପଶ୍ଚିମାଞ୍ଚଳରୁ ବହି ଆସିଥିବା ବିଶାଳ ନଦୀ ଗୁଡ଼ିକ ବହୁ ପରିମାଣରେ ସାହାଯ୍ୟ କରିଥିଲା । କେବଳ ବ୍ୟାପାରିକ ସମ୍ପର୍କ ନୁହେଁ, ଦେଶ ଦେଶ ମଧ୍ୟରେ ସାଂସ୍କୃତିକ

Digitized by PPRACHIN, SOA

ସମ୍ବନ୍ଧ ମଧ୍ୟ ଏହି ବାଣିଜ୍ୟ କାରବାର ମାଧ୍ୟମରେ ହୋଇ ପାରୁଥିଲା । ପ୍ରମାଣ ମିଳେ, ଭୌମକର ବଂଶର ରଜା ଶୁଭଙ୍କର ଦେବ ଓଡ଼ିଶାର ପୁଷ୍ପଗିରି ନାମକ ବିଶ୍ୱ ବିଦ୍ୟାଳୟ (କଟକ ଜିଲ୍ଲାର ରତ୍ନଗିରି) ସ୍ନାତକ ବିଶ୍ୱ-ବିଦ୍ୟାଳୟର ସ୍ନାତକ ପ୍ରଜ୍ଞାଙ୍କ ହସ୍ତରେ "ଗଣ୍ଡବ୍ୟୂହ ନାମକ ବୌଦ୍ଧ ଧର୍ମ ସମ୍ବନ୍ଧୀୟ ଯୋଗ ସୂତ୍ର" ଚୀନ୍ ସମ୍ରାଟଙ୍କ ନିକଟକୁ ପଠାଇଥିଲେ । ଏହା ହିଁ ହେଉଛି ଆମ ନୌବାଣିଜ୍ୟର ଇତି କଥା ।

କର୍ପୂର ଉଡ଼ିଯାଇ କନା ରହିଛି । ଓଡ଼ିଶାର ନୌବାଣିଜ୍ୟ ଲୋପ ପାଇ କେବଳ କିମ୍ବଦନ୍ତୀ ରହିଛି । ଅତୀତର ସେହି ବାଣିଜ୍ୟ କାରବାରର ସ୍ମାରକୀ ସ୍ୱରୂପ କେତୋଟି ବ୍ରତ ଆମ ସମାଜରେ ପ୍ରଚଳିତ ହେଉଛି । ତନ୍ମଧ୍ୟରେ ତଅପୋଇ ଅନ୍ୟତମ ।

ତଅପୋଇ, ଖୁଦୁରୁକୁଣୀ ଓ ଭେଦେଇ ନାମରେ ମଧ୍ୟ କଥିତ ହୁଏ । ଭାଦ୍ରବ ମାସର ପ୍ରତି ରବିବାରରେ ଏହି ଓଷା ପାଳିତ ହୁଏ । ତେଣୁ ଏହା ଭେଦେଇ ନାମରେ କଥିତ । ଖୁଦ ମଲୁଖ ଏଥିରେ ପୂଜା ହେଉଥିବାରୁ ଏହି ଓଷାର ଅଧିଷ୍ଠାତ୍ରୀ ଦେବୀ ମଙ୍ଗଳାଙ୍କୁ 'ଖୁଦ ରୁଙ୍କୁଣୀ' କୁହାଯାଉଥିବ ଏବଂ ସେହି 'ଖୁଦ ରୁଙ୍କୁଣୀ' ଶବ୍ଦରୁ 'ଖୁଦୁରୁକୁଣୀ' ହୋଇଥିବା ଅସମ୍ଭବ ନୁହେଁ । ତଅପୋଇ ନାମ୍ନୀ ତନୟବନ୍ତ ସାଧବର ଅଲିଅଳ ଜେମା ମଙ୍ଗଳାଙ୍କୁ ପୂଜି ଫଳ ପାଇ ଥିବାରୁ, ଏହି ଓଷାର ନାମ ତଅପୋଇ ବୋଲି କଥିତ ହୁଏ ।

କବି ଗୋପୀନାଥ ଦାସଙ୍କ ରଚିତ 'ତଅପୋଇ' ନାମକ ପୁସ୍ତକରୁ ଜଣାଯାଏ, ଶ୍ରୀକୃଷ୍ଣଙ୍କ ଅଷ୍ଟପାଟ ମହିଷୀମାନେ ଏ ଓଷାର ବୈଶିଷ୍ଟ୍ୟ ସମ୍ବନ୍ଧରେ ଦେବକୀଙ୍କୁ ଜିଜ୍ଞାସା କରନ୍ତେ, ବୋହୂମାନଙ୍କ ସନ୍ଦେହ ମୋଚନ କରି ଶାଶୁ ନିମ୍ନଲିଖିତ ମତେ ତଅପୋଇ ଓଷାର ବିଧାନ ଓ ମାହାତ୍ମ୍ୟ ବର୍ଣ୍ଣନା କରିଥିଲେ । ପୂର୍ବ ସମୁଦ୍ର ତଟବର୍ତ୍ତୀ ଏକ ରାଜ୍ୟରେ (ଖୁବ୍ ସମ୍ଭବତଃ କଳିଙ୍ଗ) ବୃଦ୍ଧଧ୍ୱଜ ନାମକ ଏକ ରାଜା ରାଜତ୍ୱ କରୁଥିଲେ । ସେହି ରାଜାଙ୍କ ରାଜ୍ୟରେ ତନୟବନ୍ତ ରାୟ ନାମକ ସାଧବର ସାତ ପୁଅ ଓ ତଅପୋଇ ନାମକ ଏକ ଝିଅ ଥିଲା । ଦିନକରେ ସାଧବର ଅଲିଅଳ ଝିଅ ତଅପୋଇ ବାଉଁଶ କୁଲେଇ ନେଇ ଧୂଳିଘର ଖେଳ ଖେଳୁଥିଲା । ଏହି ସମୟରେ ଗୋଟିଏ ବିଧବା ବ୍ରାହ୍ମଣୀ ଆସି ଝିଅକୁ ସୁବର୍ଣ୍ଣ କୁଲେଇ, ସୁବର୍ଣ୍ଣର ଚାନ୍ଦ ଗଢ଼ାଇ ଦେବାଲାଗି ଉପଦେଶ ଦେଲା । ଝିଅ ଜିଦ୍ ଧରି ସୁନା କୁଲେଇ, ସୁନା ଚାନ୍ଦ ଗଢ଼ାଇବା ମଧ୍ୟରେ ମା' ବାପା ଦୁହେଁଯାକ ଇହଧାମ ତ୍ୟାଗ କରି ଚାଲିଗଲେ । ସମୟ କ୍ରମେ ସାତ ଭାଇ ବାଣିଜ୍ୟ ପୋତ ନେଇ ବିଦେଶ ବାହାରି ଗଲେ ଏବଂ ଭଉଣୀର ଯତ୍ନ ନେବାଲାଗି ନିଜ ନିଜ ସ୍ତ୍ରୀମାନଙ୍କୁ ତାଗିଦ୍ କରି କହିଗଲେ ।

ପୁଣି ଘଟଣାକ୍ରମେ ସେହି ବିଧବା ବ୍ରାହ୍ମଣୀ ଆସି ଭାଉଜମାନଙ୍କ କାନରେ ତଅପୋଇ ବିରୁଦ୍ଧରେ କେତେ କଥା କହିଗଲା । ସେହିଦିନ ଠାରୁ ତଅପୋଇ ପ୍ରତି ଭାଉଜମାନେ ଅବହେଳା ଦେଖାଇଲେ । ଶେଷକୁ ଛେଳି ଜଗାଇବା କାର୍ଯ୍ୟରେ ତଅପୋଇକୁ ନିଯୁକ୍ତ କଲେ । ବଡ଼ ଛଅ ଭାଉଜଯାକ

Digitized by PPRACHIN, SOA

ତଅପୋଇ ବିରୁଦ୍ଧରେ ଷଡଯନ୍ତ୍ର କଲେ; କିନ୍ତୁ ସବୁଠାରୁ ସାନ ଭାଉଜ ତଅପୋଇ ପ୍ରତି ମନରେ ଦୟା ରଖିଥିଲେ ହେଁ ବଡ଼ ଯା'ମାନଙ୍କ ଡରରେ ଭରଟି କରି କିଛି କରି ପାରୁ ନ ଥିଲେ ।

ଦିନକରେ ବଡ଼ ଭାଉଜଙ୍କ ଛେଳି କେଉଁଆଡ଼େ ହଜିଗଲା । ତଅପୋଇ ବହୁତ ଖୋଜାଖୋଜି କରିବା ସତ୍ତ୍ୱେ ଛେଳିର ଠାବ ପାଇଲା ନାହିଁ । ସେହି ଅପରାଧରେ ବଡ଼ ବୋହୂ ତଅପୋଇକୁ ଘରୁ ବାହାର କରିଦେଲେ ଏବଂ ବିଚାରୀ ତଅପୋଇ, ଜଙ୍ଗଲରେ ବୁଲି ବୁଲି ଶେଷରେ ମେଘ ଅନ୍ଧାର ରାତିରେ ଖୁଦୁରୁକୁଣୀ ମଙ୍ଗଳାଙ୍କୁ ପୂଜୁଥିବା ଝିଅମାନଙ୍କ ମେଳରେ ପହଞ୍ଚିଲା । ଝିଅମାନେ ତଅପୋଇକୁ ଆଦର କରି ଓଷାର ବିଧି ବିଧାନ ଜଣାଇ ଦେଲେ । ନ ଖାଇ ନ ପିଇ ଉପାସରେ ଥିବା ତଅପୋଇ ଭକ୍ତିର ସହିତ ମଙ୍ଗଳାଙ୍କୁ ସ୍ମରଣ କରି ନିଜ ଭାଇମାନଙ୍କର ଶୁଭାଗମନ ଲାଗି ମନାସି କଲା ।

ଭୋକ ଉପାସରେ ସର୍ବ ବନ ମଧ୍ୟରେ କାନ୍ଦି କାନ୍ଦି ବୁଲୁଥିବା ତଅପୋଇର କ୍ରନ୍ଦନଧ୍ୱନି ସମୁଦ୍ର କୂଳକୁ ଶୁଭୁଥିଲା । ସୌଭାଗ୍ୟ କ୍ରମେ ସେହିଦିନ ତଅପୋଇର ସାତ ଭାଇ ଦଶ ବର୍ଷ ପରେ ବଣିଜ କରି ଘରକୁ ଫେରି ଆସିଥିଲେ । ସେମାନେ ତଅପୋଇର କାନ୍ଦଣା ଶୁଣି ତାକୁ ପାଖକୁ ଘେନି ଆସିଲେ; କିନ୍ତୁ ଦଶ ବର୍ଷ କାଳ ନାନା ପ୍ରକାର ହଇରାଣ ତଥା ଭୋକ ଉପାସରେ କାଳ କାଟୁଥିବା ତଅପୋଇକୁ ଦେଖି ଚିହ୍ନିପାରି ନ ଥିଲେ । ତଅପୋଇ ମଧ୍ୟ ଦୀର୍ଘ ଦଶ ବର୍ଷ ପରେ ନିଜ ଭାଇମାନଙ୍କୁ ଚିହ୍ନି ପାରିଲା ନାହିଁ । କେବଳ ନିଜର ଦୁଃଖ କାହାଣୀ ବଖାଣିବା ଛଳରେ ସେ ସ୍ୱ-ପରିଚୟ, ପିତାମାତା ତଥା ତା' ଭାଗ୍ୟରେ ଘଟିଥିବା ସମସ୍ତ ଘଟଣା ବଖାଣିଗଲା । ଦୀର୍ଘ ବିଚ୍ଛେଦ ପରେ ଭାଇ ଭଉଣୀଙ୍କର ମିଳନ ହେଲା । ଭାଇମାନଙ୍କ ଆଦେଶ କ୍ରମେ ତଅପୋଇ ବୋଇତରେ ବସି, ବୋଇତ ବନ୍ଦାଇବାକୁ ଆସିଥିବା ସାତ ଭାଉଜଙ୍କ ମଧ୍ୟରୁ ପ୍ରଥମ ଛଅ ଭାଉଜଙ୍କର ନାକ କାଟିଦେଲା; କିନ୍ତୁ ପରିଶେଷରେ ସାନ ଭାଉଜ ନୀଳେନ୍ଦ୍ରୀଙ୍କୁ ଦେଖିବା ମାତ୍ରେ ତଅପୋଇ ବେକରୁ ରତ୍ନହାର କାଢ଼ି ତା' ବେକରେ ଲମ୍ବାଇ ଦେଲା ଏବଂ ସେ ମଧ୍ୟ ତଅପୋଇକୁ କୋଳରେ ଧରି ଅତୀତର ସ୍ମୃତି ଗୁଡ଼ିକୁ ମନେ ପକାଇ ଆଖିରୁ ଲୁହଧାର ଗଡ଼ାଇଲା । ଅନ୍ୟ ସାତ ଯାଆ ଲଜ୍ଜା ଅପମାନରେ ଘରୁ ପଳାଇଯାଇ ବାଘ ହାବୁଡ଼େ ପଡ଼ି ପ୍ରାଣ ଦେଲେ ଏବଂ ତଅପୋଇର ଛଅ ଭାଇ ଘରକୁ ଫେରି ନୂତନ ବିବାହ କରି ଆନନ୍ଦରେ ରହିଲେ ।

କେତେଦିନ ବିତିଗଲା । ସେହି ଗ୍ରାମର ଗୋଟିଏ ଉତ୍ତମ ପାତ୍ର ଦେଖି ଭାଇମାନେ ତଅପୋଇର ବିବାହ ବହୁ ଆଡ଼ମ୍ବର ସହକାରେ କରାଇଲେ । ବିବାହ ଶେଷରେ ତଅପୋଇ ମଙ୍ଗଳାଙ୍କୁ ସ୍ମରଣ କରି ନିଜ ନୂତନ ସଂସାରରେ ପ୍ରବେଶ କଲା ।

ଦେବକୀଙ୍କ ଠାରୁ ଶ୍ରୀକୃଷ୍ଣଙ୍କର ପତ୍ନୀମାନେ ଏହି କଥା ଶୁଣି ମଙ୍ଗଳାଙ୍କ ନାମ ସ୍ମରଣ କରି ଭାଦ୍ରବ ମାସରେ ପାଞ୍ଚ ପାଳି ତଅପୋଇ ବ୍ରତ କଲେ ।

Digitized by PPRACHIN, SOA

ବ୍ରତ କଥାର ଲେଖକ ଗୋପୀନାଥ ଦାସଙ୍କ ଭାଷା ବର୍ଣ୍ଣନାଶୈଳୀ ଆଦିରୁ ଜଣାଯାଏ ଯେ, ଏ ରଚନା ଅଷ୍ଟାଦଶ ଶତାବ୍ଦୀର ପୂର୍ବରୁ ନୁହେଁ । ଯେ କୌଣସି ବ୍ରତ କିମ୍ବା ପର୍ବ ପର୍ବଣୀ ପ୍ରଥମେ ସମାଜରେ ଆଦୃତ ହୁଏ ଏବଂ ସେ ଓଷା ବା ବ୍ରତର ବ୍ୟାପକତା ଅନୁସାରେ ତତ୍ ସମ୍ବନ୍ଧରେ ଏକ ଆଖ୍ୟାୟିକା ସୃଷ୍ଟି କରଯାଏ । ସର୍ବଭାରତୀୟ ପର୍ବଗୁଡ଼ିକର ମାହାତ୍ମ୍ୟ ଅଷ୍ଟାଦଶ ପୁରାଣ ପ୍ରଭୃତିରୁ ମିଳେ ।

ପରବର୍ତ୍ତୀ କାଳରେ ସେଗୁଡ଼ିକର ଗଦ୍ୟ ଓ ପଦ୍ୟାନୁବାଦ କରଯାଇ ଓଡ଼ିଶାରେ ପ୍ରଚଳିତ ହୋଇଛି; କିନ୍ତୁ ଆଞ୍ଚଳିକ ବ୍ରତ କିମ୍ବା ଐତିହାସିକ ତଥା ସାମାଜିକ ଭିତ୍ତିଭୂମି ଉପରେ ଯେଉଁ ଓଷା ଗୁଡ଼ିକର ସ୍ଥିତି ବିଦ୍ୟମାନ, ସେଗୁଡ଼ିକ ବିଷୟରେ କୌଣସି ପୌରାଣିକ କିମ୍ବଦନ୍ତୀ କିମ୍ବା ସ୍ମୃତି ବଚନିକା ମିଳେନାହିଁ । ଗ୍ରାମେ ଗ୍ରାମେ ମଙ୍ଗଳା ଠାକୁରାଣୀଙ୍କର ମାହାତ୍ମ୍ୟ ବିଶେଷତଃ କାକଟପୁରର ପ୍ରତିଷ୍ଠିତ ମଙ୍ଗଳା ବିଗ୍ରହଙ୍କର ମାହାତ୍ମ୍ୟ ସମଗ୍ର ଓଡ଼ିଶାରେ ପ୍ରଚାର କରିବା ଉଦ୍ଦେଶ୍ୟରେ ଏ ବ୍ରତ ସୃଷ୍ଟି ହୋଇଥିବା ଅସମ୍ଭବ ନୁହେଁ ।

ଆଲୋଚନାରୁ ଜଣାଯାଏ କାକଟପୁର ମଙ୍ଗଳା ଖୁବ୍ ପ୍ରାଚୀନ ବିଗ୍ରହ ନୁହନ୍ତି । ମଧ୍ୟଯୁଗୀୟ କୌଣସି ଏକ ସମୁଦ୍ର ଯାତ୍ରୀ ବଣିକଙ୍କ ଦ୍ୱାରା ଏହି ମୂର୍ତ୍ତି ପ୍ରତିଷ୍ଠିତ ହୋଇଛି ଏବଂ ଏହାର ଅବସ୍ଥିତି ସମୁଦ୍ରଠାରୁ ଅନତି ଦୂରରେ ହୋଇଥିବାରୁ ତଅପୋଇ ଓଷାର ଉତ୍ପତ୍ତି ଏହି ଅଞ୍ଚଳରୁ ଆରମ୍ଭ ହୋଇଥିବା ଅସମ୍ଭବ ନୁହେଁ । ତଅପୋଇ ଓଷାର ପ୍ରଧାନ ଉପାସ୍ୟ ମଙ୍ଗଳା ଏବଂ କାକଟପୁରର ମଙ୍ଗଳା ଓଡ଼ିଶାରେ ସୁପରିଚିତ ବିଗ୍ରହ । ଧବଳେଶ୍ୱରଙ୍କ ନାମରୁ ଧବଳେଶ୍ୱର ଓଷା, ଆଖଣ୍ଡଳ ମଣିଙ୍କ ନାମରୁ ପଞ୍ଚାନନ ମେଳା ପ୍ରଭୃତିର ସୃଷ୍ଟି ହେଲା ପରି ସମୁଦ୍ର କୂଳରେ ଅବସ୍ଥିତ ମଙ୍ଗଳାଙ୍କୁ ଆହୁରି ଲୋକପ୍ରିୟ କରିବା ଉଦ୍ଦେଶ୍ୟରେ ତଅପୋଇ କାହାଣୀଟିକୁ ମଙ୍ଗଳାଙ୍କ ସହିତ ଯୋଡ଼ି ଦେଇ ସେ ଅଞ୍ଚଳର ସମାଜପତିମାନେ ଗୋଟିଏ ନୂତନ ଓଷାର ସୃଷ୍ଟି କରଇଛନ୍ତି ବୋଲି କହିଲେ, ଯୁକ୍ତି ଅସମୀଚୀନ ହେବ ନାହିଁ ।

ଯାହାହେଉ ତଅପୋଇ ଓଷା ଆଜି ପ୍ରାୟ ଉତ୍କଳର ସର୍ବତ୍ର ପରିଚିତ । କେବଳ ଉପକୂଳବର୍ତ୍ତୀ ଅଞ୍ଚଳରେ ନୁହେଁ, ମଧ୍ୟ ଓଡ଼ିଶା ଓ ପଶ୍ଚିମ ଓଡ଼ିଶାରେ ମଧ୍ୟ ଏ ଓଷା ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହୁଏ । ଭାଦ୍ରବ ମାସର ଶେଷ ପାଳିରେ ତଅପୋଇ ମେଳଣ, ଓଡ଼ିଶାର କେତେକ ସ୍ଥାନରେ ହେଉଥିବାର ଦେଖାଯାଏ ।

କଟକ ଜିଲ୍ଲାର ବଡ଼ମ୍ବା ଅଞ୍ଚଳର କବି ରାମଚନ୍ଦ୍ର ପଟ୍ଟନାୟକ ଏହି ତଅପୋଇ ଓଷାକୁ କେନ୍ଦ୍ର କରି 'ଦ୍ୱାରାବତୀ' ନାମକ ଖଣ୍ଡିଏ ସୁନ୍ଦର କାବ୍ୟ ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ରଚନା କରିଛନ୍ତି । ତେଣୁ ତଅପୋଇ ଓଷାର ପୌରାଣିକ ତଥା ଧର୍ମ ଶାସ୍ତ୍ରଗତ ମୂଲ୍ୟବୋଧ ନ ଥିଲେ ହେଁ ସାମାଜିକ ତଥା ଐତିହାସିକ ମୂଲ୍ୟାୟନ ଯଥେଷ୍ଟ ରହିଛି । ଏହି ପରିପ୍ରେକ୍ଷୀରେ ବିଚାର କଲେ ଉକ୍ତ ତଅପୋଇ କାହାଣୀ ଆମ ଅତୀତ ଗୌରବର ଏକ ଜୀବନ୍ତ ସ୍ମାରକୀ ।

Digitized by PPRACHIN, SOA

# ଅତୀତ ଉତ୍କଳର ଐତିହାସିକ ବୋଇତ ଯାତ୍ରାର ପୁନରୁଦ୍ଧାର ପାଇଁ ବିଶ୍ୱ ବିଖ୍ୟାତ ସନ୍ତରଣକାରୀ ଶ୍ରୀ ମିହିର ସେନଙ୍କ ସୂଚନା

ଓଡ଼ିଆ ସାଧବ ପୁଅର ନୌବାଣିଜ୍ୟ ଓ ଅତୀତ ଉତ୍କଳର ସେଇ ସ୍ମୃତିର ସୁରକ୍ଷା ପାଇଁ ୧୫ ଲକ୍ଷ ଟଙ୍କା ବ୍ୟୟରେ ସୁଦକ୍ଷ କାରିଗରଙ୍କ ଦ୍ୱାରା ନିର୍ମିତ ଏକ ବୋଇତ ଆସନ୍ତା କାର୍ତ୍ତିକ ପୂର୍ଣ୍ଣିମାରେ ପାଲୁରଠାରୁ ବାଲି ଦ୍ୱୀପକୁ ଦୁଃସାହସିକ ବୋଇତ ଯାତ୍ରା ଆରମ୍ଭ କରିବ । ଏହା ବାସ୍ତବିକ ପ୍ରତ୍ୟେକ ଉତ୍କଳୀୟଙ୍କ ପକ୍ଷରେ ଏକ ଆନନ୍ଦର ବିଷୟ ।

ବିଶ୍ୱ ବିଖ୍ୟାତ ସନ୍ତରଣକାରୀ ଶ୍ରୀ ମିହିର ସେନ୍ ଗତ ୧୧।୧।୭୮ ତାରିଖ ଦିନ ଭୁବନେଶ୍ୱରଠାରେ ଏକ ମନୋଜ୍ଞ ସାମ୍ବାଦିକ ସମ୍ମିଳନୀରେ କହିଲେ ଯେ ଉତ୍କଳର ପ୍ରାଚୀନ ବୋଇତ ବାଣିଜ୍ୟର ପୁନରୁଦ୍ଧାର ପାଇଁ ଆସନ୍ତା କାର୍ତ୍ତିକ ପୂର୍ଣ୍ଣିମା ଦିନ ଦକ୍ଷିଣ ଓଡ଼ିଶାର ପାଲୁରଠାରୁ ଏକ ଦୁଃସାହସିକ ବୋଇତ ଯାତ୍ରା ଆରମ୍ଭ ହେବ । ଶ୍ରୀ ଜଗନ୍ନାଥ ସୌଦାଗର ନାମକ ଏକ ପାଲଟଣା ବୋଇତରେ ୩ ଜଣ ଲୋକ ଐତିହାସିକ ତାମ୍ରଲିପ୍ତ ବନ୍ଦର ଦେଇ ସିଂହଳରେ ପହଞ୍ଚିବେ ଏବଂ ସେଠାରୁ ବାଲି ଦ୍ୱୀପ ଅଭିମୁଖେ ଯାତ୍ରା କରିବେ । ସିଂହଳରୁ ବାଲି ଦ୍ୱୀପର ଦୂରତା ୩ ହଜାର ମାଇଲ । ଏହି ଦୁଃସାହସିକ ଜଳଯାତ୍ରା ପାଇଁ ୧୮୦ ଦିନ ବା ୬ ମାସ ଲାଗିବ ।

ଶ୍ରୀ ମିହିର ସେନ୍ ଓଡ଼ିଶା ଗସ୍ତରେ ଆସି ଗତ ୧୧ । ୧ । ୭୮ ଦିନ ଭୁବନେଶ୍ୱରରେ ପହଞ୍ଚିବା ପରେ ସନ୍ଧ୍ୟାରେ ରାଜ୍ୟ ସରକାରୀ ଅତିଥି ଭବନଠାରେ ସାମ୍ବାଦିକମାନଙ୍କୁ ଭେଟିଥିଲେ । ଏହି ପ୍ରସ୍ତାବିତ ବୋଇତ ଯାତ୍ରା ପାଇଁ ମୋଟ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ । ସେଥିମଧ୍ୟରୁ ନୌବାହିନୀ ବିଭିନ୍ନ ଉପକରଣ ବାବଦରେ ୧୩ ଲକ୍ଷ ଟଙ୍କା ଏବଂ କେନ୍ଦ୍ର ମନ୍ତ୍ରଣାଳୟ ବୋଇତ ନିର୍ମାଣ ବାବଦରେ ୨ ଲକ୍ଷ ଟଙ୍କା ମଞ୍ଜୁର କରି ସାରିଲେଣି । ସେ ଏ ସମ୍ପର୍କରେ ଦିଲ୍ଲୀଠାରେ ପ୍ରଧାନ ମନ୍ତ୍ରୀ ଶ୍ରୀ ମୋରାରଜୀ ଦେଶାଇ ଏବଂ କେନ୍ଦ୍ର ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ସହିତ ସାକ୍ଷାତ କରିଛନ୍ତି । ସେମାନେ ଏହି ପ୍ରସ୍ତାବ ପ୍ରତି ବିଶେଷ ଉତ୍ସାହ ପ୍ରଦର୍ଶନ କରିଥିବା ସେ ପ୍ରକାଶ କରିଥିଲେ ।

Digitized by PPRACHIN, SOA

ସେ କହିଲେ ଯେ; 'ଏହି ବୋଇତର ୩ ଜଣ ନାବିକଙ୍କୁ ସର୍ବଭାରତୀୟ ସ୍ତରରେ ବଛାଯିବ । ଏହି ବୋଇତର ଆଗରେ ବା ପଛରେ କୌଣସି ସାହାଯ୍ୟକାରୀ ବୋଇତ ଯିବ ନାହିଁ । ସେମାନେ ବାଲି ଦ୍ୱୀପରୁ ଫେରିବାବେଳେ ସେଠାରେ ଜଣେ ଅଧିବାସୀଙ୍କୁ ସାଙ୍ଗରେ ଧରି ଆସିବେ । ଏହା ଫଳରେ ଏହି ଦୁଃସାହସିକ ବୋଇତ ଯାତ୍ରା ବନ୍ଧୁତ୍ୱର ଜୟଯାତ୍ରାରେ ପରିଣତ ହେବ ବୋଲି ସେ ପ୍ରକାଶ କରିଥିଲେ ।

ଖୁବ୍ ଶୀଘ୍ର ପାଲୁରଠାରେ ଏଥିପାଇଁ ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୋଇଯିବ । ଏହି ବୃଦ୍ଧ ସୌଦାଗର ବୋଇତର ଲମ୍ବ ୪୦ ଫୁଟ ରହିବ । ଏହି ଅଭିଯାନ ସଫଳ ହେଲେ ପୃଥିବୀର ବିଭିନ୍ନ ସ୍ଥାନକୁ ବୋଇତ ଯାତ୍ରା ଆରମ୍ଭ କରାଯିବ ।

ଶ୍ରୀ ସେନ ଏହି ସାମ୍ବାଦିକ ସମ୍ମିଳନୀରେ ତାଙ୍କର ଅତୀତର ସନ୍ତରଣ ଅଭିଜ୍ଞତା ବର୍ଣ୍ଣନା କରିଥିଲେ ଏବଂ ଶ୍ରୀ ବିଜୁ ପଟ୍ଟନାୟକଙ୍କ ସାହସର ପ୍ରଶଂସା କରି ଓଡ଼ିଶାର ଯୁବକମାନେ ତାଙ୍କ ଆଦର୍ଶରେ ବିଭିନ୍ନ ଦୁଃସାହସିକ କାର୍ଯ୍ୟରେ ଅନୁପ୍ରାଣିତ ହୁଅନ୍ତୁ ବୋଲି କହିଥିଲେ ।

●

With best compliment from :

# M/S. KALINGA MEDICAL HALL

**Rabi Talkies Squre**

**BHUBANESWAR.**

Prop. SRI RAMA CHANDRA SAHU

All kinds of Medicines are available here.

Digitized by PPRACHIN, SOA

# ତଅପୋଇ ସମ୍ପର୍କରେ ମୋ ଅନୁଭୂତିରୁ

ରାମଚନ୍ଦ୍ର ବେହେରା
ବାଲେଶ୍ୱର

ବାଲେଶ୍ୱର ସହରରେ ଏକଦା କିଛି ଚହଳ ସୃଷ୍ଟି ହେଲା, କିଛିଟା ଉତ୍ତେଜନା ସୃଷ୍ଟି ହେଲା, ଆବାଳ-ବୃଦ୍ଧ-ବନିତାଙ୍କୁ କିଛିଟା ରୋମାଞ୍ଚିତ କଲା, ସହରର ଜନ ଜୀବନକୁ କିଛିଟା ଆନ୍ଦୋଳିତ କଲା, ଯେତେବେଳେ ତଅପୋଇର ସୁଟିଂ ୟୁନିଟ୍ ବାଲେଶ୍ୱରରେ ଆସି ପହଞ୍ଚିଲା, ସେ ଥିଲା ସତସ୍ତରୀ ମସିହା ଫେବ୍ରୁୟାରୀ ମାସର ପ୍ରଥମ ସପ୍ତାହ ।

କଦଳୀ ବିକିବା ଓ ଡିଅଁ ଦେଖିବା ନୀତିରେ ମୁଁ ସୁନହଟ୍ (ତଅପୋଇ ସୁଟିଂର ପ୍ରଧାନ ଲୋକେସନ୍) ଯାଇଥିଲି ତଅପୋଇ ସୁଟିଂ ଦେଖିବା ପାଇଁ ଓ ମୋର ବାଲ୍ୟବନ୍ଧୁ ପ୍ରାଣ ମିଶ୍ରଙ୍କୁ ଭେଟିବା ପାଇଁ । ସୁନ୍‌ହଟରେ ସୁଟିଂର ଲୋକେସନ ପାଇବାରେ କୌଣସି ଅସୁବିଧା ହେଲାନି । ସେଠାକୁ ଲୋକଙ୍କର ସୁଅ ଛୁଟିଥିଲା । ମୁଁ ବି ଗଲିଲି ।

ସୁଟିଂ ଚାଲିଥିଲା । "ଆ ବଉଳ ବୋହୂ ବୋହୂକା ଖେଳ ଖେଳିବା" ଗୀତଟିର ସିନେରାଇଜେସନ୍ କରୁଥିଲେ କ୍ଷଣପ୍ରଭା ଏବଂ ଅନ୍ୟମାନେ । କ୍ଷଣପ୍ରଭାଙ୍କର ଅଭିନୟ ବେଶ୍ ଭଲ ଲାଗିଲା । ସେଠାରେ ସମସ୍ତଙ୍କ ମୁହଁରେ ସେହି ଗୋଟିଏ କଥା "ଝିଅଟି ତଅପୋଇ ହେବା ପାଇଁ ଏକଦମ୍ ଫିଟ୍" । ସମସ୍ତଙ୍କ ମୁହଁରେ ବାହାବା, ସମସ୍ତଙ୍କ ମୁହଁରେ ପ୍ରଶଂସା ।

ବନ୍ଧୁ ପ୍ରାଣ ମିଶ୍ରଙ୍କ ସହ ଭେଟ ହେଲା । ସେ ବେଶ୍ ଖୁସି ହେଲେ । ତଅପୋଇ ସୁଟିଂ ୟୁନିଟ୍‌ରେ ଥିଲେ, ନିର୍ଦ୍ଦେଶକ ଶରତ ପୂଜାରୀ, ସହ ନିର୍ଦ୍ଦେଶକ ଶ୍ୟାମଳ ମୁଖାର୍ଜୀ, ରମେଶ ମହାନ୍ତି, ସଞ୍ଜି ଦାସ, ନାଟ୍ୟକାର ବିଜୟ ମିଶ୍ର, କ୍ୟାମେରାମ୍ୟାନ ସୁରେନ୍ଦ୍ର ସାହୁ, ଅରୁଣ ମିଶ୍ର, ଶବ୍ଦ ଗ୍ରହଣକାରୀ ପ୍ରାଣ ମିଶ୍ର, ନୃତ୍ୟ ଗୁରୁ କେଳୁ ଚରଣ ମହାପାତ୍ର, କଳା-ନିର୍ଦ୍ଦେଶକ ଅସୀମ ବସୁ । ବିଭିନ୍ନ ଭୂମିକାରେ ଅଂଶ ଗ୍ରହଣ କରିଥିଲେ ଓଡ଼ିଶାର ସ୍ୱନାମଧନ୍ୟ କଳାକାର ବାବି, ପୀର, ବିଜୟ, ପ୍ରଶାନ୍ତ, କ୍ଷଣପ୍ରଭା, ଅଜିତ୍, ଅନୀତା, ସରସ୍ୱତୀ, ଗ୍ଲୋରିଆ, କୁଞ୍ଜଲତା, ମୀରା, କନକ, ଆହ୍ଲାଦିନୀ, ଆଶା, ନମ୍ରତା, ତନୁଜା, ଜୟରାମ, ରାଧାପଣ୍ଡା, ଶ୍ୟାମଳେନ୍ଦୁ, ସନ୍ତୋଷ, ସତୀ ପ୍ରଭୃତି । ଏ ସମସ୍ତଙ୍କୁ ନେଇ ସୁନହଟରେ ଗଢ଼ି ଉଠିଥିଲା ଏକ ମନମତାଣିଆ ପରିବାର । ଏ ପରିବାରରେ ସମସ୍ତଙ୍କର ସମସ୍ତଙ୍କ ପ୍ରତି ଥିଲା ସ୍ନେହ, ସହିଚ୍ଛା, ଭକ୍ତି, ପ୍ରେମ । ଏଇ ପରିବାରରେ ପ୍ରଜାପତିର ଡେଣା ମେଲେଇ ଏ ମୁଣ୍ଡରୁ ସେ ମୁଣ୍ଡ ଉଡ଼ି ବୁଲୁଥିଲା ତଅପୋଇ କ୍ଷଣପ୍ରଭା କଳନାଦିନୀ ଝରଣା ଭଳି । ଯେଉଁ ଝିଅଟି, ଖିଲି ଖିଲି ହସରେ ଗଗନ ପବନ ମୁଖରିତ କରେ, ଭୋ ଭୋ କାନ୍ଦି

Digitized by PPRACHIN, SOA

ଅନ୍ୟ ଆଖିରେ ଲୋତକ ବାରି ସୃଷ୍ଟି କରେ—ସେଇ ଝିଅଟି ହେଉଛି ଝଣପ୍ରଭା ।

ସମସ୍ତଙ୍କୁ ଉଷା ଅଧିକେ ଚିହ୍ନିବା ସହଜ; କିନ୍ତୁ ପ୍ରଯୋଜକ ସୁବୋଧ ସାମଲଙ୍କୁ ଚିହ୍ନିବା କଷ୍ଟ । ସବୁଠାରୁ ଆଶ୍ଚର୍ଯ୍ୟ କଥା ସୁଟିଂର ଅଧିକାଂଶ ସମୟ ସେ ଦର୍ଶକମାନଙ୍କ ଭିତରେ ରହି ସୁଟିଂର ମଜା ଉପଲବ୍ଧି କରୁଥିଲେ । ଶ୍ରୀମତୀ ସାମଲ ମଧ୍ୟ କମ୍ ନୁହନ୍ତି । ସେ ଖଟୁଥିଲେ ଲୋଟଣୀ ପାରା ଭଳି ଏ ମୁଣ୍ଡରୁ ସେ ମୁଣ୍ଡ, ଏ ଅଭିନେତ୍ରୀଠାରୁ ସେ ଅଭିନେତ୍ରୀ, ଏ ଅଭିନେତା ଠାରୁ ସେ ଅଭିନେତା ପର୍ଯ୍ୟନ୍ତ । ସମସ୍ତଙ୍କର ଭଲ ମନ୍ଦ ବୁଝିବା ସତେ ଯେମିତି ତାଙ୍କର ଏକାନ୍ତ କାମ୍ୟ ।

ଦିନକର ଘଟଣା । ବାଲିଘାଟରେ ସୁଟିଂ ଚାଲିଥାଏ । ବାଲିଘାଟର ଅପର ପଟରୁ ସଟ୍ ନିଆ ଚାଲିଥାଏ । ବୁଢ଼ାବଳଙ୍ଗ ନଦୀ ମଝିରେ ବୋଇତଟି ବାଲିରେ ଲାଗିଯିବା ଦ୍ୱାରା ସେଦିନ ସେଇଠି ସୁଟିଂ ବନ୍ଦ ରହିଲା । ତା'ପରେ ଆରମ୍ଭ ହୋଇଗଲା ପ୍ରଯୋଜକ ସାମଲ ବାବୁଙ୍କର କାମ । ଆକୁ ଡାକ, ତାଙ୍କୁ ଡାକ, ବୋଇତରୁ ସମସ୍ତଙ୍କୁ କୂଳକୁ ଆଣ, ଏହା ମଧ୍ୟରେ ସେ ଖୁବ୍ କର୍ମମୁଖର ହୋଇ ଉଠିଲେ । ସନ୍ଧ୍ୟା ବାଲିଘାଟରେ ଆସି ପହଞ୍ଚିଲେ ଦୁଇ ତିନୋଟି ଡଙ୍ଗାର ସହାୟତାରେ । ଦଳ ଦଳ ହୋଇ ଏ ପରିବାରର ଅନ୍ୟମାନେ ବୁଲୁ ଥାଆନ୍ତି । କିନ୍ତୁ ସାମଲ ବାବୁ ଧାଉଁ ଥାଆନ୍ତି ଏ ଦଳରୁ ସେ ଦଳକୁ, ସେ ଦଳରୁ ଏ ଦଳକୁ । ଦର୍ଶକମାନଙ୍କ ଭିତରେ ରହି ଚୁପ ଚାପ୍ ସୁଟିଂ ଦେଖିବା ଲୋକ କାମ ପଡ଼ିଲେ ଏତେଟା କର୍ମତତ୍ପର ହୋଇ ପଡ଼େ, ଏହା ହିଁ ସୁବୋଧ ବାବୁଙ୍କର ପ୍ରଧାନ ବିଶେଷତ୍ୱ ।

ସେହି ଲୋକ ହିଁ 'ବଟୁଆ' ଗୁଣଧାରୀ ପ୍ରକୃତ ଓଡ଼ିଆ, ସେ କି କାମ ନ ଥିବା ବେଳେ ଚୁପ୍ ଚାପ୍ ରହିଥାଏ, କାମ ପଡ଼ିଲେ କର୍ମତତ୍ପର ହୋଇ ଉଠେ । ଓଡ଼ିଆ ସଂସ୍କୃତିର ପରିବାହକ 'ତଅପୋଇ' କିମ୍ବଦନ୍ତୀ ଉପରେ ଚଳଚିତ୍ର ପ୍ରସ୍ତୁତ କରି ନିଜକୁ ଓଡ଼ିଆର ପରିଚୟ ଦେଇଛନ୍ତି ।

ଭଗବାନ ତାଙ୍କୁ ସହାୟ ହୁଅନ୍ତୁ । ଓଡ଼ିଆ ସଂସ୍କୃତିର ସୁରକ୍ଷା ଓ ମାନ ବୃଦ୍ଧି ପାଇଁ ସେ 'ତଅପୋଇ' ଭଳି ଗୋଟିଏ ପରେ ଗୋଟିଏ ଚଳଚିତ୍ର ପ୍ରସ୍ତୁତ କରନ୍ତୁ, ଏହା ହିଁ କାମନା ।

ପ୍ରକାଶ ପାଇଲା ! ପ୍ରକାଶ ପାଇଲା !!

ଏକ ସଂପୂର୍ଣ୍ଣ ଭିନ୍ନ ସ୍ୱାଦର ଉପନ୍ୟାସ

**ଅନାଶ୍ରିତ ଉପତ୍ୟକା**

**ଲେଖକ—କାଳୀ ପ୍ରସାଦ ଦାସ**

ମୂଲ୍ୟ—୭ ଟଙ୍କା

Digitized by PPRACHIN, SOA

# Rajdoot

Designed To Bring Dependable Transport
To The Masses Exclusive Opportunity

NOW RAJDOOT HIRE PURCHASE SCHEME
IS ON IN YOUR TOWN

Through SYNDICATE BANK

| | | |
|---|---|---|
| RAJDOOT SCOOTER 175 | RAJDOOT MOTORCYCLE | RAJDOOT GTS 175 |

The TRIO From ESCORTS To Take You Places
CONTACT ; ESCORTS General
Sales & Service Dealers

## UTKAL AUTOMOBILES LIMITED

**CANTONMENT ROAD**
**CUTTACK.**

Phone : 22143.


Digitized by PPRACHIN, SOA

# ଚିତ୍ର ସଂବାଦ

କେତେକ ଯେଉଁସବୁ ଚିତ୍ର ମୁକ୍ତି ପ୍ରତୀକ୍ଷାରେ ଅଛି ସେସବୁ ଚିତ୍ରଗୁଡ଼ିକ ସମ୍ପର୍କରେ ସୂଚନା ଦେଲୁ :—

**ପ୍ରିୟତମା**—ପ୍ରିୟତମାର ସମସ୍ତ ସୁଟିଂ କାର୍ଯ୍ୟ ଶେଷ ହୋଇ ଏଡ଼ିଟିଂ ଶେଷ ପ୍ରାୟ । ଆଗାମୀ ମାର୍ଚ୍ଚ ମାସରେ ଚିତ୍ରଟି ମୁକ୍ତିଲାଭ କରିବ । ଉକ୍ତ ଚିତ୍ରଟିର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ବିଶ୍ୱଜିତ୍ ଦାସ, ସଙ୍ଗୀତ ନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ର ଏବଂ ବିଭିନ୍ନ ଭୂମିକାରେ ଅଂଶ ଗ୍ରହଣ କରିଛନ୍ତି ଶ୍ରୀରାମ ପଣ୍ଡା, ମହାଶ୍ୱେତା, ନରି, ରାଧା ପଣ୍ଡା, ପ୍ରମୋଦ ମହାପାତ୍ର, ରବି ଦାସ, ନଳିନି ରାୟ, ଜଗନ୍ନାଥ ମହାପାତ୍ର, ନିଳୀମା, ବିଜୁ, ମଧୁମିତା, ପ୍ରୀତି, ଏକାଦଶୀ ପ୍ରସାଦ, ଭୋଳା ପଣ୍ଡା, ଗୋଲକ ମହାନ୍ତି, ଅଶୋକ ମିଶ୍ର, ହରେକୃଷ୍ଣ ପତି ପ୍ରମୁଖ । ଏକ ବିଶେଷ ଭୂମିକାରେ ଚିତ୍ରଟିର କଥାକାର ନାଟ୍ୟକାର ଶ୍ରୀ ନଗେନ୍ ଦାସ । ଚିତ୍ରଟିର ବ୍ୟବସ୍ଥାପନା ଦାୟିତ୍ୱରେ ଅଛନ୍ତି ଶ୍ରୀ ଧୀର ବିଶ୍ୱାଳ ।

**ଚିଲିକା ତୀରେ**—ପୁରୀ ହରଗୌରୀ ଫିଲ୍ମସ୍‌ର ପ୍ରଥମ ଅବଦାନ 'ଚିଲିକା ତୀରେ' ନାମକ ଓଡ଼ିଆ ଚଳଚ୍ଚିତ୍ରର ନିର୍ମାଣ କାର୍ଯ୍ୟ ଏଥିମଧ୍ୟରେ ଶେଷ ହୋଇ ଯାଇଛି ବୋଲି ସଂପୃକ୍ତ କର୍ତ୍ତୃପକ୍ଷଙ୍କଠାରୁ ପ୍ରକାଶ । ଏହାର ନିର୍ଦ୍ଦେଶନା ଦେଇଛନ୍ତି ଶ୍ରୀ ବିପ୍ଳବ ରାୟଚୌଧୁରୀ, କାହାଣୀ ରଚନା କରିଛନ୍ତି ଶ୍ରୀ ଶ୍ୟାମଘନ ରାୟଚୌଧୁରୀ, ସଂଳାପ ଲେଖିଛନ୍ତି ଅଧ୍ୟାପକ ହରିହର ମିଶ୍ର ଏବଂ ସଙ୍ଗୀତ ସଂଯୋଜନା କରିଛନ୍ତି ଶ୍ରୀ ଶାନ୍ତନୁ ମହାପାତ୍ର । ସର୍ବଶ୍ରୀ ହେମନ୍ତ ଦାସ, ଅକ୍ଷୟ ମହାନ୍ତି, ବଟ ସେଣ, ବିଜୟ ମହାନ୍ତି, ଦୁର୍ଲଭ ସିଂହ, ଶ୍ରୀମତୀ ଚନ୍ଦ୍ରା ରାୟ, ସୁଜାତା, ମଞ୍ଜୁ, ଗୀତା, ରାଧୁ ମହାପାତ୍ର ପ୍ରମୁଖ ଅଭିନୟରେ ଅଂଶ ଗ୍ରହଣ କରିଛନ୍ତି ।

**ସାକ୍ଷୀ ଗୋପୀନାଥ**—ନୀଳକଣ୍ଠ ମୁଭିଜ୍ ଦ୍ୱାରା ପ୍ରଯୋଜିତ ମହାନ ପୌରାଣିକ କଥାଚିତ୍ର 'ସାକ୍ଷୀ ଗୋପୀନାଥ'ର ସମସ୍ତ ଏଡ଼ିଟିଂ କାର୍ଯ୍ୟ ବମ୍ବେରେ ଶେଷ ହୋଇ ଯାଇଛି । ଏହାର ପ୍ରଯୋଜକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା, କାହାଣୀକାର ଡା: ବସନ୍ତ ମହାପାତ୍ର, ନିର୍ଦ୍ଦେଶକ ଗଣେଶ ମହାପାତ୍ର, ସଙ୍ଗୀତ ନିର୍ଦ୍ଦେଶକ ବାସୁଦେବ ରଥ । ବିଭିନ୍ନ ଭୂମିକାରେ ଅଂଶ ଗ୍ରହଣ କରିଛନ୍ତି: ପ୍ରଦୀପ, ମାଳା, ଦୁଃଖିରାମ, କେଦାରଗୁରୁ, ଭୋଳାନାଥ, ଜର୍ଜତିଆରି, ନାଜି, ମଞ୍ଜୁ, ଚନ୍ଦ୍ରକଳା, ସନ୍ତୋଷ ଓ ହିନ୍ଦିଚିତ୍ର ଜଗତର ପ୍ରସିଦ୍ଧ ଅଭିନେତ୍ରୀ ପଦ୍ମା ଖାନ୍ନା ପ୍ରମୁଖ ।

Digitized by PPRACHIN, SOA

**ପିପାସା**—ଓଁ ପିକ୍‌ଚର୍ସ ଆନୁକୂଲ୍ୟରେ ପ୍ରଯୋଜିତ ଚିତ୍ର 'ପିପାସା'ର ସମସ୍ତ କାର୍ଯ୍ୟ ଶେଷ ହୋଇ ଯାଇଛି । ଆଗାମୀ ମାର୍ଚ୍ଚ ମାସରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ମୁକ୍ତିଲାଭ କରିବ । ଏହି ଚିତ୍ରର ନିର୍ଦ୍ଦେଶକ ବାସୁଦେବ, ସଙ୍ଗୀତ ନିର୍ଦ୍ଦେଶକ ଉପେନ୍ଦ୍ର କୁମାର ଓ ବିଭିନ୍ନ ଭୂମିକାରେ ଶଚୀ ପଣ୍ଡା, ଚନ୍ଦ୍ରା ରୟ, ଜର୍ଜ ତିଆଡ଼ି, ପ୍ରତିହାରୀ ପ୍ରମୁଖ ।

**ମନ ମନ୍ଦିର**—ଭବାନୀ ଶଙ୍କର ଫିଲ୍ମସ୍ ଦ୍ୱାରା ପ୍ରଯୋଜିତ ମହାନ ଓଡ଼ିଆ କଥାଚିତ୍ର 'ମନ ମନ୍ଦିର'ର ସମସ୍ତ କାର୍ଯ୍ୟ ଶେଷ ହୋଇ ଯାଇଛି । ଖୁବ୍ ଶୀଘ୍ର ଏହି ଚିତ୍ର ଓଡ଼ିଶାର ବିଭିନ୍ନ ପ୍ରେକ୍ଷାଳୟମାନଙ୍କରେ ମୁକ୍ତିଲାଭ କରିବ । ଏହି ଚିତ୍ରର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ଶ୍ୟାମଳ ମୁଖାର୍ଜୀ, ସଙ୍ଗୀତ ନିର୍ଦ୍ଦେଶକ ପ୍ରଫୁଲ୍ଲ କର । ବିଭିନ୍ନ ଭୂମିକାରେ ସୌଦାମିନୀ, କାଶି, ପ୍ରଶାନ୍ତ, ବାବି, ଅକ୍ଷୟ, ଗୌରହରି, ଜଗଦୀଶ, ଶ୍ୟାମଚନ୍ଦ୍ର, ଭୀମସେନ, ସଚ୍ଚି, ବସନ୍ତ ପ୍ରମୁଖ । ଏକ ବିଶେଷ ଭୂମିକାରେ ନାଟ୍ୟକାର ଇଞ୍ଜିନିୟର ବୈଷ୍ଣବ ଚରଣ ମହାନ୍ତି ଅଂଶ ଗ୍ରହଣ କରିଛନ୍ତି ।

**ଶଙ୍ଖ ମହୁରୀ**—'ଶକ୍ତି କଥାଚିତ୍ର'ର ସଂପୂର୍ଣ୍ଣ ରଙ୍ଗୀନ ଚିତ୍ର 'ଶଙ୍ଖ ମହୁରୀ'ର ସମସ୍ତ ସୁଟିଂ କାର୍ଯ୍ୟ ଶେଷ ହୋଇଯାଇଛି । ନବ ବର୍ଷର ପ୍ରଥମାର୍ଦ୍ଧରେ ମୁକ୍ତିଲାଭ କରିବ । ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ଶ୍ରୀ ଅକ୍ଷୟ ମହାନ୍ତି, ଆର: ଡି. ଘୋଷ, ସଙ୍ଗୀତ ନିର୍ଦ୍ଦେଶକ—ବାଳକୃଷ୍ଣ ଦାସ । ବିଭିନ୍ନ ଭୂମିକାରେ ଅଂଶ ଗ୍ରହଣ କରିଛନ୍ତି—ଅଜିତ ଦାସ, ମହାଶ୍ୱେତା, ଅନୀତା, ଡ. ବଳିୟାର ସିଂ, ନରୀ, ଗୀତା ଓ ଅନ୍ୟମାନେ ।

**ମାଂସର ବିଳାପ**—ଏନ୍. ପି. ମୁଭିଜ୍ ପ୍ରଯୋଜିତ ଚିତ୍ର 'ମାଂସର ବିଳାପ'ର ସମସ୍ତ କାର୍ଯ୍ୟ ଶେଷ ହୋଇଯାଇଛି ତା ୧୪।୯।୭୭ ରିଖରେ ସେନସର ହୋଇ ଯାଇ ମୁକ୍ତି ଅପେକ୍ଷାରେ ଅଛି । ଖୁବ୍ ଶୀଘ୍ର ମୁକ୍ତିଲାଭ କରିବ । ଏହି ଚିତ୍ରଟି ମୁଖ୍ୟତଃ ଜୀବଜନ୍ତୁମାନଙ୍କର ଶାଶ୍ୱତ ସ୍ନେହ ପ୍ରେମ ଉପରେ ଆଧାରିତ ହୋଇ ଥିବାରୁ ଦର୍ଶକମାନଙ୍କ ହୃଦୟ ସ୍ପର୍ଶ କରିବ ନିଶ୍ଚୟ ।

## ବିଶ୍ୱଜିତ୍ ପ୍ରଡ଼କ୍‌ସନ୍‌ର ନୂତନ ଓଡ଼ିଆ ଚିତ୍ର 'ପ୍ରତିଧ୍ୱନି'

ଗତମାସ ୨୯ତାରିଖ ଠାରୁ ପାଞ୍ଚ ଦିନ ଧରି ମାନ୍ଦ୍ରାଜର ପ୍ରସାଦ ଷ୍ଟୁଡ଼ିଓରେ ବିଶ୍ୱଜିତ୍ ପ୍ରଡକସନରେ ନୂତନ ଓଡ଼ିଆ କଥାଚିତ୍ର ପ୍ରତିଧ୍ୱନିର ଛଅଗୋଟି ଗୀତ ରେକର୍ଡିଂ ହୋଇ ଯାଇଛି । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଉପେନ୍ଦ୍ର କୁମାର । କଣ୍ଠ ଦାନ କରିଛନ୍ତି ପ୍ରଣବ ପଟ୍ଟନାୟକ, ସିକନ୍ଦର ଆଲମ, ବାଣୀ ଜୟରାମ, ଗୀତା ଓ ଏସ୍ ଜାନକୀ । ସମସ୍ତ ଗୀତ ଗୁଡ଼ିକ ରଚନା କରିଛନ୍ତି ଶିବବ୍ରତ ଦାସ । ଚିତ୍ରଟିକୁ ନିର୍ଦ୍ଦେଶନା ଦେଉଛନ୍ତି ବାସୁଦେବ ଓ ସଂଳାପ ଲେଖୁଛନ୍ତି ନାଟ୍ୟକାର ମନ୍ମଥ କୁମାର ଶତପଥି । ଚିତ୍ରଟିର ପ୍ରଯୋଜକ ଶ୍ରୀ ଦେବେନ୍ଦ୍ରନାଥ ପଣ୍ଡାଙ୍କ ଠାରୁ ପ୍ରକାଶ ଯେ ଏଥିରେ

(୭୫ ପୃଷ୍ଠାରେ ଅବଶିଷ୍ଟାଂଶ ଦେଖନ୍ତୁ)

Digitized by PPRACHIN, SOA

## ଉତ୍କଳ ବିଶ୍ୱବିଦ୍ୟାଳୟ ନାଟ୍ୟ ସଂସଦ ଦ୍ୱାରା ବାରିପଦାର ଗଣେଶ ପିକ୍‌ଚର୍ସ ନିର୍ମିତ ଚିତ୍ର

# ଅଭିମାନର ଶିଳ୍ପୀ ସମ୍ବର୍ଦ୍ଧନା ଅବସରରେ……

ବାଣୀଚିତ୍ରର ମୁଖ୍ୟ ସମ୍ପାଦକ ଶ୍ରୀ ପରୀକ୍ଷିତ ଜେନାଙ୍କ ସହ ଆଲୋଚନା ରତ ଅଭିମାନର ପ୍ରଯୋଜକ ଶ୍ରୀ ଗଣେଶ ଚନ୍ଦ୍ର ଜିଉ (ମଝିରେ) ଓ ତାଙ୍କ ବାମ ପାଖରେ ସଂଳାପ ଲେଖକ ନାଟ୍ୟକାର ଆନନ୍ଦ ଶଙ୍କରଦାସ ଓ ତାହାଙ୍କ ପାଖରେ ଅଭିନେତା ପ୍ରମୋଦ ମହାନ୍ତି ।

## ବାଣୀଚିତ୍ର ନାଟକ ରଜନୀ ଅବସରରେ

ବାମରୁ ଡାହାଣକୁ—ଆବାହକ ଶ୍ରୀ ଗୁଣନିଧି ମହାନ୍ତି, ମୁଖ୍ୟ ଅତିଥି ବାଚସ୍ପତି ଶ୍ରୀଯୁକ୍ତ ସତ୍ୟପ୍ରିୟ ମହାନ୍ତି, ଉଦ୍‌ଘାଟକ ସାଂସ୍କୃତିକ ବ୍ୟାପାର ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ବିଶ୍ୱଭୂଷଣ ହରିଚନ୍ଦନ ଓ ନାଟକର ପ୍ରଯୋଜକ ତଥା ବାଣୀଚିତ୍ରର ମୁଖ୍ୟ ସଂପାଦକ ଶ୍ରୀ ପରୀକ୍ଷିତ ଜେନା ।

Digitized by PPRACHIN, SOA

# ବ୍ୟଙ୍ଗ ରଚନା

### ପରିକଳ୍ପନା—ନବଘନ ଦାଶ

ଭଦ୍ର ବ୍ୟକ୍ତି ଖୁବ୍ ବିରକ୍ତ ହୋଇ ନିଜ ଚାକରକୁ କହିଲେ—ବଦମାସ୍, ମୁଁ ଘଣ୍ଟାଏ ହେଲା ଏଠି ଘଣ୍ଟି ବଜାଉଛି ତୋତେ ଶୁଭୁନି ?

ଚାକର ଉତ୍ତର ଦେଲା—ଆପଣ ଘରର ମାଲିକ ଆଜ୍ଞା, ଘଣ୍ଟାଏ କ'ଣ, ସାରା ଦିନ ତ ଆପଣ ଘଣ୍ଟି ବଜାଇ ପାରନ୍ତି ।

—ବୁଢ଼ା, କଟକ-୪

ମା' ପୁଅକୁ ଶାଗ ଖାଉ ନ ଥିବା ଦେଖି ବୁଝାଇଲେ—ପୁଅରେ, ତୁ ଶାଗ ଭଜା ଖାଉନୁ କାହିଁକି ? ପାଳଙ୍ଗ ଶାଗ ଖାଇଲେ ସବୁ ଦାନ୍ତ ମଜଭୁତ ହୁଏ ।

—ଏଇଟା କ'ଣ ପାଳଙ୍ଗ ଶାଗ ମା' ? ପୁଅ ପଚାରିଲା ।

—ହଁ ।

—ତା' ହେଲେ ୟାକୁ ମୋତେ ନ ଦେଇ ବାପାଙ୍କୁ ଦଉନୁ । ତାଙ୍କର ସବୁ ଦାନ୍ତ ହଲିଲାଣି । ମଜଭୁତ୍ ହୋଇ ଯାଆନ୍ତା । ପୁଅ କହିଲା ।

—ଅମୂଲ୍ୟ ସାମନ୍ତରାୟ, ବାଦାମବାଡ଼ି, କଟକ

ଟ୍ରେନରୁ ଓହ୍ଲାଉଥିବା ଲୋକମାନଙ୍କ ମଧ୍ୟରୁ ଜଣେ ଲୋକ ଜିନିଷ ପତ୍ର ଧରି କିଛି ବାଟ ଆସିବା ପରେ ହଠାତ୍ ଜଣେ ଆଧୁନିକ ପୋଷାକ ପିନ୍ଧା ବାବୁଙ୍କ ନିକଟରେ ଅଟକି ଗଲେ । ତା'ପରେ ନିଜ ସୁଟ୍‌କେଶଟା ତାଙ୍କୁ ବଢ଼ାଇ କହିଲେ—ମୋର ଏ ସୁଟକେଶ୍‌ଟା ଧରି ଷ୍ଟେସନ ବାହାର ପର୍ଯ୍ୟନ୍ତ ଆସନ୍ତୁ ।

ବାବୁ ଜଣକ ଖୁବ୍ ଜୋର୍‌ରେ ରାଗିଗଲେ ।

ତା' ଦେଖି ଲୋକଟି କହିଲା—ଆଜ୍ଞା ଏଥିରେ ରାଗିବାର କ'ଣ ଅଛି । ଏଠି ସବୁ ଲେଖା ହୋଇଛି—"ମୁଁ ଆପଣଙ୍କୁ ସାହାଯ୍ୟ କରିପାରେ କି ?" ଆଉ ଆପଣ ଏଇଠି ଠିଆ ହୋଇଛନ୍ତି । ତେଣୁ ମୁଁ ସୁଟକେଶଟା ନେବା ପାଇଁ କହିଲି ।

—ପାର୍ଥ ସାରଥୀ ଦାସ, ବାରିପଦା

ଷ୍ଟେସନ ପାଖରେ ଜଣେ ଅଟୋରିକ୍‌ସା ଚାଳକ ରିକ୍‌ସାଟିକୁ ଥୋଇ ଦେଇ ବସିଥିଲେ । ଜଣେ ଭଦ୍ରବ୍ୟକ୍ତି ଭୀଷଣ ମଦ ପିଇ ଦେଇ ଟଳି ଟଳି ଆସି ପଚାରିଲେ, ଏ ରିକ୍‌ସାବାଲା ମୋତେ ଷ୍ଟେସନ ନେଇଯିବୁ । ରିକ୍‌ସା-ବାଲା ଯେତେ ବୁଝାଇଲା ଏଇଟା ଷ୍ଟେସନ ବୋଲି ସେ ବୁଝିବାକୁ ନାରାଜ । ତେଣୁ ରିକ୍‌ସାବାଲାଟି ଗୋଟିଏ ଉପାୟ ଠିକ୍ କରି ସେ ଭଦ୍ରବ୍ୟକ୍ତିଙ୍କୁ ରିକ୍‌ସାରେ ବସିବାକୁ କହିଲା । ସେ ଭଦ୍ରବ୍ୟକ୍ତି ରିକ୍‌ସାରେ ବସିଲା ପରେ

Digitized by PPRACHIN, SOA

ରିକ୍ସା ଚାଳକଟି ଖୁବ୍ ଜୋରରେ ଗାଡ଼ି ଷ୍ଟାର୍ଟ କରି ଖାଲି ଏକ୍ସିଲେଟରକୁ ଖୁବ୍ ଜୋରରେ ଦବାଇ ଘଁ.....ଘଁ.....କଲେ । କିଛି ସମୟ ପରେ ଚାଳକଟି କହିଲା, ଅଜ୍ଞା ଷ୍ଟେସନ ହୋଇଗଲା । ତା'ପରେ ଭଦ୍ରବ୍ୟକ୍ତି ଜଣକ ରିକ୍ସାରୁ ଓହ୍ଲାଇ ପଡ଼ି ଖୁବ୍ ଭଲ ପଇସା ଦେଇ କହିଲେ ଆଉ କେବେ ଏତେ ଜୋର୍‌ରେ ଗାଡ଼ି ଚଳାଇବ ନାହିଁ । ବୁଝିଲ ?

—ମନୋରଞ୍ଜନ ରାଉତ, ହାଟତୋଟା, ତାଳଚେର, ଢେଙ୍କାନାଳ

ଜଣେ ମଦୁଆ ରାତିରେ ଗୋଟେ ଲାଇଟ୍ ପୋଷ୍ଟ ତଳେ ଘରି ବ୍ୟସ୍ତ ହୋଇ କ'ଣ ଖୋଜୁଥିଲା । ଅନେକ ଲୋକ ସେ ବାଟେ ଯାଉଥାନ୍ତି । ଜଣେ କୌତୁହଳୀ ହୋଇ ପଚାରିଲେ,"କ'ଣ ଭାଇ ମରି ହଜି ଯାଇଛି କି" ? ମଦୁଆ ଜଣକ ଉତ୍ତର ଦେଲା "ହଁ, ହାତରୁ ଘଣ୍ଟା କେଉଁଠି ହଜି ଯାଇଛି।" ଭଦ୍ରବ୍ୟକ୍ତି କହିଲେ "ଯେଉଁବାଟେ ଆସିଲେ ସେ ବାଟ ନ ଦେଖି ଗୋଟେ ଜାଗାରେ କ'ଣ ଖୋଜୁଛନ୍ତି । ଗୋଟେ ଜାଗାରେ ଖୋଜିଲେ କ'ଣ ମିଳିବ ?" ମଦୁଆ ଜଣକ ଥଟ୍ଟା କରି କହିଲା—

"ମୁଁ କ'ଣ ତୁମ ପରି ମୂର୍ଖ ହୋଇଛି ଯେ ଯାଇଁ ଅନ୍ଧାରରେ ଖୋଜିବି ? ଲାଇଟ୍ ତଳେ ଖୋଜୁଛି, କାଳେ ମିଳି ଯାଇ ପାରେ ।"

—ବସନ୍ତ କୁମାର ରଥ, ବାଦାମବାଡ଼ି-ପୁରୁଣା କଲୋନୀ

ରାସ୍ତାରେ ଯାଉଥିବାବେଳେ ଜଣେ ଭଦ୍ରବ୍ୟକ୍ତି ତାଙ୍କ ବାମ ପଟେ ଚାଲୁଥିବା ଜଣେ ଭଦ୍ର ମହିଳାଙ୍କ ଉପରକୁ କେତେକାଂଶରେ ଢଳିଲା ଭଳି ଚାଲିବାରେ ଭଦ୍ରମହିଳା ଜଣକ ଅସ୍ୱସ୍ତି ଅନୁଭବ କରି ଘୁଞ୍ଚି ଗଲେ ।

ଭଦ୍ର ମହିଳା ଜଣକ ଯେତିକି ଘୁଞ୍ଚି ଯାଉଥାଆନ୍ତି, ଭଦ୍ରବ୍ୟକ୍ତି ଜଣକ ସେତିକି ତାଙ୍କ ଉପରକୁ ଢଳିଲା ଭଳି ଚାଲୁଥାଆନ୍ତି ।

ମହିଳା ଜଣକ ଉତ୍ତ୍ୟକ୍ତ ହୋଇ କହିଲେ—ଅଭଦ୍ର । ଆପଣ ଶିଷ୍ଟାଚାର କ'ଣ ଶିଖି ନାହାନ୍ତି ?

ଭଦ୍ରବ୍ୟକ୍ତି ତତକ୍ଷଣାତ କହିଲେ—ସେଇଠି ପରା ରାସ୍ତାରେ ଚାଲିବା ପାଇଁ ନିର୍ଦ୍ଦେଶନାମା ଲେଖାଯାଇଛି । ବାମକୁ ମାଡ଼ି ଚାଲନ୍ତୁ । ମୁଁ ଭୁଲ୍ କଲି କେଉଁଠି ?

—କୁମାରୀ ରୀତା ମହାନ୍ତି, ଇଉନିଟ-୩, ଭୁବନେଶ୍ୱର-୧

---

(୭୨ ପୃଷ୍ଠାର ଅବଶିଷ୍ଟାଂଶ)

ଓଡ଼ିଶାର ବହୁ ପ୍ରତିଷ୍ଠିତ ଓ ନୂତନ କଳାକାରମାନେ ଅଂଶ ଗ୍ରହଣ କରିବେ ଏବଂ ଖୁବ୍ ଶୀଘ୍ର ଚିତ୍ର ଗ୍ରହଣ ଆରମ୍ଭ ହେବ । ପରବର୍ତ୍ତୀ ସମ୍ବାଦ ଆଗାମୀ ସଂଖ୍ୟାରେ ପ୍ରକାଶ ପାଇବ ।

ଏହାଛଡ଼ା ଯେଉଁ ଚିତ୍ରଗୁଡ଼ିକ ପ୍ରସ୍ତୁତି ପଥେ ଅଛି ସେଗୁଡ଼ିକ ହେଲା: ସନ୍ଧ୍ୟାତାରା, ମାନସୀ, ସମର୍ପଣ, ବାଟ ଅବାଟ, ଉପେନ୍ଦ୍ର ଭଞ୍ଜ, ଶଙ୍ଖ ସିନ୍ଦୂର, ସଭତୃଷା, ଫୁଲ ଚନ୍ଦନ, ରଜନ ଗନ୍ଧା, ମହାସତୀ ସାବିତ୍ରୀ, ଜୀବନ ସଂଗ୍ରାମ, ନିର୍ଣ୍ଣୟ ।

Digitized by PPRACHIN, SOA

# କଲମ ସାଥୀ

ଶ୍ରୀ ଦିଲ୍ଲୀପ କୁମାର ମହାନ୍ତି ( ମଣ୍ଟୁ ), 'ସନ୍ତୋଷ ଭବନ',
କଲେଜ ରୋଡ଼, ପୋ:ଅ:—ଯାଜପୁର, ଜି:— କଟକ । ବୟସ—୨୦
ବର୍ଷ, ବୃତ୍ତି—ଅଧ୍ୟୟନ (B. Sc.) ଶିକ୍ଷାଗତ ଯୋଗ୍ୟତା—ତୃତୀୟ
ବର୍ଷ ବିଜ୍ଞାନ ।

ରୁଚି—ଗଳ୍ପ, କବିତା ଓ ନାଟକ ଲେଖିବା, ଚିତ୍ର ଆଙ୍କିବା, ଗୀତ ବୋଇବା ଓ ଅଭିନୟ କରିବା । ବିଭିନ୍ନ ପତ୍ର ପତ୍ରିକା ପଢ଼ିବା, ସିନେମା ଦେଖିବା, ରେଡ଼ିଓ ଶୁଣିବା, ଭ୍ରମଣ କରିବା, ପୁଅ ଝିଅମାନଙ୍କ ସହିତ ପତ୍ର ବନ୍ଧୁତା କରିବା ।

କିଶୋର ମୁଣ୍ଡିଆ, ତୃତୀୟ ବାର୍ଷିକ ବାଣିଜ୍ୟ, ବସ୍ତା, ବାଲେଶ୍ୱର,
ରୁଚି—ପତ୍ର ବନ୍ଧୁ, ଫଟୋଗ୍ରାଫି, ସଙ୍ଗୀତ, ଡାକଟିକଟ ଏବଂ ମୁଦ୍ରା ସଂଗ୍ରହ ଓ ଅଭିନୟ କରିବା ।

ବିପିନ୍ ବିହାରି ଜେନା, ପଞ୍ଚାୟତ ଅଫିସ୍, ବାରିପଦା, ମୟୂରଭଞ୍ଜ
ଶିକ୍ଷା - ପ୍ରଥମ ବାର୍ଷିକ କଳା, ବୟସ—୨୯

ରୁଚି—ବିଭିନ୍ନ ପ୍ରକାର ପୁସ୍ତକ ପଢ଼ିବା, ଭ୍ରମଣ କରିବା । ପତ୍ର ମାଧ୍ୟମରେ ବନ୍ଧୁତା ସ୍ଥାପନ କରିବା ।

ପି—ସର୍ବେଶ୍ୱର ରାଓ ପାଣ୍ଡ, ଗ୍ରାମ—କୁଲେଡ଼, ବଡ଼ଦାଣ୍ଡ ସାହି, ଭୁବନେଶ୍ୱର । ଶିକ୍ଷା-ମାଟ୍ରିକ, ବୟସ—୧୮

ରୁଚି—ସିନେମା ଦେଖିବା, ଓଡ଼ିଆ ଓ ହିନ୍ଦି ଚିତ୍ରରୁ କେତେକ ଉପଦେଶ ସଂଗ୍ରହ କରିବା ଏବଂ ଦେଶ ପାଇଁ କୌଣସି ଟେକ ରଖିବା ।

ଭାସ୍କର ଚନ୍ଦ୍ର ବେହେରା, ସେକ୍ରେଟେରୀ, ଶ୍ରୀଶ୍ରୀ ଜଗନ୍ନାଥ ପାଠାଗାର
ଗ୍ରାମ—ନିଶ୍ଚିନ୍ତପୁର, ପୋ – ଗୋଳା ପୋଖରୀ, ତିହିଡ଼ି, ବାଲେଶ୍ୱର
ରୁଚି—ସିନେମା ଦେଖିବା, ଭ୍ରମଣ କରିବା, ପତ୍ରବନ୍ଧୁ କରିବା, ବାଣୀଚିତ୍ର ପଢ଼ିବା ଇତ୍ୟାଦି ।

ପ୍ରକାଶ ଚନ୍ଦ୍ର ମହାନ୍ତି, ବାଲୁଜି ପେଣ୍ଠସାହି, ବ୍ରହ୍ମପୁର-୬, ଗଞ୍ଜାମ
ଶିକ୍ଷା—ଆଇ, ଏ, ବୟସ-୧୮

ରୁଚି—ଓଡ଼ିଆ ସିନେମା ଦେଖିବା, ଚଳଚ୍ଚିତ୍ରର ଭୁଲ ବାହାର କରିବା, ବିଭିନ୍ନ ପତ୍ର ପତ୍ରିକା ପଢ଼ିବା, ରେଡ଼ିଓ ଶୁଣିବା, ପତ୍ର ବନ୍ଧୁତା କରିବା ।

ପ୍ରଭାତ କୁମାର ରାଉତରାୟ, ଶିକ୍ଷା—ଏମ୍ ଏସ୍ସି. ( ପ୍ରାଣୀ ବିଜ୍ଞାନ ) ବୟସ—୨୧ ।

ରୁଚି ଗଳ୍ପ, କବିତା ଓ ସିନେମା ସମ୍ବନ୍ଧୀୟ ଲେଖା ଲେଖିବା, ପତ୍ରପତ୍ରିକା ପଢ଼ିବା, ପତ୍ରାଳାପ କରିବା ।

Digitized by PPRACHIN, SOA

ଦେବ ପ୍ରସାଦ ଦାସ ମହାପାତ୍ର—ଶିକ୍ଷା—ଏମ୍ ଏସ୍. ସି: ବୟସ—୨୨ ।

ରୁଚି—ଗପ କରିବା, ଖେଳିବା ଓ ଗପ ବହି ପଢ଼ିବା ।

ଦିଲୀପ କୁମାର ମହାପାତ୍ର—ଶିକ୍ଷା—ଆଇ. ଏସ୍. ସି. ବୟସ—୧୮ ।

ରୁଚି—ପଢ଼ିବା, ସିନେମା ଦେଖିବା, ଭ୍ରମଣ କରିବା ।

ତନୁଶ୍ରୀ ରାୟ, ତୃତୀୟ ବାର୍ଷିକ କଳା, ରମାଦେବୀ ମହିଳା ମହାବିଦ୍ୟାଳୟ, ଭୁବନେଶ୍ୱର ! ବୟସ—୧୮

ରୁଚି—ପଢ଼ାପଢ଼ି କରିବା, ଛୁଆ ଧରିବା, ମିଠା ଖାଇବା ।

ପ୍ରସନ୍ନ କୁମାର ମହାନ୍ତି, ଭଞ୍ଜପୁର, ବାରିପଦା, ଶିକ୍ଷା—ଆଇ, ଏ,

ରୁଚି—ନାଟକରେ ଅଭିନୟ କରିବା, ପିଲାଙ୍କ ମେଳରେ ରହିବା ।

ଅମିୟ କୁମାର ପଣ୍ଡା, ୨ୟ ବାର୍ଷିକ, ପଶୁ ଚିକିତ୍ସା ବିଜ୍ଞାନ ମହାବିଦ୍ୟାଳୟ, ବୟସ—୨୦ ଭୁବନେଶ୍ୱର—୩ ।

ରୁଚି—ପତ୍ରବନ୍ଧୁ କରିବା, ପଢ଼ିବା, ଛୋଟ ପିଲାମାନଙ୍କୁ ଭଲ ପାଇବା, ସହର ବୁଲିବା ।

ପ୍ରଦୀପ କୁମାର ପାତ୍ର, ବାରିପଦା, ଶିକ୍ଷା, ଆଇ. ଏ.

ରୁଚି ବୁଲିବା, ଖେଳିବା, ଗଳ୍ପ ବହି ପଢ଼ିବା ।

ହରିହର ସାହୁ, ମହାରାଜା ପୂର୍ଣ୍ଣଚନ୍ଦ୍ର ମହା ବିଦ୍ୟାଳୟ, ବାରିପଦା ଶିକ୍ଷା—ଆଇ. ଏ ।

ରୁଚି—ପିଲାଙ୍କ ସହିତ ଗପ କରିବା, ପଢ଼ିବା, ଗୀତ ଶୁଣିବା ।

ରାମହରି ପାଣିଗ୍ରାହୀ, ମେନରୋଡ଼ ଲାଞ୍ଜିପାଲୀ, ବରହମପୁର, ୭୬୦୦୪, ଜି : ଗଞ୍ଜାମ । ବୟସ—୧୬, ଶିକ୍ଷା ଏକାଦଶ ଶ୍ରେଣୀ । ରୁଚି—ପତ୍ରବନ୍ଧୁ କରିବା, ଚେସ ଖେଳିବା, ସିନେମା ଦେଖିବା, ଭ୍ରମଣ କରିବା ।

କୈଳାସ ସାମନ୍ତରାୟ, ଲକଡ଼ୁରୀୟସ କର୍ଣ୍ଣର-ବସଷ୍ଟାଣ୍ଡ-ଭୁବନେଶ୍ୱର । ବୟସ—୨୪ ବର୍ଷ, ରୁଚି—ଗଳ୍ପ ଉପନ୍ୟାସ ପଢ଼ିବା; ସିନେମା ଦେଖିବା ।

ଅଭୟ କୁମାର ନାୟକ; କ୍ୱାଟର ନମ୍ବର ୮୬; ଟାଇପ୍ ଫାଇବ୍ ଆର ଇଉନିଟ ୬, ଭୁବନେଶ୍ୱର ।

ବୟସ—୨୩ ବର୍ଷ ରୁଚି—ମେଗାଜିନ୍ ପଢ଼ିବା, ବସଷ୍ଟାଣ୍ଡରେ ବୁଲୁଥିବା ନୂଆ ନୂଆ ଝିଅ ଓ ପୁଅମାନଙ୍କ ସଙ୍ଗେ ପରିଚିତ ହେବା ଓ ବନ୍ଧୁତା ସ୍ଥାପନ କରିବା ।

କଲମ ସାଥୀ ବିଭାଗ
C/o ବାଣୀଚିତ୍ର
ଭୁବନେଶ୍ୱର-୧

ଏହି ବିଭାଗରେ ନିଜର ବୟସ-ରୁଚି ଓ ନାମ ପ୍ରକାଶ କରି ପତ୍ରବନ୍ଧୁତା ସ୍ଥାପନ କରିବାକୁ ଚାହିଁଲେ ଏହି କୁପନଟିକୁ କାଟି ପଠାଇବାକୁ ପଡ଼ିବ ।

Digitized by PPRACHIN, SOA

# ଆପଣ ଯାହା ପଚାରିଥିଲେ

ପାର୍ଥ ସାରଥି ଦାସ

ଶ୍ରୀ ପ୍ରଶାନ୍ତ କୁମାର ଜେନା ସାମନ୍ତ, ମଝିଗାଁ, ପୋ: ପଦ୍ମପୁର, ବ୍ରହ୍ମପୁର,

ପ୍ର—ମନ ଆକାଶରେ ଭସି ଭସି ସଂସାରର ସୁନ୍ଦର ବଡ଼ୀଘରକୁ ସ୍ପର୍ଶ କରିବାର ମମତା ଛିନ୍ନ କରି ଜଗନ୍ନାଥ ବାବୁ ନିଜର ଲକ୍ଷ୍ମୀ ସ୍ୱରୂପା ପ୍ରିୟତମାଙ୍କ ଅମର ପ୍ରେମର ପିପାସାକୁ ଭାଙ୍ଗି ତଅପୋଇ ନାମ୍ନୀ ଆମରି ଗାଁ ଝିଅଟିକୁ ନିଜର ମାନସୀ ରୂପେ ବାଛି ନେଇ ଶେଷ ଶ୍ରାବଣର ଅନ୍ଧକାର ଭିତରେ ଅନ୍ତର୍ଦ୍ଧାନ । କିନ୍ତୁ ଯାଯାବରର ଜୀବନ ମଧ୍ୟରେ ସମୟର ନାଗଫାଶ ବନ୍ଧନରେ ବିଦ୍ଧ ହୋଇ ନିଜର ମାଂସର ବିଳାପ ପ୍ରତି ଅନୁରକ୍ତ ଜଣାଇ ମୁକ୍ତି ଖୋଜୁଛନ୍ତି । କହି ପାରିବେ କି 'ମୁକ୍ତି'ର ଉତ୍ତର ?

ଉ—ମନରୁ ସମସ୍ତ ଅଭିମାନ ଦୂର କରି ଭଦ୍ରଲୋକ ଜଣକ ତାଙ୍କର ପ୍ରଥମ ସ୍ତ୍ରୀଙ୍କ ସହ ପରାମର୍ଶ କଲେ ସେ ନିଜର ସଉତୁଣୀଙ୍କୁ ଫୁଲ ଚନ୍ଦନ ଭିତରେ ପାଛୋଟି ନେଇ ସୁଖରେ ନିଜର ଘର ସଂସାର କରି ପାରିବେ । ସେ ହେବ ତାଙ୍କ ପାଇଁ ସୁନା ସଂସାର । ତାହେଲେ ମୁକ୍ତିର ବାଟ ମିଳିବ, ନଚେତ୍ ସେ ମୁକ୍ତା ରବି ଯେଉଁ ଦ୍ୱିତୀୟ ପତ୍ନୀ ଗ୍ରହଣ କରୁଛନ୍ତି ସେଥିରେ ପରିଣାମ ବଡ଼ ଭୟାବହ ।

ଏମ୍. ଏମ୍. ରାମୁ, ଉଦୟଶଶୀ ଫିଲିମ୍ସ, କଟକ

ପ୍ର—ରାଧା କୃଷ୍ଣ ପ୍ରେମ କଲେ ତାହାକୁ ଭଗବାନଙ୍କର ଲୀଳା ବୋଲି କୁହା ଯାଏ । ତମେ ଆମେ ପ୍ରେମ କଲେ.....?

ଉ—ଲୀଳା ଶବ୍ଦଟି ଏବେ ବି ଅଛି ।

ଶ୍ରୀ ଭିକାରୀ ଚରଣ ବେହେରା, ମହୁରା, ଧାମନଗର, ବାଲେଶ୍ୱର

ପ୍ର—ହେମାମାଳିନୀ ଓ ରାକ୍ଷୀଙ୍କ ମଧ୍ୟରେ କାହାର ଅଭିନୟ ଭଲ ?

ଉ—ସେ କଥା ସମାଲୋଚକମାନେ କହିବେ । ଦୃଷ୍ଟିକୋଣ ସମସ୍ତଙ୍କର ସମାନ ନୁହେଁ ତ ।

ସଂପଦ କୁମାର ମିଶ୍ର, ସାକ୍ଷୀଗୋପାଳ, ପୁରୀ

ପ୍ର—ନୂଆ ହିନ୍ଦୀ ଚିତ୍ରରେ ରାଜକୁମାରଙ୍କର ଅଭିନୟ ଆଉ ଦେଖିବାକୁ ମିଳୁନି କାହିଁକି ?

ଉ—ଅଭିନେତା ଅଭିନେତ୍ରୀମାନେ ଏବେ ରାଜକୁମାରଙ୍କ ସହ ଅଭିନୟ କରିବାକୁ ଭୟ କରୁଛନ୍ତି । ତଥାପି ସେ ଚମ୍ବଲଙ୍କ କସମ୍, କୁଦରତ ଉଲଫତ୍; କର୍ମଯୋଗୀ ଇତ୍ୟାଦି ହିନ୍ଦୀ କଥାଚିତ୍ରରେ ରୁପେଲୀ ପରଦାକୁ ଆସିବେ ।

ଶ୍ରୀ ଦିବାକର ସାହୁ, ଉଦୟଶଶୀ ଫିଲ୍ମସ୍-କଟକ ।

Digitized by PPRACHIN, SOA

ପ୍ର—ପ୍ରେମ କରିବା କ'ଣ ଖରାପ । ଯଦି ଖରାପ ନୁହେଁ, ଲୋକେ ଖରାପ ଭାବନ୍ତି କାହିଁକି ?

ଉ—ଯେଉଁମାନେ ଖରାପ ଭାବନ୍ତି ସେମାନେ ମହା ପ୍ରେମିକ ।

ରବୀନ୍ଦ୍ର କୁମାର ସାମଲ, ଆରିଆ, ଭଣ୍ଡାରି ପୋଖରୀ, ବାଲେଶ୍ୱର ।

ପ୍ର—ଜି. ପି. ସିପିଙ୍କର 'ଶୋଲେ' ପରେ ଆଉ କେଉଁ ଚିତ୍ର (ବିଗ୍ ବଜେଟ୍ ମୋଭି) ତିଆରି କରୁଛନ୍ତି କି ?

ଉ—ତାଙ୍କର ନୂତନ ବିଗ୍ ବଜେଟ ମୋଭି ସାନ୍ ଏବେ ନିର୍ମାଣ ଚାଲିଛି । ଏଥିରେ ଅଭିନୟ କରୁଛନ୍ତି—ସଞ୍ଜିବ୍ କୁମାର, ଅମିତାଭ ବଚନ, ଶଶୀକାପୁର, ଶତ୍ରୁଘ୍ନ ସିହ୍ନା, ରାଖୀ, ପରବିନ୍ ବାବୀ, ହେମାମାଲିନୀ ପ୍ରଭୃତି ।

ଶ୍ରୀ ବିଭୂତି ଭୂଷଣ ନନ୍ଦ, ଜଗତସିଂପୁର; କଟକ

ପ୍ର—ଚିତ୍ର ତାରକା ହେଲେନ୍ ଯୌବନକୁ ଜାବୁଡ଼ି ଧରି; ଦଉଡ଼ି ଦଉଡ଼ି ଶେଷରେ ପାଲିମଙ୍କୁ ଧରିବାକୁ ବସିଛନ୍ତି । କିନ୍ତୁ ସେ କାହାର ହାତ ଧରି ବିବାହ କରିଛନ୍ତି ।

ଉ—ସେ କାହାରି ହାତ ଧରି ନାହାନ୍ତି ବରଂ ଅନେକ ସୁ-ପୁରୁଷ ତାଙ୍କର ହାତ ଧରିଚନ୍ତି କାରଣ ହେଲେନ୍ ବିଦେଶୀ କାଇଦାରେ ପ୍ରେମ କରନ୍ତି । ସେ କାହାରିକୁ ବିବାହ କରି ନାହାନ୍ତି । କାରଣ ତାଙ୍କ ଜୀବନରେ କେବେ ଶଙ୍ଖମହୁରୀ ଏଯାବତ୍ ବାଜିନି ।

ଶ୍ରୀ ପ୍ରଫୁଲ୍ଲ କୁମାର ମହାନ୍ତି, କଣ୍ଡାପଡ଼ା, କଟକ ।

ପ୍ର—ସଙ୍ଗୀତ ନିର୍ଦ୍ଦେଶକ ଅକ୍ଷୟ ମହାନ୍ତି, ଶଙ୍ଖ ମହୁରୀ ଚିତ୍ରର ନିର୍ଦ୍ଦେଶକ ଅକ୍ଷୟ ମହାନ୍ତି ଓ ଚଳଚିତ୍ରରେ ଅଭିନୟ କରୁଥିବା ଅକ୍ଷୟ ମହାନ୍ତିଙ୍କ ମଧ୍ୟରେ ତଫାତ୍ କ'ଣ ?

ଉ—ସଙ୍ଗୀତ ନିର୍ଦ୍ଦେଶକ ଅକ୍ଷୟ ମହାନ୍ତି ହେଉଛନ୍ତି ଗାୟକ ଅକ୍ଷୟ ମହାନ୍ତି, କଟକ ଓ ଅନ୍ୟ ଜଣକ ହେଉଛନ୍ତି ଚଳଚିତ୍ର ଅଭିନେତା, ନିର୍ଦ୍ଦେଶକ ଅକ୍ଷୟ ମହାନ୍ତି, ଭୁବନେଶ୍ୱର ।

ପ୍ରଭାତ କୁମାର ପଟ୍ଟନାୟକ, ଭଞ୍ଜନଗର, ଗଞ୍ଜାମ ।

ପ୍ର—ବହୁତ ଆନନ୍ଦିତ ହେବି, ଆପଣ ଯଦି 'ସବେରା' ଛବିରେ ହିରୋ କିରଣ କୁମାର ଓ ହିରୋଇନ୍ ରେହେନା ସୁଲତାନଙ୍କ ଠିକଣା ଜଣାଇ ପାରିବେ ।

ଉ—କିରଣ କୁମାର—Jivan Kiran. S. V. Road Bandra,
Bombay—400 050

ରେହେନା ସୁଲତାନା—'Par Chaivan' Turner Royal Lane, Juhu,
Bombay—400 054

ଶୋଭ ଚନ୍ଦ୍ର ପଟ୍ଟନାୟକ, ଅପନା ପାତ୍ର ସାହି, ବ୍ରହ୍ମପୁର, ଗଞ୍ଜାମ ।

ପ୍ର—'ଜୀବନ ସାଥୀ' ଖୋଜି ଖୋଜି 'ସମୟ'ର ବେଳାଭୂମିରେ ଦେଖାହୁଏ 'ସୂର୍ଯ୍ୟମୁଖୀ' ସହିତ । 'ସିନ୍ଦୁର ବିନ୍ଦୁ' ପିନ୍ଧି ମଧ୍ୟ ସେ ମୋର 'ବନ୍ଧନ'ରେ ନ ରହି ଶେଷରେ 'ଅନୁତାପ' କରି ମୋ ଠାରୁ 'ମୁକ୍ତି' ହେଲା । କହି ପାରିବେ କି ତା' ସହିତ ମୋର 'ପୁନର୍ମିଳନ' କେବେ ହେବ ?

Digitized by PPRACHIN, SOA

ଉ—ଅନୁତାପ ଓ ଅଭିମାନର ନିଆଁରେ ଜଳି ଜଳି ଅମଦାବାଦକୁ ଏଡ଼ାଇ ମଥାରେ ପୁଣି ଥରେ ସିନ୍ଦୂର ବିନ୍ଦୁ ପିନ୍ଧି ନିଜ ମନ ଆକାଶରେ ଆପଣଙ୍କର ସ୍ତ୍ରୀ ବା ମାନସୀ ହେବାକୁ ଭାବି ହାତରେ ରକ୍ତ ଗୋଲାପ ଓ ଫୁଲ ଚନ୍ଦନ ଧରି ଅନୁରାଗ ମନରେ ଆପଣଙ୍କୁ ସେ ସୁନା ସଂସାର ତୋଳିବା ପାଇଁ ଶେଷ ଶ୍ରାବଣର ସନ୍ଧ୍ୟାରେ ଭେଟିବ ନିଶ୍ଚୟ। ସେହିଦିନ ହେବ ଆପଣଙ୍କର ମନର ଅଭିନେତ୍ରୀ ସୂର୍ଯ୍ୟମୁଖୀ ସହିତ ପୁନର୍ମିଳନ ।

କ୍ଷେତ୍ର ମୋହନ ସେଠୀ, ସଲମପୁର, ଜଗତସିଂପୁର, କଟକ ।

ପ୍ର—ବାର୍ଦ୍ଧକ୍ୟ ମୃତ୍ୟୁର ସନ୍ଦେଶ ଆଣେ, ତେବେ ପ୍ରେମ ?

ଉ—ପ୍ରେମ ଆଣେ ଜୀବନରେ ବଂଚିବାର ନୂତନ ମାଦକତା, ସବୁଜ ସ୍ୱପ୍ନ । ଆଶା ଆକାଂକ୍ଷା ଆଗାମୀ ଯୁଗର ନୂତନତ୍ୱର ସନ୍ଧାନ ପାଇଁ ।

ବିଜୟ କୁମାର ଦାସ, କାଳିକା ପୁର, ବାରିପଦା ।

ପ୍ର—ମୁଁ ଗୋଟିଏ ବାଳିକାକୁ ମୋର ଭଉଣୀ ବୋଲି ଭାବିଲି । କିନ୍ତୁ ସେ ମୋତେ ଭାଇ ବୋଲି ଗ୍ରହଣ ନ କରି ଅନ୍ୟ ଅର୍ଥରେ ଗ୍ରହଣ କରୁଛି । ତାହେଲେ ମୁଁ କ'ଣ କରିବି ?

ଉ—ବାଳିକାଟି ଯଦି ଆପଣଙ୍କ କଥାରେ ରାଜି ନୁହନ୍ତି, ତାହେଲେ ଆପଣ ତାଙ୍କ ଅର୍ଥରେ ରାଜି ହେଲେ କ୍ଷତି କ'ଣ ?

ପ୍ରମୋଦ କୁମାର ସ୍ୱାଇଁ, ଗୋବର୍ଦ୍ଧନପୁର, ପିପିଲି, ପୁରୀ ।

ପ୍ର—ଅଭିନେତା ତଥା ନିର୍ଦ୍ଦେଶକ ପ୍ରଶାନ୍ତ ନନ୍ଦଙ୍କର ପ୍ରଥମ ଚଳଚିତ୍ର ନାମ ଜଣାଇବେ କି ?

ଉ—ନୂଆବୋଉ ଚିତ୍ରରେ ସେ ପ୍ରଥମ ଅଭିନୟ ଜୀବନ ଆରମ୍ଭ କରିଥିଲେ ।

ଅଭିନନ୍ଦନ ଜଣାଉଛୁ :

## ଶାନ୍ତି ରେଡ଼ିଓ ସର୍ଭିସ୍

## ପୁରୁଣା ଭୁବନେଶ୍ୱର, ଚଳବଜାର

ସମସ୍ତ ପ୍ରକାରର ରେଡ଼ିଓ, ରେଡ଼ିଓଗ୍ରାମ, ଆଁମ୍ପଲ ଫେୟାର ସୁଲଭ ଦରରେ ମରାମତି କରାଯାଏ । ବିବାହ, ବ୍ରତ ଆଦି କାର୍ଯ୍ୟରେ ଏବଂ ଯାତ୍ରା ନାଟକ ପ୍ରଭୃତି ମଞ୍ଚସ୍ଥ ପାଇଁ ସୁଲଭ ମୂଲ୍ୟରେ ମାଇକ୍ ଯୋଗାଇ ଦିଆଯାଏ । ଆପଣଙ୍କ ମନରୁଚି ରେକର୍ଡ଼ ମଧ୍ୟ ଆମ ନିକଟରେ ରହିଛି ।

Digitized by PPRACHIN, SOA

# ପରିଚୟ ପରିକ୍ରମା

## କୁମାରୀ ମମତା ସୁବୁଦ୍ଧି

କୁମାରୀ ମମତାଙ୍କର ସଙ୍ଗୀତ କଳା ପ୍ରତି ଖୁବ୍ ଆଗ୍ରହ । ମା' ଭଗବତୀଙ୍କର ପୀଠ ବାଣପୁରରେ ୧୯୬୬ ମସିହାରେ ତାଙ୍କର ଜନ୍ମ । ତାଙ୍କର ପିତା ସୁନା ସଂସାର ଚିତ୍ରର ଅନ୍ୟତମ ପ୍ରଯୋଜକ ଶ୍ରୀଯୁକ୍ତ ଭଜଗୋବିନ୍ଦ ସୁବୁଦ୍ଧି । ସବୁବେଳେ ପାଠପଢ଼ା ପ୍ରତି ତାଙ୍କର ମନୋନିବେଶ ପାଇଁ ସମସ୍ତେ ତାଙ୍କୁ ଭଲପାଆନ୍ତି । ବର୍ତ୍ତମାନ ସେ କଟକର ରେଭେନ୍‌ସା ଗାର୍ଲସ୍ ହାଇ-ସ୍କୁଲରେ ନବମ ଶ୍ରେଣୀରେ ଅଧ୍ୟୟନରତା । ଓଡ଼ିଆ ପତ୍ର ପତ୍ରିକା ପଢ଼ିବାକୁ, ଗଳ୍ପ ଓ ଉପନ୍ୟାସ ବହି ମଧ୍ୟ ପଢ଼ିବାକୁ ଭଲ ପାଆନ୍ତି । ତାଙ୍କର ମା' ସୁଗୃହିଣୀ ଶ୍ରୀମତୀ କେ. ସୁଶୀଳା ସୁବୁଦ୍ଧିଙ୍କର ସୁଚରିତର ପ୍ରଭାବ କୁମାରୀ ମମତାଙ୍କଠାରେ ଦେଖାଯାଏ ।

## ଅଭିନେତା ଶ୍ରୀ ରମାକାନ୍ତ ସ୍ୱାଇଁ

ଓଡ଼ିଆ ନାଟ୍ୟ ଜଗତର ବିଶିଷ୍ଟ ଶିଳ୍ପୀ ରଜନୀକାନ୍ତ ସ୍ୱାଇଁଙ୍କର ସାନ ଭାଇ ଶ୍ରୀ ରମାକାନ୍ତ ସ୍ୱାଇଁ । ବାଲ୍ୟ କାଳରୁ ନାଟ୍ୟ କଳା ପ୍ରତି ତାଙ୍କର ଅନେକ ଆଗ୍ରହ ଏବଂ ଛୋଟ ଛୋଟ ଭୂମିକାରେ ସେ ଅବତୀର୍ଣ୍ଣ ହୋଇ ଆସୁଥିଲେ । ମାତ୍ର ବିଭିନ୍ନ ଜଞ୍ଜାଳ ମଧ୍ୟରେ ଅଭିନୟ ନ କରୁଥିଲେ ମଧ୍ୟ ଚଳଚ୍ଚିତ୍ର ଦେଖିବା ଏବଂ ଓଡ଼ିଆ କଳାକାରଙ୍କୁ ଉତ୍ସାହ ଦେବାରେ ତାଙ୍କର ଆଗ୍ରହ ନିରବଚ୍ଛିନ୍ନ ରହିଛି । ତାଙ୍କର ଜୀବନ କାଳ ମଧ୍ୟରେ ସେ ସର୍ବଦା କଳାର ଉନ୍ନତି ପାଇଁ ଚେଷ୍ଟା କରି ଆସିଛନ୍ତି ଏବଂ ପ୍ରତ୍ୟେକ ଓଡ଼ିଆ କଳାକାରଙ୍କୁ ସମ୍ମାନ ଦିଅନ୍ତି ।

Digitized by PPRACHIN, SOA

## ଶ୍ରୀ ଅଚ୍ୟୁତାନନ୍ଦ ମୁଦୁଲି

ଜଣେ ହାସ୍ୟ ଅଭିନେତା ରୂପେ ଶ୍ରୀ ମୁଦୁଲି ବେଶ୍ ପରିଚିତ । ତାଙ୍କର ଜୀବନ କାଳ ମଧ୍ୟରେ ସେ ୩୫/୪୦ଟି ନାଟକରେ ହାସ୍ୟ ଭୂମିକାରେ ସୁନାମ ଅର୍ଜନ କରିବା ସଙ୍ଗେ ସଙ୍ଗେ ଦୁଇ ତିନିଟି ଓଡ଼ିଆ ଚିତ୍ରରେ ହାସ୍ୟ ଭୂମିକା ପାଇଁ ସୁଯୋଗ ପାଇଛନ୍ତି । ଓଡ଼ିଆ ଚିତ୍ରରେ ସୁଯୋଗ ପାଇଲେ ସେ ତାଙ୍କର ପ୍ରତିଭା ବିକଶିତ ପାଇଁ ଆଗଭର ହୋଇ ବାହାରି ଆସିବେ । ଏବେ ସେ ଉତ୍କଳ ମହା ବିଦ୍ୟାଳୟରେ ଚାକିରୀ କରୁଛନ୍ତି ।

## ଶ୍ରୀ ଚିତ୍ତରଞ୍ଜନ ଦେ ( ଲୁଲୁ )

ଜଣେ କ୍ଷୁଦ୍ର ଗଳ୍ପ, କବିତାର ସ୍ରଷ୍ଟା ବ୍ୟତୀତ ଶ୍ରୀ ଦେ ମଧ୍ୟ ଏକ ବିଶିଷ୍ଟ କଳାକାର ରୂପେ ପ୍ରଶଂସିତ । ପତ୍ର ପତ୍ରିକା ପାଇଁ ତାଙ୍କର କବିତା, ଗଳ୍ପ ଲେଖା ଯେପରି ଅବ୍ୟାହତ, ସେହିପରି ଚିତ୍ର ନାଟ୍ୟ ଅଭିନୟ ପ୍ରତି ମନିତା ଚେଷ୍ଟିତ । ବର୍ତ୍ତମାନ ସେ ପଶୁ ଚିକିତ୍ସା ବିଜ୍ଞାନର ଛାତ୍ର । ଜଣେ ପ୍ରତିଷ୍ଠିତ କଳାକାର ନ ହେଲେ ବି ଜଣେ ପ୍ରଶଂସିତ କଳାକାର ।

## ଶ୍ରୀ ମହେନ୍ଦ୍ର କୁମାର ନନ୍ଦ

୧୯୫୦ ମସିହା ଭୁବନେଶ୍ୱର ନିକଟସ୍ଥ ସୁନ୍ଦରପଦା ଗ୍ରାମରେ ତାଙ୍କର ଜନ୍ମ । ବାଲ୍ୟ କାଳରୁ ସାହିତ୍ୟ ସଂସ୍କୃତି ପ୍ରତି ତାଙ୍କର ଅଶେଷ ଆଗ୍ରହ । ବିଭିନ୍ନ ରଙ୍ଗମଞ୍ଚ ଦ୍ୱାରା ଅଭିନୀତ କର୍ଣ୍ଣବଧ, ଚୋବର ଗୋଟେଇ, ପତିତପାବନ ଜଗନ୍ନାଥ, ଅଭିମନ୍ୟୁ ବଧ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ପ୍ରଭୃତି ନାଟକରେ ସେ ଅଭିନୟ କରି ପ୍ରଶଂସିତ ହୋଇଛନ୍ତି । ବର୍ତ୍ତମାନ ସେ ଚଳଚିତ୍ରରେ ଅଭିନୟ କରିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି । ଏହା ବ୍ୟତୀତ ଶ୍ରୀ ନନ୍ଦ କେତେକ ନାଟକରେ ମଧ୍ୟ ନିର୍ଦ୍ଦେଶନା ଦେଇଛନ୍ତି । ତାଙ୍କର ଉତ୍ତରୋତ୍ତର ବୃଦ୍ଧି ହେଉ ଏହା ବାଣୀଚିତ୍ରର କାମନା ।

Digitized by PPRACHIN, SOA

## ଶ୍ରୀ ରଜନୀ କାନ୍ତ ସ୍ୱାଇଁ

ଜଣେ ତରୁଣ ଶିଳ୍ପୀ ତଥା ଅଭିନେତା ରୂପେ ଶ୍ରୀ ସ୍ୱାଇଁ ପରିଚିତ । ତାଙ୍କର ପିତା ସ୍ୱର୍ଗତ ଲଳିତର ସ୍ୱାଇଁ ମଧ୍ୟ ଜଣେ ବିଶିଷ୍ଟ ନୃତ୍ୟ ଶିଳ୍ପୀ ରୂପେ ପରିଚିତ ଥିଲେ । ବିଗତ ପାଞ୍ଚ ବର୍ଷ ମଧ୍ୟରେ ଶ୍ରୀ ସ୍ୱାଇଁ ପ୍ରାୟ ଶହେରୁ ଅଧିକ ନାଟକରେ ଅଭିନୟ କରିଛନ୍ତି । ବିଭିନ୍ନ ଅଭିନୟ କଳା କୌଶଳ ଯୋଗୁଁ ସେ ଅନେକବାର ସିଲ୍‌ଡ୍, କପ୍ ଏବଂ ମେଡ଼ାଲ ପ୍ରଭୃତି ପାଇବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ତାଙ୍କର ପ୍ରଶଂସନୀୟ ବ୍ୟକ୍ତିତ୍ୱ ଏବଂ ମେଳାପୀ ଯୋଗୁଁ ସେ ସର୍ବଦା ପ୍ରଶଂସିତ । ଫିଲ୍ମରେ ଅଭିନୟ ପାଇଁ ସେ ବର୍ତ୍ତମାନ ଲକ୍ଷ୍ୟ ସ୍ଥିର କରିଛନ୍ତି ।

## ଶ୍ରୀ ସଂବିତ କୁମାର ଦାସ (ବାପୁନି)

ଏ କୁନ୍‌ମୁନ୍ ପିଲାଟି କିଏ ? ତା' ଆଖିର ଜ୍ୟୋତିରେ ଅନେକ ଚପଳ ସ୍ୱପ୍ନର ସମ୍ମିଳିତ ରଙ୍ଗ । ଗାର୍ଲ୍ସ ସୁବୋଧ ଦାସଙ୍କ ଗେହ୍ଲା ପୁଅ 'ସଂବିତ' । ଶ୍ରଦ୍ଧାରେ ସମସ୍ତେ ଡାକନ୍ତି ବାପୁନି ବୋଲି । ବୟସ ମାତ୍ର ତିନି, କିନ୍ତୁ ତା' ଚପଳ ମୁଖର ଶିଶୁ ସୁନା ସଂସାର ଭିତରେ ସେ ଅନେକ କର୍ମ-ତତ୍ପର । ରେଡ଼ିଓରୁ ଶିଶୁସଂସାର ଶୁଣିବା, ବିଜ୍ଞାପନ କାର୍ଯ୍ୟକ୍ରମକୁ ଦରେଟି ଭାଷାରେ ନକଲ କରିବା, ବାପା ମା' ତଥା ଅନ୍ୟାନ୍ୟ ପରିଚିତ ଆତ୍ମୀୟଙ୍କୁ ବିଭିନ୍ନ ଶିଶୁସୁଲଭ ପ୍ରଶ୍ନରେ ଅସ୍ଥିର କରିବା ତା'ର ନିତି ଦିନଆ କାମ । ଯଥା :—ପଞ୍ଜାବି ଲୋକେ ମୁଣ୍ଡରେ ଠେକା କାହିଁକି ବାନ୍ଧନ୍ତି ? ନ ବାନ୍ଧିଲେ କ'ଣ ହେବ ? ସର୍କସରେ ଖେଳ ଦେଖାଉଥିବା ଝିଅମାନେ କାହିଁକି ଲୁଗା ପିନ୍ଧି ନାହାନ୍ତି ? ବାପାଙ୍କ ମୁହଁରେ ଦାଢ଼ି ଅଛି, ମାଆ ମୁହଁରେ କାହିଁକି ନାହିଁ ? ଇତ୍ୟାଦି । ଏତିକି ନୁହେଁ, ତା'ର ସାଙ୍ଗ ବାବୁଲି, ଝୁନୁ, ବିଞ୍ଚି ଇତ୍ୟାଦିଙ୍କୁ ସାଇକେଲରେ ବସାଇ ବୁଲାଇବା ମଧ୍ୟ ତା'ର ଅନ୍ୟ ଏକ ହବିଟ୍ । ବାପୁନି ବଡ଼ ମଣିଷ ହୋଇ ନା' ରଖୁ । ଏତିକି ଆମର କାମନା ।

Digitized by PPRACHIN, SOA

## ଶ୍ରୀ ତ୍ରିଲୋଚନ ମହାନ୍ତି

ଶ୍ରୀ ତ୍ରିଲୋଚନ ମହାନ୍ତି ପିଲଟି ଦିନରୁ କଳା ପ୍ରତି ବିଶେଷ ଭାବରେ ଆକୃଷ୍ଟ । ୧୯୭୬ ମସିହାରେ ମାଟ୍ରିକ୍ ପାଶ୍ କରି ବର୍ତ୍ତମାନ ଭୁବନେଶ୍ୱର ସରକାରୀ ସାନ୍ଧ୍ୟ କଲେଜର ୨ୟ ବର୍ଷରେ ପଢ଼ୁଛନ୍ତି । ଲେଖାଲେଖି ତଥା ଅଭିନୟ ଦିଗରେ ତାଙ୍କର ଆଗ୍ରହ ରହିଛି । ବାଣୀଚିତ୍ରର ଜଣେ ନିୟମିତ ପାଠକ ଏବଂ ବର୍ତ୍ତମାନ ଶିଶୁ ପତ୍ରିକା 'ବିଲୁଆ ନନା'ର ସହଯୋଗୀ ସମ୍ପାଦକ ଅଛନ୍ତି । ଶ୍ରୀ ତ୍ରିଲୋଚନ ମହାନ୍ତି ବାଣୀଚିତ୍ରର ହିନ୍ଦି ଚଳଚ୍ଚିତ୍ର ବିଭାଗର ଜଣେ ନିୟମିତ ଲେଖକ ।

## ଶ୍ରୀ ଉମାକାନ୍ତ ଜେନା

ଆଜକୁ ତ୍ରିଶ ବର୍ଷ ତଳେ ବାଲେଶ୍ୱର ଜିଲ୍ଲାର ଉଇଜିକିରି ଗ୍ରାମର ଶ୍ରୀ ଭୋଳାନାଥ ଜେନା ଓଡ଼ିଶାର ଜଣେ ସୁଗାୟକ ଭାବରେ ଓଡ଼ିଶା ତଥା ଓଡ଼ିଶା ବାହାରେ ମଧ୍ୟ ନିଜର କଳା ପ୍ରଦର୍ଶନ କରି ଜଣେ ସୁଖ୍ୟାତ କଳାକାର ଭାବରେ ଖ୍ୟାତି ଅର୍ଜନ କରିଥିଲେ । ତାଙ୍କ ବଡ଼ ପୁଅ ଶ୍ରୀ ଉମାକାନ୍ତ ଜେନା ସ୍ୱୀ ପିତାଙ୍କର ଜଣେ ଉପଯୁକ୍ତ ଦାୟାଦଭାବରେ କଳା କ୍ଷେତ୍ରରେ ମଧ୍ୟ ଉପଯୁକ୍ତ ପାରିପାର୍ଶ୍ୱିକ ପରିସ୍ଥିତିର ଅଭାବରୁ ବଣର ମଲ୍ଲୀ, ବଣରେ ଫୁଟି, ବଣରେ ଝଡ଼ି ପଡ଼ିବା ଭଳି ଲୋକଙ୍କ ଲୋଚନକୁ ଆସି ପାରି ନାହାନ୍ତି । ଛାତ୍ରାବସ୍ଥାରୁ ଶ୍ରୀମାନ୍ ଜେନା ରଙ୍ଗମଞ୍ଚ ପ୍ରତି ଆକୃଷ୍ଟ ହୋଇ ଆଜି ସୁଦ୍ଧା ରଙ୍ଗମଞ୍ଚର ଜଣେ ସୌଖୀନ ଅଭିନେତା ଭାବରେ ନିଖୁଣ ଅଭିନୟ କରି ବହୁ ଦର୍ଶକଙ୍କର ପ୍ରିୟଭାଜନ ହୋଇ ପାରିଛନ୍ତି ।

Digitized by PPRACHIN, SOA

# ଶ୍ରୀ ସୁରେନ୍ଦ୍ର ସାହୁ

ଜଣେ ଅବହେଳିତ କଳାକାର । ନାଟକ, ସଙ୍ଗୀତ ପ୍ରତ୍ୟେକ କ୍ଷେତ୍ରରେ ତାଙ୍କର ଅଭିଜ୍ଞତା ଅନୁଭବ କଲେ ଆଶ୍ଚର୍ଯ୍ୟ ଲାଗେ—କିନ୍ତୁ ବଣର ମଲ୍ଲୀ ପରି ନିଜର ସୁରଭିରେ ସେ ସୁରଭିତ । ନାଟକ ଓ ଚଳଚ୍ଚିତ୍ର ଶିଳ୍ପରେ ବୈଚିତ୍ର୍ୟକ ଅଭିଜ୍ଞତା ହାସଲ ପାଇ ଭଞ୍ଜନଗର୍ ବନ୍ଦେଦା ଏଁ ଦୌଡ଼ିଛନ୍ତି; —ତଥାପି ସେ ଆଜି ଅପରିଚିତ । ବିଶେଷ କରି ମନ୍ମଥ ବାବୁଙ୍କ ରଚିତ ଜୀଅନ୍ତା ଶବ, ଅଭିର ମଣିଷ, ଯୌବନ ତୀର୍ଥ ଓ ସତ୍ୟମେବ ଜୟତେରେ ତାଙ୍କର ଅଭିନୟ ବିଶେଷ ଉଲ୍ଲେଖଯୋଗ୍ୟ । ଭଞ୍ଜନଗର ନିକଟବର୍ତ୍ତୀ ନିମପଦରସ୍ଥ ବିଶିଷ୍ଟ ବ୍ୟକ୍ତି ଶ୍ରୀ ଉଦୟନାଥ ସାହୁଙ୍କ ସେ ଜ୍ୟେଷ୍ଠପୁତ୍ର ।

ଏ ରୂପ ଏ ଠାଣି,
ଏ ବେଶ
ଏ ଚାହାଣି
କୋଟି ମନ
ନେବ କିଣି

ଏକ ବିଶେଷ ନୃତ୍ୟ ଭଙ୍ଗୀରେ ଆଖିର ପ୍ରୀତିର ଇସାରା ଦେଇ.....

**କୁମାରୀ**

**ଶରତ ପ୍ରିୟା**

**ପାଢୋଷୀ**

Digitized by PPRACHIN, SOA

# ଅଭିନେତା ନାଟ୍ୟକାର ଶ୍ରୀ କ୍ଷୀରୋଦ ଚନ୍ଦ୍ର ରାୟ

ନିଜର କର୍ମମୟ ଜୀବନର ଅବସର ସମୟରେ ଯେଉଁ କେତେକ କଳାକାର ଓଡ଼ିଶାର ସୌଖୀନ ମଞ୍ଚରେ ଅଭିନୟ କରନ୍ତି, ଶ୍ରୀ ରାୟ ସେମାନଙ୍କ ମଧ୍ୟରୁ ଅନ୍ୟତମ । ଭୁବନେଶ୍ୱରର ଲୋକପ୍ରିୟ ନାଟ୍ୟାନୁଷ୍ଠାନ ଫ୍ରେଣ୍ଡସ୍ ଚ୍ୟାରୀଟି କ୍ଲବର ସେ ଜଣେ ପୁରାତନ ସକ୍ରିୟ ସଭ୍ୟ । ସେ ନିରବଚ୍ଛିନ୍ନ ଭାବରେ ଏହି କ୍ଲବର ସମସ୍ତ କାର୍ଯ୍ୟ ତୁଲାଉଥିବା ସଙ୍ଗେ ସଙ୍ଗେ କ୍ଲବ ଦ୍ୱାରା ପରିବେଷିତ ନାଟକରେ ଅଭିନୟ ଓ ନିର୍ଦ୍ଦେଶନା ମଧ୍ୟ ଦେଇ ଆସିଛନ୍ତି । କେବଳ ଏହି କ୍ଲବ ନୁହେଁ ଭୁବନେଶ୍ୱର ଆଖପାଖ ସାଂସ୍କୃତିକ ଅନୁଷ୍ଠାନରେ ସେ ନାଟ୍ୟ ନିର୍ଦ୍ଦେଶନା ଦେଇ ପ୍ରଶଂସିତ । ଜଣେ ସ୍ପଷ୍ଟବାଦୀ, ମେଳାପୀ ବ୍ୟକ୍ତି ଶ୍ରୀ ରାୟ ଦୀର୍ଘ ଦିନ ଧରି ସରକାରୀ ଚାକିରୀର ଦାୟିତ୍ୱ ତୁଲାଇ ଏବେ ଅବସର ଗ୍ରହଣ କରିଛନ୍ତି । ଅବସର ଗ୍ରହଣ ପରେ ମଧ୍ୟ ସେ ବେଶ୍ ସତେଜ ଓ କର୍ମଠ ଅଛନ୍ତି । ଓଡ଼ିଆ ଚଳଚ୍ଚିତ୍ର, ଓଡ଼ିଆ ରଙ୍ଗମଞ୍ଚର କ୍ରମ ବିକାଶ ପ୍ରତି ସବୁବେଳେ ତାଙ୍କର ଲକ୍ଷ୍ୟ ରହିଛି ।

With best compliments from

## GOURI WATCH CO.

**BAPUJI NAGAR, BHUBANESWAR-9**

One of the most reliable, repairing centre and Order Supplier for all types of New Watch. Time Piece, Wall Clocks.

Prop—NIRANJAN PANDA
Phone-53644

Digitized by PPRACHIN, SOA

# ଏ ବର୍ଷର
# ଶ୍ରେଷ୍ଠ ଆବିଷ୍କାର

ଶିଶୁ ଶିଳ୍ପୀ ମାଷ୍ଟର ପିଣ୍ଟୁ
ଓ
ଖଳ ନାୟକ
ବିଜୟ ମହାନ୍ତି

●

ଯେ କୌଣସି ଭବତୀୟ ଛାତ୍ର ଚହିଦ୍ୟ ରେମାଞ୍ଚ ଏଜୀ ଚଳଚ୍ଚିତ୍ରର କାହାଣୀ ପାଇଁ ଏ କାହାଣୀ ଅଦୌ ନ୍ୟୁନ ନୁହେଁ । ଏକ ଚରିତ୍ର ଅଭିନେତା, ତହିଁଯାଦର୍ଶ ଓ ମନୋରଞ୍ଜକ ସଫଳ ଓଡ଼ିଆ ଚିତ୍ର

ଓଡ଼ିଆ
ଚଳଚ୍ଚିତ୍ର ର
ଏକ ବିସ୍ମୟ

୧୦୦ ଦିନ ପ୍ରତୀକ୍ଷାରେ···ପୂର୍ଣ୍ଣ ପ୍ରେକ୍ଷାଳୟରେ କଟକର
'ହିନ୍ଦ'ରେ ଆଗେଇ ଚାଲିଛି

ବ୍ରଜରାଜ ମୁଭିଜ୍, ହରିପୁର ରୋଡ଼, କଟକ-୧
Phone No. 24824


Digitized by PPRACHIN, SOA

# ଓଡ଼ିଆ ଚଳଚ୍ଚିତ୍ରର ଏକ ଚମକପ୍ରଦ

# ମାଇଲ ସ୍ତମ୍ଭ ନାଗଫାଶ

## ଶ୍ରୀ ବ୍ରଜ କିଶୋର ମହାନ୍ତି

ଓଃ ସେମାନେ ଆସି ପହଞ୍ଚି ଗଲେଣି । କେତେ ଦୁର୍ଗମ ବଣ ଜଙ୍ଗଲ, ପାହାଡ଼, ପ୍ରାନ୍ତର ଡେଇଁ ଡେଇଁ, ଅଣନିଃଶ୍ୱାସୀ ହୋଇ ଛୁଟି ଆସି ଛନ୍ତି ସେମାନେ । କିନ୍ତୁ ଏ ପୁଣି କ'ଣ ? ଏଇ ବନ ଦେବୀଙ୍କ ପ୍ରତିମୂର୍ତ୍ତି ସାମନାରେ ଥକ୍କା ମାରି ରହି ଚାହିଁଛନ୍ତି କାହିଁକି ସେମାନେ ? ଓଃ ପଥ କାହିଁ ? ଏ ପଥର ଶେଷ କେଉଁଠି ? କିନ୍ତୁ କ୍ଷଣିକ ମାତ୍ର- ଏ ଗତିର ସମାପ୍ତି ବା କେଉଁ-ବେଳେ ?

ବିଶ୍ୱସ୍ତ ଶିକାରୀ, ଚତୁର ଅଲ୍‌ସେସିଆନ କୁକୁର ଆବାକାବା ହୋଇ ବାଟ ବଣା ହୋଇ ଯାଉଛି । ଆଃ, ଏ ଅଜଣା ପଥର ସନ୍ଧାନ ଦେବ ବା କିଏ ? ଡାକ୍ତର ଗୌତମ, ଶାନ୍ତିପୁର କାରଖାନାର ସାହସୀ ଶ୍ରମିକ ନେତା ପ୍ରଭୃତି ଥକ୍କା ମାରି ଯାବରେଇ ଗଲେଣି ।

କିନ୍ତୁ ଆଶ୍ଚର୍ଯ୍ୟ ସେ ଚତୁର କୁକୁରଟି ଏଣେ ତେଣେ ଖୋଜିଲା ଆଖିରେ କ'ଣ ଚାହିଁ, ଅଂଖ ପାଖରେ ମାଟି ଆଉ ବଣବୁଦା ବାରି ହଠାତ୍ ବନଦେବୀଙ୍କ ପଛ ପଟର ଏକ ଅନ୍ଧକାର ଗହ୍ୱର ଭିତରକୁ କୁଦି ପଡ଼ିଲା । ସଙ୍ଗେ ସଙ୍ଗେ ଲମ୍ଫ ଦେଲେ ସେଇ ଅନ୍ଧ ଗହ୍ୱର ଭିତରକୁ ଡାକ୍ତର ଗୌତମ ଶ୍ରମିକ ନେତା ପ୍ରଭୃତି ।

ଆଉ ଏଣେ ?

....ହା.....ହା.....ହା ....। ଚମ୍ପା, ତମର ଦୁର୍ଭାଗ୍ୟ ଯେ, ତମେ ପ୍ରତାପ ପଟ୍ଟନାୟକ ପରି ଏକ ଦୁର୍ଦ୍ଦାନ୍ତର କବଳରେ ପଡ଼ି ଯାଇଛ । ଏ ନାଗଫାଶରୁ କେହି କେବେ ମୁକୁଳି ଯାଇ-ନାହାନ୍ତି । ଆଉ ତମର ଏ ଅପଚେଷ୍ଟା.....ହା.....ହା.....ହା । ଦୁର୍ଦ୍ଦାନ୍ତ, ପ୍ରତାରକ, ନିଷ୍ଠୁର ପ୍ରତାପ ପଟ୍ଟନାୟକର ହିଂସ୍ର ଆଖିରେ ଫୁଟି ଉଠିଛି ଏକ ତାନ୍ତବ ନିଷ୍ଠୁରତା । ବିଭତ୍ସ ମୁହଁରେ ଖେଳି ଯାଇଛି ପ୍ରତିହିଂସାର ନିଆଁ ।

ଦିନ ଦିନ ଧରି କେତେ ଚେଷ୍ଟା, କେତେ ଚତୁରତା, କେତେ ସତର୍କତା ଅବଲମ୍ବନ କରି ଯେଉଁ ହତଭାଗିନୀ ଚମ୍ପା, ନିରୀହା, ବିଧବା (?) ଶିଖାର ମିଳନ ଘଟାଇ ଥିଲା ପ୍ରାଣପ୍ରିୟ ସ୍ୱାମୀ ଜୟନ୍ତ ସହିତ ତାହା ନିମିଷକେ ଧୂଳିସାତ ହୋଇଗଲା ।

Digitized by PPRACHIN, SOA

ଠିକ୍ ଏତିକିବେଳେ ସେଇ ଭୟଙ୍କର ଭୂତକୋଠିର କଳଙ୍କିତ କୋଠରୀ, ନାଗଫାଶର ପ୍ରାଣ କେନ୍ଦ୍ର ଭିତରେ ପହଞ୍ଚି ଯାଇଛନ୍ତି ଡାକ୍ତର ଗୌତମ ଓ ତାଙ୍କର ବିଶ୍ୱସ୍ତ ଅନୁଚରଗଣ । ଗୌତମଙ୍କୁ ଏପରି ଅବସ୍ଥାରେ ଦେଖି ରାଗରେ ଫାଟି ପଡ଼ିଛି ପ୍ରତାପ । ତରବାରୀ ହାତରେ ଗୌତମଙ୍କୁ ସେ ଆକ୍ରମଣ କରିଛି । କିନ୍ତୁ... । ଏଇ ଘଟଣା ବହୁଳ, ସଂଘାତମୟ, ରହସ୍ୟ, ରୋମାଞ୍ଚଭରା ନାଟକର କାହାଣୀକୁ ଆମୂଳଚୂଳ ଟୁଣି ଥରେ ଲେଖି ବସି ପ୍ରିୟ ପାଠକ ପାଠିକାଙ୍କର ଧୈର୍ଯ୍ୟଚ୍ୟୁତି ଘଟାଇବାର ଆବଶ୍ୟକତା ନାହିଁ । ନାଟ୍ୟାଂଶର ସଫଳତା ପାଇଁ ଚିତ୍ର ନାଟ୍ୟକାର ଓ ନିର୍ଦ୍ଦେଶକ ବସନ୍ତ ନାୟକ ଅଜସ୍ର ଧନ୍ୟବାଦର ପାତ୍ର । ରଜେନ କିନାଗୀଙ୍କର ଆଲୋକ ଚିତ୍ର ଗ୍ରହଣ ମଧ୍ୟ ପ୍ରଶଂସାର୍ହ ।

ନାଗଫାଶର ନାଗ ଖଳ ନାୟକ ପ୍ରତାପ ପଟ୍ଟନାୟକ ଭୂମିକାରେ ପ୍ରଥମଥର ପାଇଁ ଚଳଚିତ୍ରରେ ଅବତରଣ କରିଛନ୍ତି ବିଜୟ ମହାନ୍ତି । ତାଙ୍କର ଜୀବନ୍ତ ବଳିଷ୍ଠ ଅଭିନୟ ଅତି ଉଚ୍ଚକୋଟିର । ସେହିପରି ନବନାୟିକା ମାଳବିକା କନ୍ୟା, ପ୍ରେମିକ ଏବଂ ସହଧର୍ମିଣୀ ଭୂମିକାରେ ପ୍ରଥମ ଥର ପାଇଁ ଚଳଚିତ୍ରରେ ତାଙ୍କର ନିପୁଣ ଅଭିନୟ ପ୍ରଶଂସାର୍ହ । ବିଶିଷ୍ଟ ଚିତ୍ର ତାରକା ବନଜା ମହାନ୍ତି, ପ୍ରଶାନ୍ତ ନନ୍ଦ, ଶ୍ରୀରାମ ପଣ୍ଡା, ଗୋବିନ୍ଦ ତେଜ, ଧୀର ବିଶ୍ୱାଳ ଓ ଧୀରେନ ଦାଶଙ୍କ ସ୍ୱଭାବ ସୁଲଭ ଅଭିନୟରେ ଚିତ୍ରଟି ସଫଳତାର ଗୌରବ ଶ୍ରୀ ମଣ୍ଡିତ କରିଛି ।

କିନ୍ତୁ କାହାଣୀର ବହୁ ଅଂଶ ଅତୀତ ଘଟଣାର ପ୍ରଚ୍ଛଦପଟ ( Flash back )ରେ ପର୍ଯ୍ୟବସିତ । କାହାଣୀର ଗତି ସିଧାସଳଖ ଭାବେ ଗଡ଼ି ଚାଲିଥିଲେ ନାଟକଟି ଆହୁରି ଜୀବନ୍ତ ହୋଇ ପାରିଥାନ୍ତା । ଚମ୍ପା ଓ ତା' ମା' ପାତ୍ରଙ୍କୁ ପୂରାପୂରି ଅତୀତର ପୃଷ୍ଠଭୂମିରେ ରଖିବା ସମୀଚୀନ ହୋଇନାହିଁ ।

ଓଡ଼ିଶାର ସୁପରିଚିତ, ପ୍ରବୀଣ କଣ୍ଠଶିଳ୍ପୀ ଅକ୍ଷୟ ମହାନ୍ତିଙ୍କ ସଙ୍ଗୀତ ନିର୍ଦ୍ଦେଶନା ମଧ୍ୟ ଅତି ଉଚ୍ଚକୋଟୀର । ବିଭିନ୍ନ ପରିବେଶ ଓ ପରିସ୍ଥିତି ଭିତରେ "ମୋ କୋଳ ତୋ ଝୁଲଣା ତୋ ଆଖି ମୋ ଅଇନା" "ଟିକି ଟିକି ଟିକି ଟିକି ଘଣ୍ଟା ବାଜେ" ଓ "ନାଥ ନାଥ, ହେ ନାଥ ମୋର ପ୍ରାଣନାଥ", "ଏ ରାତି ପାହିବ କେବେ" ପ୍ରଭୃତି ସଙ୍ଗୀତ ଗୁଡ଼ିକ ଅକ୍ଷୟ ମହାନ୍ତିଙ୍କ ସୃଜନୀ ପ୍ରତିଭାର ସ୍ୱାକ୍ଷର ବହନ କରିଛି; କିନ୍ତୁ ଶବ୍ଦ ଗ୍ରହଣରେ ତ୍ରୁଟି ଥିଲା ପରି ପରିଲକ୍ଷିତ ହୁଏ । ବେଳେ ବେଳେ ସଙ୍ଗୀତ ଗୁଡ଼ିକ ଓ କେତେକ ସଂଳାପ ସ୍ପଷ୍ଟ ଶୁଣାଯାଉ ନାହିଁ ।

ମୋଟ ଉପରେ କାହାଣୀ, ଚିତ୍ରନାଟ୍ୟ, ନୃତ୍ୟ, ଅଭିନେତା, ଅଭିନେତ୍ରୀ ଓ କଣ୍ଠଶିଳ୍ପୀଙ୍କ ସମ୍ମିଳିତ ପ୍ରଚେଷ୍ଟାରେ 'ନାଗଫାଶ' ଯେ ଓଡ଼ିଆ ଚଳଚିତ୍ର ଜଗତରେ ଏକ ଚମକପ୍ରଦ ମାଇଲ ସ୍ତମ୍ଭ ଏହା ନିଃସନ୍ଦେହ ।

Digitized by PPRACHIN, SOA

ଅଭିନନ୍ଦନ ଜଣାଉଛି—

## ପୁରୀ ଗାଙ୍ଗୁରାମ
## ମିଷ୍ଟାନ୍ନ ଭଣ୍ଡାର

ରାଜମହଲ ଛକ, ଭୁବନେଶ୍ୱର-୯

ଆମର କଥା ହୋଇଥିବା ଛେନାର ତିଆରି ଉତ୍କୃଷ୍ଟ ମିଷ୍ଟାନ୍ନ ପାଇବେ ଏବଂ ଠିକ୍ ସମୟରେ ଶସ୍ତା ସୁବିଧାରେ ଅର୍ଡ଼ର ସପ୍ଲାଇ କରିବା ଆମର ବିଶେଷତ୍ୱ । "ପରୀକ୍ଷା ପ୍ରାର୍ଥନୀୟ"

**Puri Gangura m Mistarnna Bhandar**

RAJMAHAL CHHAK,
BHUBANESWAR-9

---

ଖୁବ୍ ଶୀଘ୍ର ମୁକ୍ତିଲାଭ କରିବ ନୀଳକଣ୍ଠ ମୁଭିଜ୍‌ର
ପ୍ରଥମ ଅବଦାନ ଶ୍ରୀ ପୂର୍ଣ୍ଣଚନ୍ଦ୍ର କେନାଙ୍କ ପ୍ରଯୋଜିତ



ନିର୍ଦ୍ଦେଶନା--ଗଣେଶ ମହାପାତ୍ର, ସଙ୍ଗୀତ--ବାସୁଦେବ ରଥ, ଚିତ୍ରନାଟ୍ୟ ଓ କାହାଣୀ—ଡଃ ବସନ୍ତ ମହାପାତ୍ର, ଚିତ୍ର ଗ୍ରହଣ—ଦିଲ୍ଲୀପ ଦତ୍ତ, ଭୂମିକାରେ—ପ୍ରଦୀପ, ମାଳା, ଦୁଃଖୀରାମ, କେଦାର ଗୁରୁ, ଜର୍ଜ ତିଆଡ଼ି ଗଡ଼, ମଞ୍ଜୁ, ଚନ୍ଦ୍ରକଳା ପ୍ରମୁଖ । ଏକ ବିଶେଷ ଭୂମିକାରେ ହିନ୍ଦୀ ଚଳଚିତ୍ର ଜଗତର ପଦ୍ମା ଖାନ୍ନା ।

ଯୋଗାଯୋଗ—**ନୀଳକଣ୍ଠ ମୁଭିଜ୍**, ଭୁବନେଶ୍ୱର-୬
Phone—50565

Digitized by PPRACHIN, SOA